بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସାପ୍ତାହିକ ବଦର

The Weekly କାଦିଆନ

BADAR Qadian

ODIA

ସଂଖ୍ୟା 24

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

14 ଜୁନ୍ 2018    14 ଏହ୍‌ସାନ୍ 1397 ହି.ଶ    29 ରମ୍‌ଜାନ୍ 1439 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

اَلۡحَجُّ اَشۡہُرٌ مَّعۡلُوۡمٰتٌ ۚ

فَمَنۡ فَرَضَ فِیۡہِنَّ الۡحَجَّ

فَلَا رَفَثَ وَلَا فُسُوۡقَ ۙ وَلَا جِدَالَ فِی الۡحَجِّ

(198: سورۃالبقرۃ)

ଅନୁବାଦ – ହଜ୍ ମାସ ଗୁଡିକ ସମସ୍ତଙ୍କର ଜଣାଶୁଣା ଅଟେ । ସୁତରାଂ ଯେଉଁ ବ୍ୟକ୍ତି ସେହି (ମାସ) ଗୁଡିକରେ ହଜ୍ କରିବାକୁ ଦୃଢ଼ (ସଂକଳ୍ପ) କରେ ସେ (ମନେରଖୁ ଯେ) ହଜ୍ (ଦିନମାନଙ୍କ) ମଧ୍ୟରେ କୌଣସି ପ୍ରକାର ସମ୍ଭୋଗ ସମ୍ବନ୍ଧୀୟ କଥା କହିବା ବା କୌଣସି ପ୍ରକାର ଅବଜ୍ଞା କରିବା ବା କୌଣସି ପ୍ରକାର କଳହ କରିବା ଉଚିତ୍ ହେବ ନାହିଁ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

**ନିଜର ପାଂଚବେଳା ନମାଜକୁ ଏପରି ଭୟ ବିନମ୍ରତାର ସହ ପାଠ କର ଯେପରି ତୁମେ ଖୁଦାଙ୍କୁ (ସ୍ୱଚକ୍ଷୁରେ) ଦେଖୁଅଛ ଓ ନିଜର ରୋଜାକୁ ଖୁଦାଙ୍କ ନିମନ୍ତେ ନିଷ୍ଠାର ସହିତ ପୂରଣ କର । ପ୍ରତ୍ୟେକ ଯିଏ ଜକାତ୍ ଦେବାପାଇଁ ଯୋଗ୍ୟ ସେ ଜକାତ୍ ଦେଉ ଓ ଯାହା ଉପରେ ହଜ୍ ଧାର୍ଯ୍ୟ ହୋଇସାରିଛି ତାକୁ ହଜ୍ କରିବା ପାଇଁ କିଛି ବାଧକ ନହେଉ । ଅର୍ଥାତ୍ ସେ ହଜ୍ କରୁ । ପୁଣ୍ୟକୁ ଗଣ ଗଣି କରିଚାଲ ଓ କୁ କର୍ମକୁ ଅତିଷ୍ଠ ହୋଇ ପରିତ୍ୟାଗ କର ।**

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ଏ ସଂସାର ହଜାର ହଜାର ବିପତିର ସ୍ଥାନ ତା ଭିତରୁ ଗୋଟିଏ ହେଉଛି ତାଉନ୍ (ପ୍ଲେଗ୍ ରୋଗ) । ତେଣୁ ତୁମେ ଖୁଦାଙ୍କ ସହିତ ସତ୍ ବ୍ୟବହାର କର ଫଳତଃ ସେ ଉକ୍ତ ବିପତିକୁ ତୁମଠାରୁ ଦୂରେଇ ରଖିବ । କୌଣସି ବିପତି ପୃଥିବୀରେ ସୃଷ୍ଟି ହୁଏନାହିଁ, ଯେପର୍ଯ୍ୟନ୍ତ ଆକାଶରୁ ନିର୍ଦ୍ଦେଶ ନହୋଇଛି ଓ କୌଣସି ବିପତି ସେପର୍ଯ୍ୟନ୍ତ ଦୂର ହୁଏନାହିଁ, ଯେପର୍ଯ୍ୟନ୍ତ ଆକାଶରୁ କରୁଣା ଅବତୀର୍ଣ୍ଣ ନହୋଇଛି । ତେଣୁ ତୁମର ବୁଦ୍ଧିମାନୀ ଏଥିରେ ଅଛି କି ତୁମେ ଡାଳକୁ ନଧରି ମୂଳକୁ ଧର । ତୁମକୁ ଔଷଧ ବ୍ୟବହାର ଓ ଉପାୟ ଅବଲମ୍ବନ କରିବାକୁ ମନା କରାଯାଉନାହିଁ । କିନ୍ତୁ ସେ ସବୁ ଉପରେ ଭରଷା କରିବାକୁ ମନା ଓ ଶେଷରେ ତାହା ହିଁ ହେବ ଯାହା ଇଶ୍ୱରଙ୍କର ଇଛା । ଯଦି କିଏ ଶକ୍ତି ରଖିଛି ତେବେ ତଓ୍ୱକ୍କୁଲ୍ (ଇଶ୍ୱରଙ୍କ ଉପରେ ଭରଷା ରଖିବା) ରଖୁ । ଏହାର ସ୍ତର ସବୁ ସ୍ତରଠାରୁ ଉର୍ଦ୍ଧ୍ୱରେ । ତୁମପାଇଁ ଏକ ଜରୁରୀ ଶିକ୍ଷା ହେଉଛି ଏହା କି ତୁମେ ପବିତ୍ର କୋରାନ୍‌କୁ ବିୟୋଗ ଗ୍ରସ୍ତ ଭଳି ପରିତ୍ୟାଗ କରନାହିଁ । (କାରଣ) ତୁମର ଜୀବନ ଏଥିରେ ଅଛି । ଯେଉଁଲୋକେ କୋରାନ୍‌କୁ ସମ୍ମାନ ଦେବେ ସେମାନେ ଆକାଶ (ସ୍ୱର୍ଗ) ରେ ସମ୍ମାନ ପାଇବେ । ଯେଉଁ ଲୋକେ ପ୍ରତ୍ୟେକ ହଦିସ୍ ଓ ପ୍ରତ୍ୟେକ କଥନ ଉପରେ କୋରାନ୍‌କୁ ଅଗ୍ରାଧିକାର ଦେବେ ସେମାନଙ୍କୁ ସ୍ୱର୍ଗରେ ଅଗ୍ରାଧିକାର ଦିଆଯିବ । ମାନବଜାତି ପାଇଁ ଏ ଭୂପୃଷ୍ଠରେ ଏବେ କୌଣସି (ଐଶୀ) ପୁସ୍ତକ ନାହିଁ କିନ୍ତୁ (କେବଳ) କୋରାନ୍ । ଓ ସମଗ୍ର ମାନବଜାତି ପାଇଁ ଏବେ କୌଣସି ରସୁଲ୍ ଓ ଶଫିଇ (ସୁପାରିଶ କର୍ତା) ନାହାଁନ୍ତି କିନ୍ତୁ (କେବଳ) ମୁହମ୍ମଦ୍ ମୁସ୍ତଫା ସ:ଆ:ସ । ତେଣୁ ତୁମେ ଚେଷ୍ଟା କର କି ସତ୍ୟନିଷ୍ଠାର ପ୍ରେମ ସେହି ପ୍ରତାପି ଓ ବୈଭବପୂର୍ଣ୍ଣ ମହାନ୍ ନବୀଙ୍କ ସହିତ ରଖ ଓ ଅନ୍ୟ କାହାକୁ ତାଙ୍କ ଉପରେ କୌଣସି ପ୍ରକାରର ମଧ୍ୟ ଅଗ୍ରାଧିକାର ଦିଅନାହିଁ । ଫଳତଃ ଆକାଶରେ ତୁମର ନାମ ମୋକ୍ଷ ପ୍ରାପ୍ତ କରିଥିବା ଲୋକମାନଙ୍କ ମଧ୍ୟରେ ଲେଖାଯିବ ଓ ମନେରଖ କି ନଜାତ୍ (ମୋକ୍ଷ) ତାହା ନୁହେଁ ଯାହା ମୃତ୍ୟୁ ପରେ ପ୍ରକାଶ ହୋଇଥାଏ । ବରଂ ବାସ୍ତବିକ ନଜାତ୍ ହେଉଛି ତାହା ଯିଏ ଏ ଦୁନିଆରେ ନିଜର ଆଲୋକ ଦେଖାଇଥାଏ । ନଜାତ୍ ୟାଫ୍‌ତା (ମୋକ୍ଷପ୍ରାପ୍ତକାରୀ) ବ୍ୟକ୍ତି କିଏ ? ସେ ଯିଏ ଏ ବିଶ୍ୱାସ ରଖିଛି କି ଖୁଦା (ଇଶ୍ୱର) ହେଉଛନ୍ତି ସତ୍ୟ ଓ ମୁହମ୍ମଦ୍ ସ:ଆ:ସ ଇଶ୍ୱର ଓ ସମସ୍ତ ସୃଷ୍ଟଜଙ୍କ ମଧ୍ୟରେ ମଧ୍ୟବର୍ତୀ ସୁପାରିଶକର୍ତା ଅଟନ୍ତି ଓ ଆକାଶତଳେ ନା ତାଙ୍କ ସମକକ୍ଷ ଆଉ କୌଣସି ରସୁଲ୍ ଅଛନ୍ତି ନା ପବିତ୍ର କୋରାନ୍‌ର ସମକକ୍ଷ କୌଣସି ପୁସ୍ତକ ଅଛି । ଆଉ କାହାପାଇଁ ଇଶ୍ୱର ଚାହିଁଲେ ନାହିଁ କି ସେ ସଦାସର୍ବଦା ପାଇଁ ଜିବୀତ ରୁହନ୍ତୁ । ମାତ୍ର ଏହି ସର୍ବଶ୍ରେଷ୍ଠ ଓ ଉତମ ନବୀ ସଦାସର୍ବଦା ପାଇଁ ଜିବୀତ ଅଛନ୍ତି ଓ ସେ ସଦାସର୍ବଦା ଜୀବିତ ରହିବା ପାଇଁ ଇଶ୍ୱର ଏହି ମୂଳଦୁଆ ପକାଇଛନ୍ତି କି ତାଙ୍କ ଶରୀୟତ୍‌ର ଅନୁଗ୍ରହ ଓ ଆଧ୍ୟାତ୍ମିକତାକୁ କୟାମତ୍ (ମହାପ୍ରଳୟ) ପର୍ଯ୍ୟନ୍ତ ଜାରି ରଖଛନ୍ତି । ପରିଶେଷରେ ତାଙ୍କରି ଆଧ୍ୟାତ୍ମିକ ଅନୁଗ୍ରହରୁ ଏହି ମସିହ୍ ମଉଦ୍‌ଙ୍କୁ ସଂସାରରେ ପ୍ରେରଣ କଲା । ଯାହାଙ୍କ ଆଗମନ ହେବା ଦ୍ୱାରା ଇସ୍‌ଲାମୀୟ ଅଟ୍ଟାଳିକାର ସମ୍ପୂର୍ଣ୍ଣତା ନିମନ୍ତେ ଜରୁରୀ ଥିଲା । କାରଣ ସେପର୍ଯ୍ୟନ୍ତ ଏ ଦୁନିଆ ଶେଷ ହେବନାହିଁ ଯେପର୍ଯ୍ୟନ୍ତ ମୁହମ୍ମଦି ସିଲ୍‌ସିଲା (ମୁହମ୍ମଦ୍‌ଙ୍କ ଅନୁଷ୍ଠାନ) ପାଇଁ ଜଣେ ଆଧ୍ୟାତ୍ମିକ ମସିହ୍‌ଙ୍କୁ ପ୍ରଦାନ କରାନଯାଇଛି । ଯେପରି ମୁସା (ଆ:ସ) ଙ୍କ ସିଲ୍‌ସିଲାରେ ଦିଆଯାଇଥିଲା । ସେଥିପ୍ରତି ଏ ଆୟତ ଇସାରା କରୁଛି କି اِہۡدِنَا الصِّرَاطَ الۡمُسۡتَقِیۡمَ ۔ صِرَاطَ الَّذِیۡنَ اَنۡعَمۡتَ عَلَیۡہِمۡ ମୁସା (ଆ:ସ) ସେହି (ଆଧ୍ୟାତ୍ମିକ) ସମ୍ପତି ପାଇଲେ ଯାହାକୁ ପ୍ରାଥମିକ ଯୁଗର ଲୋକେ ହଜାଇ ଦେଇଥିଲେ ଓ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ସେହି ସମ୍ପତିକୁ ପାଇଲେ ଯାହାକୁ ମୁସାଙ୍କ ସିଲ୍‌ସିଲା ହଜାଇ ଦେଇଥିଲା । ଏବେ ମୁହମ୍ମଦି ସିଲ୍‌ସିଲା ମୁସାଙ୍କ ସିଲ୍‌ସିଲାର ପ୍ରତିନିଧି ଅଟେ । କିନ୍ତୁ ଶାନ୍ (ମହିମା, ଗୌରବ ଓ ପ୍ରତିଷ୍ଠା) ରେ ହଜାର ହଜାର ଗୁଣା ଅଧିକ । ମସିଲେ ମୁସା (ମୁସାଙ୍କ ଅନୁରୂପ) ମୁସାଙ୍କଠାରୁ ବଡ଼ ଓ ମସିଲେ ଇବ୍‌ନେ ମରିୟମ୍ (ଇବ୍‌ନେ ମରିୟମ୍‌ଙ୍କ ଅନୁରୂପ) ଇବ୍‌ନେ ମରିୟମ୍‌ଙ୍କ ଠାରୁ ବଡ଼ ଓ ମସିହ୍ ମଉଦ୍ ନା କେବଳ ସମୟ/କାଳ ମୁତାବକ ଆଁ ହଜ୍‌ରତ୍ ସ:ଆ:ସଙ୍କ ପରେ ୧୪ ଶଦିରେ ପ୍ରକଟ ହେଲେ ✻ ଯେପରିକି ମସିହ୍ ଇବ୍‌ନେ ମରିୟମ୍ ମୁସାଙ୍କ ପରେ ୧୪ ଶଦିରେ ଆବିର୍ଭାବ ହୋଇଥିଲେ । ବରଂ ସେ ଏପରି ସମୟରେ ଆବିର୍ଭାବ ହେଲେ ଯେବେ ମୁସଲ୍‌ମାନ୍‌ମାନଙ୍କର ସେହିପରି ଅବସ୍ଥା ହୋଇଯାଇଥିଲା ଯେପରି ମସିହ୍ ଇବ୍‌ନେ ମରିୟମ୍‌ଙ୍କ ଆବିର୍ଭାବ ହେବା ସମୟରେ ୟୁହୁଦୀମାନଙ୍କ ଅବସ୍ଥା ହୋଇଯାଇଥିଲା । ତେଣୁ ସେ (ବ୍ୟକ୍ତିବିଶେଷ) ହେଉଛି ମୁଁ । ଇଶ୍ୱର ଯାହା ଚାହିଁଥାନ୍ତି ତାହା କରିଥାନ୍ତି । ଯିଏ ତା ସହିତ ଲଢୁଛି ସିଏ ହେଉଛି ଅବୋଧ ଓ ଯିଏ ତା ମୁକାବିଲାରେ ଏ ଆରୋପ ଲଗାଉଛି କି ଏପରି ନୁହେଁ ବରଂ ଏପରି ହେବାର ଥିଲା ବୋଲି, ସେ ହେଉଛି ମୁର୍ଖ । ଓ ସେ (ଇଶ୍ୱର) ମୋତେ ଉଜ୍ୱଳ ନିଦର୍ଶନ ସହିତ ପ୍ରେରଣ କରିଛନ୍ତି ଯାହା ଦଶହାଜର୍‌ରୁ ମଧ୍ୟ ଅଧିକା ହେବ । ସେଥିମଧ୍ୟରୁ ତାଉନ୍ ରୋଗ ମଧ୍ୟ ହେଉଛି ଗୋଟିଏ ଚିହ୍ନ । ତେଣୁ ଯେଉଁ ବ୍ୟକ୍ତି ମୋ ସହିତ ସଚ୍ଚୋଟ ବୟତ କରୁଅଛି ସେ ସହୃଦୟତାର ସହିତ ହେଉଛି ମୋର ଅନୁଗାମୀ । ମୋ ଆଜ୍ଞା ପାଳନରେ ଯେଉଁମାନେ ମଜ୍ଜିଯାଇ ନିଜର ସମସ୍ତ ମୋହକୁ ତ୍ୟାଗ କରେ ସେମାନଙ୍କ (ପାଇଁ) ହିଁ ଏହି ବିପତିର ଦିନ ଗୁଡିକରେ ମୋ ଆତ୍ମା ସୁପାରିଶ୍ କରିବ । ତେଣୁ ହେ ସମସ୍ତ ଲୋକମାନେ, ଯେଉଁମାନେ ନିଜକୁ ମୋ ଜମାତ୍‌ରେ ଗଣନା କରୁଅଛ, ସ୍ୱର୍ଗରେ ତୁମେ ସେତେବେଳେ ମୋ ଜମାତ୍‌ରେ ଗଣନା ହେବ । ଯେବେ ପ୍ରକୃତରେ ତକ୍‌ଓ୍ୱା (ଧର୍ମପରାୟଣତା) ରେ ପାଦ ଥାପିବ । ତେଣୁ ନିଜର ପାଂଚବେଳା ନମାଜକୁ ଏପରି ଭୟ ଓ ବିନମ୍ରତାର ସହ ପାଠ କର ଯେପରି ତୁମେ ଖୁଦାଙ୍କୁ (ସ୍ୱଚକ୍ଷୁରେ) ଦେଖୁଅଛ ଓ ନିଜର ରୋଜାକୁ ଖୁଦାଙ୍କ ନିମନ୍ତେ ନିଷ୍ଠାର ସହିତ ପୂରଣ କର । ପ୍ରତ୍ୟେକ ଯିଏ ଜକାତ୍ ଦେବାପାଇଁ ଯୋଗ୍ୟ ସେ ଜକାତ୍ ଦେଉ ଓ ଯାହା ଉପରେ ହଜ୍ ଧାର୍ଯ୍ୟ ହୋଇସାରିଛି ତାକୁ ହଜ୍ କରିବା ପାଇଁ କିଛି ବାଧକ ନହେଉ (ଅର୍ଥାତ୍ ସେ ହଜ୍ କରୁ) । ପୁଣ୍ୟକୁ ଗଣି ଗଣି କରିଚାଲ ଓ କୁ କର୍ମକୁ ଅତିଷ୍ଠ ହୋଇ ପରିତ୍ୟାଗ କର । ନିଶ୍ଚିତ ରୂପେ ମନେରଖ କି କୌଣସି ଅମଳ (କାର୍ଯ୍ୟ) ଇଶ୍ୱରଙ୍କ ପର୍ଯ୍ୟନ୍ତ ପହଂଚିପାରେ ନାହିଁ ଯାହା ତକ୍‌ଓ୍ୱା (ଧର୍ମପରାୟଣତା) ବିହୀନ । ପ୍ରତ୍ୟେକ ପୁଣ୍ୟର ମୂଳ ହେଉଛି ତକ୍‌ଓ୍ୱା । ଯେଉଁ କାର୍ଯ୍ୟ ଦ୍ୱାରା ଏହି ମୂଳ (ଚେର) ନଷ୍ଟ ନହେବ ସେହି ଅମଳ ମଧ୍ୟ ନଷ୍ଟ ହେବନାହିଁ । ଏହା ଜରୁରୀ ଅଟେ କି ଭଳି ଭଳି ବିପଦ ଆପଦ ଦ୍ୱାରା ତୁମର ପରୀକ୍ଷା ମଧ୍ୟ ହେବ ଯେପରି ପୂର୍ବରୁ ମୋମିନ୍ ମାନଙ୍କର ପରୀକ୍ଷା ହୋଇଥିଲା । ତେଣୁ ହୁସିଆର୍ ରୁହ । ଏପରି ନହେଉ କି ଠୋକର୍ ଖାଇଯିବ । ଏ ପୃଥିବୀ ତୁମର କିଛି ନଷ୍ଟ କରିପାରିବ ନାହିଁ ଯଦି ତୁମର ଆକାଶ ସହିତ ଦୃଢ଼ ସମ୍ପର୍କ ରହିଛି । ଯଦି ତୁମେ କେବେ ନିଜର କିଛି କ୍ଷତି କରିବ ତେବେ ତାହା ନିଜ ହାତରେ, ଶତୃଙ୍କ ହାତରେ ନୁହେଁ । ଯଦି ତୁମର ସାଂସାରିକ ସମ୍ମାନ ସବୁ ଚାଲିଯାଉଛି ତେବେ ଇଶ୍ୱର ତୁମକୁ ଗୋଟିଏ ଅସରନ୍ତି ସମ୍ମାନ ଆକାଶରେ ପ୍ରଦାନ କରିବ । ତେଣୁ ତୁମେ ତାକୁ ଛାଡ଼ନାହିଁ ।

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

### ୧୨୪ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୪ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୮ ମସିହା ଡିସେମ୍ବର୍ ତା-୨୮,୨୯,୩୦ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି (ଐଶ୍ୱରିକ)ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । ଜଜାକମୁଲ୍ଲାଃ ।     (ନାଜର୍ ଇସ୍‌ଲାହ ଓ୍ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)

ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୧ ର ଅବଶିଷ୍ଟାଂଶ ...*

ନିଶ୍ଚିତ ରୂପେ ତୁମକୁ ଦୁଃଖ ଦିଆଯିବ ଓ ତୁମର ଅନେକ ଆଶାରୁ ତୁମକୁ ବଂଚିତ କରାଯିବ । ତେଣୁ ଏହିଭଳି ପରିସ୍ଥିତିରେ ତୁମେ ମନଦୁଃଖ କରନାହିଁ । କାରଣ ତୁମର ଇଶ୍ୱର ତୁମ ପରୀକ୍ଷା ନେଉଛନ୍ତି କି ତୁମେ ତା ମାର୍ଗରେ ଧୈର୍ଯ୍ୟବାନ୍ ଅଟ ବା ନୁହେଁ । ଯଦି ତୁମେ ଚାହୁଁଛ କି ଆକଶରେ ଫରିସ୍ତା (ଦେବଦୂତ)ମାନେ ମଧ୍ୟ ତୁମର ପ୍ରଶଂସା କରନ୍ତୁ ବୋଲି ତେବେ ତୁମେ ମାଡ ଖାଇ ଖୁସି ହୁଅ ଓ ଗାଳି ଶୁଣି କୃତଜ୍ଞତା ଜ୍ଞାପନ କର ଓ ଅସଫଳତାକୁ ଦେଖି ସମ୍ବନ୍ଧକୁ ତୁଟାଓନାହିଁ । ତୁମେ ହେଉଛ ଇଶ୍ୱରଙ୍କର ଶେଷ ଜମାତ୍ । ତେଣୁ ସେହିସବୁ ପୁଣ୍ୟ କାର୍ଯ୍ୟ କରି ଦେଖାଓ ଯାହା ସମ୍ପୂର୍ଣ୍ଣତାରେ ଉଚ୍ଚ ସ୍ତରକୁ ପହଂଚିଛି । ତୁମମାନଙ୍କ ଭିତରୁ ପ୍ରତ୍ୟେକ ବ୍ୟକ୍ତି ଯିଏ ଅଳସୁଆମି ଦେଖାଇବ ତାକୁ ଗୋଟିଏ ଖରାପ ବସ୍ତୁ ପରି ଜମାତ୍‌ରୁ କାଢ଼ି ବାହାରକୁ ଫିଙ୍ଗି ଦିଆଯିବ ଓ ସେ ସନ୍ତାପ କରି ମରିବ । କିନ୍ତୁ ଇଶ୍ୱରଙ୍କର କିଛି କ୍ଷତି କରିପାରିବ ନାହିଁ । ଦେଖ ମୁଁ ବହୁତ ଆନନ୍ଦିତ ହୋଇ ଏ ଖବର ଦେଉଛି କି ବାସ୍ତବରେ ତୁମ ଇଶ୍ୱର ଉପସ୍ଥିତ ଅଛନ୍ତି । ଯଦିଚ ସମସ୍ତେ ତାଙ୍କର ମଖ୍‌ଲୁକ୍ (ସୃଷ୍ଟଜ) କିନ୍ତୁ ସେ ସେହି ବ୍ୟକ୍ତିକୁ ଚୟନ କରିଥାଏ ଯିଏ ତାଙ୍କୁ (ଅର୍ଥାତ୍ ଇଶ୍ୱରଙ୍କୁ) ଚୟନ କରେ । ସେ ତା ନିକଟକୁ ଆସିଥାଏ ଯିଏ ତାଙ୍କ ନିକଟକୁ ଯାଏ । ଯିଏ ତାଙ୍କୁ ସମ୍ମାନ କରେ ସେ ମଧ୍ୟ ତାକୁ ସମ୍ମାନ ଦିଏ । (ରୁହାନି ଖଜାଏନ, ଖଣ୍ଡ-୧୯, କଶ୍‌ତିନୁହ, ପୃଷ୍ଠା-୧୩-୧୫)

✲ ୟହୁଦୀ ନିଜ ଇତିହାସ ଅନୁସାରେ ସର୍ବସମ୍ମତି କ୍ରମେ ଏହା ମାନୁଛନ୍ତି କି ମୁସାଙ୍କ ପରେ ଚଉଦ ଶଦିର ପ୍ରାରମ୍ଭରେ ଇସା ଆବିର୍ଭାବ ହୋଇଥିଲେ । ଦେଖନ୍ତୁ ୟହୁଦୀଙ୍କ ଇତିହାସ । ଲେଖକ ।

✱✱✱✱✱✱✱✱✱

**ବୈଷୟିକ ସଂସ୍ଥା ଦାରୁସ୍ ସନାଅତ୍ କାଦିଆନ୍‌ରେ ୨୦୧୮-୧୯ ପାଇଁ ନାମଲେଖା**

**Ahmadiyya Vocational (Technical) Training Centre, Qadian**

**ବୈଷୟିକ ଶିକ୍ଷା ବ୍ୟତୀତ କାଦିଆନ୍‌ର ପରିବେଶରେ ନମାଜ, ଦରସ୍ ଓ ତଦ୍‌ରିସ୍‌ରୁ ଲାଭ ଉଠାଇବା ପାଇଁ ଉତ୍କୃଷ୍ଟତମ ସୁଯୋଗ**

ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ୧୯୩୪ ମସିହାରେ କାଦିଆନ୍‌ର ପବିତ୍ର ବସ୍ତିରେ ଯୁବକମାନଙ୍କୁ କୌଶଳ ଶିଖାଇବା ଓ ସେମାନଙ୍କୁ ଉତ୍ତମ ନାଗରିକ ରୂପେ ଗଢ଼ି ତୋଳିବା ପାଇଁ ଦାରୁସ୍ ସନାଅତ୍ ବିଭାଗର ମୂଳଦୁଆ ରଖିଥିଲେ । ଯାହା ଦେଶ ବିଭାଜନ ପରେ ଅନୁକୂଳ ଅବସ୍ଥା ନହେବା ଯୋଗୁ ବନ୍ଦ ହୋଇଯାଇଥିଲା । ଏବେ ଅଲ୍ଲାହତାଲାଙ୍କ ଅସୀମ ଦୟା ଓ କରୁଣାରୁ ଦାରୁସ୍ ସନାତ୍ ପୁନର୍ବାର ୨୦୧୦ରେ ପ୍ରିୟ ଆକା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ମଞ୍ଜୁରୀ ଓ ମାର୍ଗଦର୍ଶନରେ ଆରମ୍ଭ ହୋଇଛି । ଯାହା ବର୍ତମାନ ନଜାରତ୍ ତାଲିମ୍ କାଦିଆନ୍‌ଙ୍କ ଅଧିନରେ ସେବା କରୁଅଛି । ଏହି ସଂସ୍ଥା ଗଭର୍ଣ୍ଣମେଂଟ୍ ଅଫ୍ ଇଣ୍ଡିଆ (ଦିଲ୍ଲୀ) NSIC (ନ୍ୟାଶ୍‌ନାଲ୍ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ କର୍ପୋରେଶନ୍) ଦ୍ୱାରା Affiliated । ଏ ସଂସ୍ଥାରେ ଗୋଟିଏ ବର୍ଷର କୋର୍ସ ସମ୍ପୂର୍ଣ୍ଣ କରିବା ଦ୍ୱାରା ଶିକ୍ଷାର୍ଥୀଙ୍କୁ ଗଭର୍ଣ୍ଣମେଂଟ୍ ଅଫ୍ ଇଣ୍ଡିଆର ସାର୍ଟିଫିକେଟ୍ ଦିଆଯାଉଛି ।

ସାରା ଭାରତର ଅହେମଦୀ ଯୁବକମାନଙ୍କୁ ନିବେଦନ କରାଯାଉଛି କି ଏହି ସଂସ୍ଥାରୁ ଭରପୁର ଲାଭ ଉଠାନ୍ତୁ । ଦାରୁସ୍ ସନାତ୍‌ରେ ବର୍ତମାନ ନିମ୍ନଲିଖିତ ଟେକ୍‌ନିକାଲ୍ କୋର୍ସ (ପାଠ୍ୟକ୍ରମ) କେବଳ ଗୋଟିଏ ବର୍ଷରେ ହିଁ ପଢ଼ାଯାଉଛି ଓ ଶିଖାଯାଉଛି । (୧)ୱେଲ୍‌ଡିଂ (୨)ଇଲେକ୍ଟ୍ରିକାଲ୍ (୩)ପ୍ଲମ୍ବିଂ (୪)ଏସି ଏବଂ ଫ୍ରିଜ୍ (୫)ଡିଜେଲ୍ ମେକାନିକ୍ (୬)ପେଟ୍ରୋଲ୍ ମେକାନିକ୍ (୭)କାର୍ପେଂଟର୍ (୮)କମ୍ପ୍ୟୁଟର । ବର୍ତମାନ ଏହି ସଂସ୍ଥାରୁ ଅନେକ ଶହ ଅହେମଦୀ ଯୁବକ ଟ୍ରେନିଂ ନେଇ ଦେଶର ବିଭିନ୍ନ ଭାଗରେ କାର୍ଯ୍ୟରତ ।

ନାମ ଲେଖାଇବାର ସର୍ତାବଳୀ ନିମ୍ନରେ ଦିଆଯାଇଛି:-

(୧)ପ୍ରାର୍ଥୀ ଅଷ୍ଟମ ପାସ୍ ନିଶ୍ଚିତ କରିଥିବେ ।

(୨)ନାମଲେଖା ଫର୍ମଟିକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରି ୩୦ ଜୁନ୍ ୨୦୧୮ ଭିତରେ ପ୍ରିନ୍‌ସିପାଲ୍ ଦାରୁସ୍ ସନତ୍ କାଦିଆନ୍‌ଙ୍କ ନିକଟକୁ ରେଜିଷ୍ଟ୍ରି ଜରିଆରେ ବା ଇ-ମେଲ୍ ଜରିଆରେ ପଠାନ୍ତୁ ବା ସାଥିରେ ନେଇ ଆସନ୍ତୁ ।

(୩)କାଦିଆନ୍ ବାହାରୁ ଆସିଥିବା ଅହେମଦୀ ଶିକ୍ଷାର୍ଥୀମାନେ ଅମୀର ଜମାତ୍/ସଦର ଜମାତ୍/ମୁବଲିଗ୍ ସିଲ୍‌ସିଲାଙ୍କ ସୁପାରଶ୍ ଚିଠି ଜରୁର୍ ଆଣିବେ ।

(୪)ହଷ୍ଟେଲରେ ରହିବାର ସୁବିଧା କେବଳ ୪୦ ଶିକ୍ଷାର୍ଥୀଙ୍କ ପାଇଁ ଖାଲି ଅଛି । ଏହାଠାରୁ ଅଧିକା ଶିକ୍ଷାର୍ଥୀଙ୍କୁ ରହିବା ଓ ଖାଇବାର ବ୍ୟବସ୍ଥା ନିଜେ ବହନ କରିବାକୁ ପଡ଼ିବ ।

(୫)ସମସ୍ତ ପାଠ୍ୟକ୍ରମ ହେଉଛି ଏକବର୍ଷ ପାଇଁ । ତେଣୁ ଯେଉଁ ଟେକ୍‌ନିକିଲ୍ କୋର୍ସରେ ନାମ ଲେଖାଇବାକୁ ଚାହୁଁଛନ୍ତି ତାର ଫିସ୍ ଏକାଥରକେ ବା ଦୁଇଟି କିସ୍ତିରେ ପ୍ରଦାନ କରିବା ଜରୁରୀ ଅଟେ ।

(୬)ପ୍ରାର୍ଥୀଙ୍କୁ କାଦିଆନ୍ ଆସିବା ପାଇଁ ସୂଚନା ଲିଖିତ ଆକାରରେ ବା ଟେଲିଫୋନ୍ ମାଧ୍ୟମରେ ଦିଆଯିବ । ଅନୁମତି ମିଳିବା କ୍ଷେତ୍ରରେ ୩୦ ଜୁନ୍ ୨୦୧୮ ଭିତରେ ନିଜ ଖର୍ଚ୍ଚ ଦ୍ୱାରା କାଦିଆନ୍ ପହଂଚ ଯାଆନ୍ତୁ ।

(୭)ପ୍ରାର୍ଥୀ ନାମଲେଖା ଫର୍ମ ସହିତ ଆବଶ୍ୟକ କାଗଜ ଗୁଡିକ ଲଗାଇ ଦିଅନ୍ତୁ । (ପର୍ଶନାଲ୍ ମେଡିକାଲ୍ ଫାଇଲ୍, ଯେଉଁଥିରେ ବ୍ଲଡ୍ ଗ୍ରୁପ୍ ଏବଂ ଯଦି କୌଣସି ପ୍ରକାରର ଆଲର୍ଜି ବା ବେମାରୀ ଥିବ ତାହା ସେଥିରେ ଉଲ୍ଲେଖ ଥିବ, ଜମାତି ପରିଚୟ ପ୍ରମାଣ ପତ୍ର, ସ୍କୁଲ୍ ସାର୍ଟିଫିକେଟ୍ ଯେଉଁଥିରେ ଜନ୍ମ ତାରିଖ ଲେଖାଥିବ, ଆଧାର କାର୍ଡ଼/ଭୋଟର କାର୍ଡ଼ ଓ ତିନୋଟି ଫଟୋ) (ଅଧିକା ଜାଣିବା ପାଇଁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିପାରିବେ ।

ନାମଲେଖା ଫର୍ମ ଇ-ମେଲ୍ ଜରିଆରେ (darulsanaat.qadian@gmail.com) ମଗାଯାଇପାରିବ ।

**(ମୁବଶିର୍ ଅହେମଦ୍ ବଟ୍, ପ୍ରିନ୍‌ସିପାଲ୍ ଦାରୁସ୍ ସନାଅତ୍ କାଦିଆନ୍) ମୋବାଇଲ୍- ୯୮୭୨୯୨୩୩୬୩**

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

**D.T.P ସେଂଟର୍ ନଜାରତ୍ ନଶରୋ ଇଶାଅତ୍ କାଦିଆନ୍‌ରେ କମ୍ପ୍ୟୁଟର୍ ଅପରେଟର୍‌ର ଆବଶ୍ୟକତା ଅଛି ।**

**(ନୋଟ୍:- ଏହି ଘୋଷଣା କେବଳ ଲଜ୍‌ନା ସଦସ୍ୟମାନଙ୍କ ନିମନ୍ତେ)**

ନଜାରତ୍ ନଶରୋ ଇଶାଅତ୍ ସଦର ଅଞ୍ଜୁମାନ୍ ଅହେମଦୀୟାର D.T.P ସେଂଟର୍‌ରେ ଲେଡିଜ୍ କମ୍ପ୍ୟୁଟର ଅପରେଟର୍ ବିଲ୍‌ମୁକ୍ତା ସ୍ଥାନ ଖାଲିଅଛି, ଯାହା ନିମ୍ନଲିଖିତ ନିୟମ ମୁତାବକ ପୂରଣ କରାଯିବ । ଲଜନା ମାନଙ୍କ ମଧ୍ୟରୁ ଅଭିଳାଷୀ ପ୍ରାର୍ଥିନୀ ନିଜର ଦରଖାସ୍ତ ନିଜର ସମସ୍ତ ଶିକ୍ଷାଗତ ସାର୍ଟିଫିକେଟ୍‌ର ନକଲ ଆଟେଷ୍ଟେଡ୍ ସହିତ ଆବେଦନ ଫର୍ମ ନଜାରତ୍ ଦିୱାନଙ୍କ ଠାରୁ ହାସଲ କରି ତାକୁ ସମ୍ପୂର୍ଣ୍ଣ କରିବା ପରେ ଅମୀର୍ ଜମାତ୍ / ସଦର୍ ଜମାତ୍ / ସଦର୍ ଲଜନା ଙ୍କ ଦ୍ୱାରା ତସ୍‌ଦିକ୍ (ପୁଷ୍ଟି) କରି ଦୁଇମାସ ଭିତରେ ପଠାନ୍ତୁ । ଜଜାକମୁଲ୍ଲାଃ ।

**ସର୍ତାବଳୀ:-**(୧)ପ୍ରାର୍ଥିନୀଙ୍କ ଶିକ୍ଷାଗତ ଯୋଗ୍ୟତା ଅତି କମ୍‌ରେ +୨ (ସେକେଣ୍ଡ୍ ଡିଭିଜନ୍) ହୋଇଥିବ । ହିନ୍ଦି, ଉର୍ଦ୍ଦୁ ଲେଖିବା ପଢ଼ିବା ଜାଣିଥିବେ (୨)କମ୍ପ୍ୟୁଟର୍ ସାଇନସ୍‌ରେ ଡିପ୍ଲୋମା କରିଥିବେ (୩)In-Design, MS-word, In-Page ବିଷୟରେ Basic Knowledge ଥିବ (୪)ହିନ୍ଦି ଓ ଉର୍ଦ୍ଦୁ ଟାଇପିଂ ରେ ଦକ୍ଷତା ଥିବ ଓ ଅତି କମ୍‌ରେ ଗୋଟିଏ ବର୍ଷର ଅଭିଜ୍ଞତା ଥିବ (୫)Key-Board ନଦେଖି କମ୍ପୋଜ୍ କରିପାରୁଥିବେ । ଘଂଟାକୁ ଅତି କମ୍‌ରେ ୩୦୦ ଶବ୍ଦ ଟାଇପ୍ କରିପାରୁଥିବେ (୬)ହିନ୍ଦି ଟାଇପିଂ In-Design Software ର Chanakya Unicode font ରେ କରିବା ଜାଣିଥିବେ ଓ ସେହିପରି ଉର୍ଦ୍ଦୁ ଟାଇପିଂ In-Page Software ରେ କରିବା ଜାଣିଥିବେ (୭)ୱାକିଫେ ଜିନ୍ଦେଗି ଏବଂ ୱକ୍‌ଫେ ନୌ ତହରିକ୍‌ରେ ସାମିଲ୍ ହୋଇଥିବା ମେମ୍ବର୍ ନିଜର ହୱାଲା ମଞ୍ଜୁରୀ ୱକ୍‌ଫ ଏ ନୌ ଦରଖାସ୍ତରେ ଦରଜ କରନ୍ତୁ (୮)ଦରଖାସ୍ତରେ ନିଜର ବାପା / ସ୍ୱାମୀ / ଅଭିଭାବକ ଙ୍କ ତସ୍‌ଦିକ୍ ଦସ୍ତଖତ ମଧ୍ୟ କରାଇବେ (୯)ପ୍ରାର୍ଥିନୀଙ୍କୁ ଇଂଟର୍‌ଭିଉର ତାରିଖ ପରେ ଜଣାଇ ଦିଆଯିବ ତତ୍ ସହିତ ଇଂଟର୍‌ଭିଉ ପାଇଁ କାଦିଆନ୍ ଆସିବାର ଯିବା ଆସିବା ଖର୍ଚ୍ଚ ନିଜେ ବହନ କରିବେ (୧୦)କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

**(ନାଜର ଦିୱାନ ସଦର ଅଞ୍ଜୁମାନ୍ ଅହେମଦୀୟା କାଦିଆନ୍)**

**ଅଖବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା**

ସୟଦ୍‌ନା ହଜୁର୍ ଅନ୍‌ୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୂଆ ଶରହା (ଦର) ମୁତାବକ ବାର୍ଷିକ ଚାନ୍ଦା **୫୦୦** ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୂଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୂଆ ଶରହା ଅର୍ଥାତ୍ ବାର୍ଷିକ **୫୦୦** ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ । *(ମ୍ୟାନେଜର୍ ସାପ୍ତାହିକ ଅଖବାର୍ ବଦର୍ କାଦିଆନ୍)*

**ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭିଂ ସେବା କରିବାକୁ ଚାହୁଁଥିବା ଲୋକେ ଧ୍ୟାନ ଦିଅନ୍ତୁ ।**

ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର୍ ପୋଷ୍ଟ ଖାଲି ଅଛି । ଯେଉଁ ବନ୍ଧୁ ଡ୍ରାଇଭର୍ ରୂପେ ସେବା କରିବାକୁ ଇଚ୍ଛୁକ ସେ ନିଜର ଦରଖାସ୍ତ ଦୁଇମାସ ଭିତରେ ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟାଙ୍କ ନିକଟକୁ ପଠାଇପାରିବେ ।

ସର୍ତାବଳୀ:- (୧)ପ୍ରାର୍ଥୀଙ୍କ ନିକଟରେ ଡାଇଭିଂ ଲାଇସେନ୍‌ସ୍ ଓ ଡ୍ରାଇଭିଂର ଅଭିଜ୍ଞତା ଥିବା ଜରୁରୀ ଅଟେ (୨)ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର ସର୍ତ ନାହିଁ (୩)ପ୍ରାର୍ଥୀଙ୍କୁ ଜନ୍ମଗତ ପ୍ରମାଣପତ୍ର ଦେବା ଜରୁରୀ (୪)ସେହି ଡ୍ରାଇଭର ମାନଙ୍କୁ ଖିଦ୍‌ମତ୍ (ସେବା) ନିମନ୍ତେ ଚୟନ କରାଯିବ, ଯେଉଁମାନେ ନୂର୍ ହସ୍‌ପିଟାଲ୍ କାଦିଆନ୍‌ର ମେଡିକାଲ୍ ଫିଟ୍‌ନେସ୍ ସାର୍ଟିଫିକେଟ୍ ମୁତାବକ ସ୍ୱାସ୍ଥ୍ୟବାନ ଓ ଫିଟ୍ ହେବେ (୫)ସେହି ପ୍ରାର୍ଥୀମାନେ ସେବା କରିବାର ସୁଯୋଗ ପାଇବେ, ଯେଉଁମାନେ ଇଂଟର୍‌ଭ୍ୟୁ ବୋର୍ଡ କର୍ମୀ ଚୟନ ପ୍ରକ୍ରିୟାରେ ସଫଳ ହେବେ (୬)ଚୟନ କରାଯାଇଥିବା ଡ୍ରାଇଭର୍‌ମାନଙ୍କୁ ଦର୍ଜା ଦୋମ୍ (ସେକେଣ୍ଡ୍ କ୍ଲାସ୍)ର ବରାବର୍ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯିବ (୭)ପ୍ରାର୍ଥୀ କାଦିଆନ୍ ଯିବା ଆସିବାର ଖର୍ଚ୍ଚ ନିଜେ ବହନ କରିବେ (୮)ଯଦି ପ୍ରାର୍ଥୀ ଚୟନ ହୁଅନ୍ତି ତେବେ ସେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(ନୋଟ୍):- ଏ ସମ୍ବନ୍ଧୀୟ ଦରଖାସ୍ତ ଫର୍ମ ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଙ୍କ ଠାରୁ ହାସଲ କରିନିଅନ୍ତୁ, ଦରଖାସ୍ତ ଫର୍ମ ପୂରଣ ହୋଇ ଆସିବା ପରେ ତା ମୁତାବକ କାରବାଇ କରାଯିବ)

(ନାଜର୍ ଦିୱାନ୍ କାଦିଆନ୍)

ଅଧିକ ଜାଣିବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା, କାଦିଆନ୍

ମୋ:- ୦୯୮୧୫୪୩୩୭୬୦, ଅଫିସ୍:- ୦୧୮୭୨-୫୦୧୧୩୦

ଇ-ମେଲ୍:- nazaratdiwanqdn@gmail.com

# ଖୁତ୍‌ବା ଜୁମା

## ରସୁଲୁଲ୍ଲାଃ ସ୍ୱଲଲ୍ଲାହୋ ଆଲୈହେ ଓ୍ୱସ୍ ସଲ୍ଲମ୍‌ଙ୍କ ସାହାବୀ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ , ହଜ୍‌ରତ୍ କାବ ବିନ୍ ଜଏଦ୍, ହଜ୍‌ରତ୍ ସ୍ୱାଲେହ ଶୁକ୍‌ରାନ୍ ଏବଂ ହଜ୍‌ରତ୍ ମାଲିକ୍ ବିନ୍ ଦୁଖଶୁମ୍ ରିଜ୍‌ୱାନୁଲ୍ଲାଃ ଆଲୈହିମ୍ ଅଜମଇନଙ୍କ ଜୀବନ ଚରିତ ଓ ଜୀବନିର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା । ଏବଂ ଏହି ପ୍ରସଙ୍ଗରେ ଲୋମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଉପଦେଶ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍**[ଅ.ବ]
**(ପ୍ରଦତ୍ତ: ୧୧ ମଇ ୨୦୧୮ ଅନୁଯାୟୀ ୧୧ ହିଜ୍‌ରତ୍ ୧୩୯୭ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ ـ بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعَالَمِينَ ـ اَلرَّحْمٰنِ الرَّحِيمِ ـ مٰلِكِ يَوْمِ الدِّينِ ـ إِيَّاكَ نَعْبُدُ وَإِيَّاكَ نَسْتَعِينُ ـ
اِهْدِنَا الصِّرَاطَ الْمُسْتَقِيمَ ـ صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ ـ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ.ବ କହିଲେ- ଆଜି ମୁଁ ଯେଉଁ ସାହାବାମାନଙ୍କ ଚର୍ଚ୍ଚା କରିବି ସେମାନଙ୍କ ମଧ୍ୟରେ ସର୍ବପ୍ରଥମ ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍ ଅଛନ୍ତି । ଆପଣଙ୍କ ମାତା ଉମୈମା ଯେ କି ଅବଦୁଲ୍ ମୁତଲିବ୍‌ଙ୍କର କନ୍ୟା ଓ ହଜୁର ସ.ଆଙ୍କ ଫୁପ (ପିଉସୀ) ଥିଲେ । ଏହିପରି ଆପଣ ହଜୁର ସ.ଆଙ୍କ ପିଉସୀ ପୁଅ ଭାଇ ଥିଲେ । ହଜୁର ସ.ଆ ଦାରୁଲ୍ ଅରକମ୍‌କୁ ଯିବା ପୂର୍ବରୁ ସେ ଇସଲାମ ସ୍ୱୀକାର କରିନେଇଥିଲେ । (ଅସଦୁଲ୍ ଗାବା ଖଣ୍ଡ-୩, ପୃଷ୍ଠା-୮୯, ଅବ୍‌ଦୁଲ୍ଲାଃବିନ୍ ଜହଶ୍, ମୁଦ୍ରଣ-ଦାରୁଲ୍‌ଫିକର୍ ବେରୁତ୍-୨୦୦୩)

ଦାରୁଲ୍ ଅର୍‌କମ୍ ସେହି ଘର ଅଟେ ବା ସେହି କେନ୍ଦ୍ର ଅଟେ ଯାହା ଜଣେ ନୁଆ ମୁସ୍‌ଲିମ୍ ଅର୍‌କମ୍ ବିନ୍ ଅର୍‌କମ୍‌ଙ୍କ ଘର ଥିଲା ଓ ମକ୍କାରୁ ଟିକିଏ ବାହାରେ ତାହା ଅବସ୍ଥିତ ଥିଲା । ସେଠାରେ ମୁସଲ୍‌ମାନ୍ ଦୀନ୍ ଶିଖିବା ପାଇଁ ଓ ଉପାସନା ଇତ୍ୟାଦି କରିବା ପାଇଁ ଏକତ୍ରିତ ହେଉଥିଲେ । ତେଣୁ ତାହା ଏକ ସେଂଟର୍ ହୋଇଯାଇଥିଲା । ତାର ନାମ ଦାରୁ ସଲାମ୍ ପ୍ରସିଦ୍ଧି ହୋଇଯାଇଥିଲା ଓ ତାହା ମକ୍କାରେ ତିନିବର୍ଷ ପର୍ଯ୍ୟନ୍ତ ସେଂଟର୍ ହୋଇ ରହିଲା । ସେଠାରେ ନୀରବ ଓ ଗୁପ୍ତରେ ମୁସଲ୍‌ମାନ୍ ଉପାସନା କରୁଥିଲେ ଆଁ ହଜ୍‌ରତ୍ ସ:ଆ:ସଙ୍କ ମଜ୍‌ଲିସ୍ ଲାଗୁଥିଲା ଓ ପୁଣି ଯେବେ ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମ୍ ଗ୍ରହଣ କଲେ ଏହା ଫଳରେ ମୁସଲ୍‌ମାନ୍‌ମାନେ ଖୋଲାଖୋଲି ରୂପେ ବାହାରକୁ ବାହାରିବା ଆରମ୍ଭ କଲେ । ରିଓ୍ୱାୟତ୍‌ରେ ଆସୁଛି କି ହଜ୍‌ରତ୍ ଉମର୍ ସେହି ସେଂଟର୍‌ରେ ଇସ୍‌ଲାମ୍ ଆଣିଥିବା ଶେଷ ବ୍ୟକ୍ତି ଥିଲେ । (ସିରତ୍ ଖାତମୁନ୍ ନବୀଇନ୍ ଲେଖକ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୧୨୯)

ସେ ଯାହା ହେଉ ତାହା ମର୍କଜ ହେବା ପୂର୍ବରୁ ହିଁ ହଜ୍‌ରତ୍ ଅବ୍‌ଦୁଲା ବିନ୍ ଜହସ୍ ଇସ୍‌ଲାମ୍ ଗ୍ରହଣ କରିଥିଲେ ଓ ପୁଣି ରିଓ୍ୱାୟତ୍‌ରେ ଆସୁଛି କି ଅମାନ୍ୟକାରୀ କୁରୈଶ୍‌ଙ୍କ ଅତ୍ୟାଚାରରୁ ଆପଣଙ୍କ ପରିବାର ମଧ୍ୟ ବର୍ତି ନଥିଲା । ଆପଣ ନିଜ ଦୁଇ ଭାଇ ହଜରତ ଅବୁ ଅହେମଦ ଓ ଅବିଦୁଲ୍ଲାଃ ତଥା ନିଜ ଭଉଣୀ ହଜରତ ଜୈନବ୍ ବିନତ୍ ଜହଶ୍ ହଜରତ ଉମ୍ମେ ହବିବା ଏବଂ ହମନା ବିନତ୍ ଜହଶ୍‌ଙ୍କ ସହିତ ଦୁଇ ଥର ହବ୍‌ଶା ହିଜରତ୍ କରିଥିଲେ । ତାଙ୍କ ଭାଇ ଉବୈଦୁଲ୍ଲାଃ ହବ୍‌ସା ଯାଇ ଇସାଇ ହୋଇଯାଇଥିଲେ ଓ ସେଠାରେ ଇସାଇ ଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହେଲା । ଯେବେ କି ତାଙ୍କ ସ୍ତ୍ରୀ ହଜ୍‌ରତ୍ ଉମ୍ମେ ହବିବା ବିନ୍‌ତ୍ ଅବୁସୁଫିଆନ୍ ହବ୍‌ସାରେ ହିଁ ରହୁଥିଲେ । ସେହି ସମୟରେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ସହିତ ନିକାହ୍ କରିନେଲେ ।

(ଅସଦୁଲ୍ ଗାବା ଖଣ୍ଡ-୩, ପୃଷ୍ଠା-୮୯, ଅବ୍‌ଦୁଲ୍ଲାଃବିନ୍ ଜହଶ୍, ମୁଦ୍ରଣ-ଦାରୁଲ୍‌ଫିକର୍ ବେରୁତ୍-୨୦୦୩)

ହଜରତ ଅବଦୁଲ୍ଲାଃ ବିନ ଜହଶ୍ ମଦିନା ହିଜରତ କରିବା ପୂର୍ବରୁ ମକ୍କା ଆସିଲେ ଏବଂ ସେଠାରୁ ନିଜ ଦଳ ବନୁ ଗନମ୍‌ରେ ଦୋଦାନର ସମସ୍ତ ସଦସ୍ୟମାନଙ୍କୁ ଯେ ମୁସଲମାନ ହୋଇଯାଇଥିଲେ ସାଥିରେ ନେଇ ମଦିନାରେ ପହଂଚିଗଲେ । ସେମାନେ ନିଜ ସମ୍ପର୍କିୟମାନଙ୍କୁ ମକ୍କାରୁ ଏପରି ଖାଲି କରିଦେଲେ କି ସମ୍ପୂର୍ଣ୍ଣ ବସ୍ତି ଜନଶୂନ୍ୟ ହୋଇଗଲା । ଏବଂ ଅନେକ ଘରେ ତାଲା ପଡ଼ିଗଲା । (ତବକାତୁଲ୍ କୁବ୍‌ରା ଲି ଇବ୍‌ନେ ସାଦ୍, ଖଣ୍ଡ-୩, ପୃଷ୍ଠା-୪୯, ଅବ୍‌ଦୁଲ୍ଲା ବିନ୍ ଜହସ, ମୁଦ୍ରଣ...ବେରୁତ-୧୯୯୬)

ହଜୁର ଅନଓ୍ୱର ଅ.ବ କହିଲେ- ଏପରି ଅବସ୍ଥା ଆଜିକାଲି ପାକିସ୍ତାନର ଅନେକ ସ୍ଥାନରେ ଅହେମଦିମାନଙ୍କର ଦେଖିବାକୁ ମିଳୁଅଛି ଯେଉଁଠାରେ ସମ୍ପୂର୍ଣ୍ଣ ଗ୍ରାମ ଖାଲି ହୋଇଯାଇଛି ।

ଇବନେ୍ ଇସହାକ୍ କୁହନ୍ତି ଯେତେବେଳେ ବନୁ ଜହଶ୍ ବିନ୍ ରିୟାବ ମକ୍କାରୁ ହିଜରତ୍ କଲେ ସେତେବେଳେ ଅବୁ ସୁଫିୟାନ୍ ବିନ୍ ହରବ୍ ତାଙ୍କ ଘର ଉମରୋ ବିନ୍ ଅଲକମାଙ୍କୁ ବିକ୍ରି କରିଦେଲେ । ଯେତେବେଳେ ଅବଦୁଲ୍ଲାଃ ବିନ୍ ଜହଶ୍‌ଙ୍କୁ ମଦିନାରେ ଏହି ଖବର ମିଳିଲା ସେ ଯାଇ ହଜୁର ସ.ଆଙ୍କୁ ଏହା ଜଣାଇଲେ । ଏଥିରେ ହଜୁର ସ.ଆ କହିଲେ ହେ ଅବଦୁଲ୍ଲାଃ କ'ଣ ତୁମେ ଏଥିରେ ପ୍ରସନ୍ନିତ ନୁହଁ କି ତାହା ପ୍ରତିବଦଳରେ ଅଲ୍ଲାଃ ବୈକୁଣ୍ଠରେ ତୁମ ପାଇଁ ଘର ତିଆରୀ କରି ଦେବେ । ସେ ଉତର ଦେଲେ ହଁ ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ଏଥିରେ ରାଜି । ଏଥିରେ ହଜୁର କହିଲେ ତେବେ ସେହି ଘର ତୁମର ଅଟେ"। (ସିରତ୍ ଇବ୍‌ନେ ହଶାମ୍, ପୃଷ୍ଠା-୩୫୨, ବାବ୍ ହିଜ୍‌ରତୁଲ୍ ରସୁଲ୍ ସ:ଆ:ସ.... ବେରୁତ୍ ୨୦୦୧) ଅର୍ଥାତ୍ ଏହି ଘର ଯାହାକୁ ତୁମେ ଛାଡ଼ିଛ ତା ସ୍ଥାନରେ ତୁମକୁ ଜନ୍ନତ୍‌ରେ ଯାଗା ମିଳିବ ଓ ସେଠାରେ ମହଲ୍ (ଅଟ୍ଟାଳିକା) ପ୍ରସ୍ତୁତ ହେବ ।

ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍‌ଙ୍କୁ ହଜୁର ସ.ଆ ନଖଲା ଅଂଚଳକୁ ଗୋଟିଏ ସରିୟା (ଯୁଦ୍ଧ)ରେ ପ୍ରେରଣ କଲେ ଯାହାର ଚର୍ଚ୍ଚା ଏପରି ରହିଛି ଏକଦା ହଜୁର ସ.ଆ ଈଶା ନମାଜ ପାଠ କରିବା ପରେ ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍‌ଙ୍କୁ କହିଲେ ସକାଳେ ନିଜ ଅସ୍ତ୍ରଶସ୍ତ୍ର ଧରି ଆସିବ ତୁମକୁ ଗୋଟିଏ ସ୍ଥାନକୁ ପଠାଇବି । ଅତଃ ଯେତେବେଳେ ହଜୁର ସ.ଆ ଫଜର ନମାଜ ପାଠ କରି ବାହାରକୁ ଆସିଲେ ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍ ଆପଣଙ୍କ ଦ୍ୱାର ସମ୍ମୁଖରେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଅପେକ୍ଷା କରୁଥିବାର ଦେଖିବାକୁ ପାଇଲେ, ହଜୁର ସ.ଆ ହଜରତ ଅବି ବିନ୍ କାବଙ୍କୁ ଡ଼କାଇଲେ ଏବଂ ତାଙ୍କୁ ଏକ ପତ୍ର ଲେଖିବାର ନିର୍ଦ୍ଦେଶ ଦେଲେ । ପତ୍ର ଲେଖିବା ପରେ ହଜୁର ତାହାକୁ ଅବଦୁଲ୍ଲାଃ ବିନ୍ ଜହଶ୍‌ଙ୍କୁ ପ୍ରଦାନ କରି କହିଲେ ମୁଁ ତୁମକୁ ଏହି ଦଳର ମୁଖିଆ ରୂପେ ନିୟୋଜିତ କରି ପ୍ରେରଣ କରୁଅଛି । ଯାହାକୁ ଆପଣଙ୍କ ନେତୃତ୍ୱରେ ପ୍ରେରଣ କରାଯାଇଥିଲା । ଇତିହାସରେ ଆସୁଛି କି ଏହା ପୂର୍ବରୁ ଆପଣ ଉକ୍ତ ଗୋଷ୍ଠୀ ଉପରେ ହଜ୍‌ରତ୍ ଉବୈଦାଃ ବିନ୍ ହାରିଶ୍‌କୁ ନିୟୋଜିତ କରିଥିଲେ କିନ୍ତୁ ଗସ୍ତ ପୂର୍ବରୁ ଯେବେ ସେ ଘରକୁ ବିଦାୟ ନେବା ପାଇଁ ଗଲେ ତାଙ୍କ ପିଲାମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟକୁ ଆସି କାନ୍ଦିବାକୁ ଲାଗିଲେ । ଏଥିରେ ଆପଣ ସ:ଆ:ସ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜହସ୍‌ଙ୍କୁ ତାଙ୍କ ସ୍ଥାନରେ ଅମୀର୍ ବନାଇ ପ୍ରେରଣ କଲେ । ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍‌ଙ୍କୁ ପ୍ରେରଣ କଲାବେଳେ ହଜୁର ସ.ଆ ତାଙ୍କୁ ଅମିରୁଲ୍ ମୁମିନୀନ୍‌ର ଉପାଧି ପ୍ରଦାନ କରିଥିଲେ । ସିରତୁଲ୍ ହଲ୍‌ବିୟାରେ ଏହା ଲେଖାଯାଇଛି । ସେ ପ୍ରଥମ ଭାଗ୍ୟବାନ ବ୍ୟକ୍ତି ଥିଲେ ଯେ ଏହି ଉପାଧି ଲାଭ କରିଥିଲେ । (ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃଷ୍ଠା-୨୧୭, ସିରତ୍ ଅବ୍‌ଦୁଲ୍ଲାଃ ବିନ୍ ଜହସ୍ ଇଲା ବତନେ ନଖ୍‌ଲା...ବେରୁତ-୨୦୦୨)

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଆୟତ ୟସ୍‌ଅଲୁନକା ଅନିଶ୍ ଶହ୍‌ରିଲ୍ ହରାମି କିତାଲିନ୍ ଫିହି (ବକ୍‌ରା: ୨୧୮) ର ତଫ୍‌ଶିର୍‌ରେ ଏହି ଘଟଣାର ଚର୍ଚ୍ଚା ନିମ୍ନଲିଖିତ ଶବ୍ଦରେ କରୁଛନ୍ତି କି:-

ରସୁଲେ କରିମ୍ ସ:ଆ:ସ ଯେବେ ପବିତ୍ର ମକ୍କାରୁ ହିଜ୍‌ରତ୍ କରି ମଦିନା ମନଓ୍ୱରା ଆସିଲେ ତା ପରେ ମଧ୍ୟ ମକ୍କା ଲୋକମାନଙ୍କର କ୍ରୋଧ କମ୍ ହେଲା ନାହିଁ । ସେମାନେ ମଦିନାବାଲାଙ୍କୁ ଧମକଚମକ ଦେବା ଆରମ୍ଭ କରିଦେଲେ । ଯେହେତୁ ତୁମେ ଆମ ଲୋକମାନଙ୍କୁ ତୁମ ନିକଟରେ ଶରଣ ଦେଇଛ ସେଥିପାଇଁ ତୁମ ନିକଟରେ ଏବେ ଗୋଟିଏ ରାସ୍ତା ରହିଛି । ତୁମେ ସେ ସମସ୍ତଙ୍କୁ ହତ୍ୟା କରିଦିଅ ବା ମଦିନାରୁ ବାହାର କରିଦିଅ । ନଚେତ୍ ଆମେ ରାଣ ଖାଇ କହୁଛୁ କି ଆମେ ନିଶ୍ଚିତ ରୂପେ ମଦିନା ଉପରେ ଆକ୍ରମଣ କରି ତୁମ ସମସ୍ତଙ୍କୁ ହତ୍ୟା କରିଦେବୁ ଓ ତୁମ ମହିଳାମାନଙ୍କ ଉପରେ କବ୍‌ଜା କରିନେବୁ । ସେ କେବଳ ଏତିକି ଧମକ ଦେଲେ ନାହିଁ ବରଂ ମଦିନା ଉପରେ ଆକ୍ରମଣ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ । ରସୁଲେ କରିମ୍ ସ:ଆ:ସଙ୍କ ଅବସ୍ଥା ସେହି ଦିନ ଗୁଡିକରେ ଏପରି ଥିଲା କି ବେଳେବେଳେ ଆପଣ ସାରା ରାତି ଜାଗି ବିତାଉଥିଲେ । ସେହିପରି ସାହାବାମାନେ ମଧ୍ୟ ରାତିରେ ଅସ୍ତ୍ରଶସ୍ତ୍ର ନେଇ ଶୋଉଥିଲେ । କାରଣ ଅନ୍ଧାର ରାତିରେ କାଳେ ଶତ୍ରୁମାନେ ଅଚାନକ ଆକ୍ରମଣ କରିଦେବେ । ଏହିଭଳି ପରିସ୍ଥିତିରେ ରସୁଲେ କରିମ୍ ସ:ଆ:ସ ମଦିନାର ପାଖାପାଖି ଇଲାକାରେ ରହୁଥିବା କବିଲା (ଗୋଷ୍ଠୀ) ମାନଙ୍କ ସହିତ ଚୁକ୍ତି କରିବା ଆରମ୍ଭ କରିଦେଲେ । ଅର୍ଥାତ୍ ଯଦି ଏଭଳି ପରିସ୍ଥିତି ସୃଷ୍ଟି ହେବ ତେବେ ସେମାନେ ମୁସଲ୍‌ମାନ୍‌ଙ୍କ ସାହାଯ୍ୟ କରିବେ ଓ ଅନ୍ୟପଟେ ଏହି ଖବର ପାଇ କୁରୈଶ୍ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହେଉଥିଲେ । ହଜରତ ମୁସଲେହ୍ ମଉଦ ର.ଅ କୁହନ୍ତି ହଜୁର ସ.ଆ ୨ହିଜରୀରେ ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍‌ଙ୍କୁ ୧୨ଜଣ ମୁସଲମାନଙ୍କ ନେତୃତ୍ୱରେ ନଖଲା ପ୍ରେରଣ କରିଥିଲେ ଏବଂ ତାଙ୍କୁ ଏକ ପତ୍ର ଦେଇ କହିଥିଲେ ଏହି ପତ୍ରକୁ ଦୁଇଦିନ ପରେ ଖୋଲିବ, ସେ ତାହାକୁ ଦୁଇଦିନ ପରେ ଖୋଲିଲେ ଯେଉଁଥିରେ ଲେଖାଥିଲା କି ତୁମେ ନଖଲାରେ ଅବସ୍ଥାନ କରିବ ଏବଂ କୁରୈଶ୍‌ଙ୍କ ହରକତ ଅନୁଧ୍ୟାନ କରି ଆମକୁ ଖବର ଦେବ । ଦୁର୍ଭାଗ୍ୟବଶତଃ କୁରୈଶ୍‌ର ଏକ ଦଳ ସିରିୟାରୁ ବାଣିଜ୍ୟ କାରବାର ସାରି ସେହି ରାସ୍ତା ଦେଇ ଫେରୁଥିଲା । ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍ ଏହା ଦେଖି ସେମାନଙ୍କ ଉପରେ ଆକ୍ରମଣ କରିଦେଲେ ଏବଂ ଅମାନ୍ୟକାରୀଙ୍କ ମଧ୍ୟରୁ ଉମରୋ ବିନ୍ ହଜରମିଙ୍କୁ ହତ୍ୟା କରିଦେଲେ ଏବଂ ଦୁଇ ଜଣକୁ କଏଦ କରିନେଲେ ତଥା ସେମାନଙ୍କ ସମସ୍ତ ଧନସମ୍ପତି (ମାଲେ ଗନିମତ୍) ନିଜ ଅଧିନସ୍ଥ କରିନେଲେ । ଯେତେବେଳେ

ସେମାନେ ମଦିନା ଫେରି ହଜୁର ସ.ଆଙ୍କୁ ସମସ୍ତ ଘଟଣା ସମ୍ପର୍କରେ ଅବଗତ କଲେ ସେତେବେଳେ ହଜୁର ସ.ଆ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ କହିଲେ ମୁଁ ତୁମକୁ ଯୁଦ୍ଧ କରିବାର ଅନୁମତି ଦେଇନଥିଲି ଏବଂ ଉକ୍ତ ମାଲେ ଗନିମତ୍ ମଧ ଗ୍ରହଣ କଲେ ନାହିଁ ।

ଇବ୍‌ନେ ଜରିର୍ ହଜ୍‌ରତ୍ ଇବ୍‌ନେ ଅବ୍‌ବାସ୍‌ଙ୍କ ରିୱାୟତ୍‌ରୁ ଲେଖିଛନ୍ତି କି ହଜ୍‌ରତ୍ ଅବ୍‌ଦୁଲା ବିନ୍ ଜହସ୍ ଓ ସେମାନଙ୍କ ସାଥିମାନଙ୍କ ଠାରୁ ଏ ଭୁଲ୍ ହୋଇଯାଇଥିଲା କି ସେମାନେ ଏହା ଭାବିନେଇଥିଲେ କି ଏବେ ରଜବ ମାସ ଆରମ୍ଭ ହୋଇନାହିଁ ବୋଲି । ଯେବେକି ରଜବର ମାସ ଆରମ୍ଭ ହୋଇସାରିଥିଲା । ସେମାନେ ଏହା ଭାବୁଥିଲେ କି ବର୍ତମାନ ତିରିଶି ଜମାଦି ସାନି ଓ ରଜବ ଆରମ୍ଭ ହୋଇନାହିଁ ବୋଲି । ସେ ଯାହା ହେଉ ଉମ୍‌ରୋବିନ୍ ହଜ୍‌ରମିଙ୍କ ମୁସଲ୍‌ମାନଙ୍କ ହାତରେ ମରିଯିବା ଦ୍ୱାରା ମୁସ୍‌ରିକ୍‌ମାନେ ଏ କଥା ଉପରେ କୋଳାହୋଳ ଆରମ୍ଭ କରିଦେଲେ କି ଏବେ ମୁସଲ୍‌ମାନ୍ ମାନଙ୍କୁ ଏହି ପବିତ୍ର ମାସର ପବିତ୍ରତା ମଧ ଦେଖାଗଲା ନାହିଁ । ଯେଉଁମାସରେ ପ୍ରତ୍ୟେକ ପ୍ରକାରର ଯୁଦ୍ଧ ବନ୍ଦ୍ ରହିଥାଏ" । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି କି ଅଲ୍ଲାଃତାଲା ଏହି ଆୟତରେ ସେହି ଆରୋପର ଚର୍ଚ୍ଚା କରି କହୁଛନ୍ତି କି ନିଶ୍ଚିତ ରୂପେ ଉକ୍ତ ମାସ ଗୁଡିକରେ ଲଢ଼େଇ ଝଗଡ଼ା କରିବା ଅପସନ୍ଦ କଥା ଓ ଅଲ୍ଲାଃତାଲାଙ୍କ ନିକଟରେ ପାପ ଅଟେ କିନ୍ତୁ ତାଠାରୁ ବି ଅଧିକା ଅପସନ୍ଦ କଥା ହେଉଛି କି ଅଲ୍ଲାଃତାଲାଙ୍କ ରାସ୍ତାରୁ ଲୋକମାନଙ୍କୁ ରୋକାଯିବା ଓ ଇଶ୍ୱରଙ୍କ୍ ଏକେଶ୍ୱରବାଦକୁ ଅସ୍ୱୀକାର କରିବା ଓ ମସ୍‌ଜିଦ୍ ହରାମ୍‌ର ପବିତ୍ରତାକୁ ଖଣ୍ଡନ କରିବା ଓ ଏହାର ଅଧିବାସୀମାନଙ୍କୁ ବିନା କୌଣସି ଅପରାଧରେ, କେବଳ ଏଇଥିପାଇଁ କି ସେମାନେ ଏକ ଓ ଅଦ୍ୱିତୀୟ ଇଶ୍ୱରଙ୍କ ଉପରେ ବିଶ୍ୱାସ ଆଣିଛନ୍ତି, ସେମାନଙ୍କୁ ନିଜ ଘରୁ ବାହାର କରିଦେବା । ତୁମକୁ ଗୋଟିଏ କଥା ତ ମନେପଡ଼ିଗଲା କିନ୍ତୁ ତୁମେ ଏହା ଚିନ୍ତା କରିପାରିଲ ନାହିଁ କି ତୁମେ ନିଜେ କେତେବଡ଼ ଅପରାଧ କରୁଅଛ । ଅର୍ଥାତ୍ ଇଶ୍ୱର ଓ ତାଙ୍କ ରସୁଲ୍‌ଙ୍କୁ ଅସ୍ୱୀକାର କରି ମସଜିଦ୍ ହରାମ୍‌ର ପବିତ୍ରତାକୁ କ୍ଷୁର୍ଣ୍ଣ କରି ତା ଅଧିବାସୀ ମାନଙ୍କୁ ସେଠାରୁ ବାହାର କରି ତୁମେ କେତେବଡ଼ ଅପସନ୍ଦ କାର୍ଯ୍ୟ କରିଅଛ । ତୁମେ ଯେବେ ନିଜେ ଏହିପରି ଅପସନ୍ଦ କାର୍ଯ୍ୟ କରିସାରିଛ ତେବେ ତୁମେ ମୁସଲ୍‌ମାନ୍ ମାନଙ୍କୁ କେଉଁ ମୁହଁରେ ଆରୋପ ଲଗାଉଛ । ତାଙ୍କଠାରୁ ତ କେବଳ ଅଜାଣତରେ ଗୋଟିଏ ଭୁଲ୍ ହୋଇଗଲା । କିନ୍ତୁ ତୁମେ ତ ଜାଣିଶୁଣି ଏହି ସବୁ କାର୍ଯ୍ୟ କରୁଛ" । (ଉଦ୍ଧୃତ ତଫ୍‌ସିର୍ କବିର୍, ଖଣ୍ଡ-୨, ପୃଷ୍ଠା-୪୭୪-୪୭୫, ଆୟତ ୟସ୍‌ଅଲୁନକା ଅନିଶ୍ ଶହ୍‌ରିଲ୍ ହରାମ୍....ବକ୍‌ରା-୨୧୮)

ବୁଖାରୀର ଏକ ହଦିସ୍‌ର ବ୍ୟାଖ୍ୟା କରି ହଜରତ ସୟଦ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ ଲେଖିଛନ୍ତି ଏହି ଦଳକୁ ଯେଉଁ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଥିଲା ସେଥିରେ ସେମାନେ ସମ୍ପୂର୍ଣ୍ଣ ରୂପେ କୃତକାର୍ଯ୍ୟ ହୋଇଥିଲେ ଏବଂ ସେମାନେ କଏଦିମାନଙ୍କ ମାଧ୍ୟମରେ କୁରେଶ ମକ୍କାଙ୍କ ଯୋଜନା ଓ ସେମାନଙ୍କ ହରକତ୍‌ର ସଠିକ୍ ଖବର ହାସଲ କରିନେଇଥିଲେ । ହଜ୍‌ରମିଙ୍କ କାଫଇଲାର ଘଟଣା ଏକ ସଂଯୋଗ ବଶତଃ ଘଟଣା ଥିଲା ଓ କିଛି ଐତିହାସିକ ମାନଙ୍କର ଏଥିପ୍ରତି ଯେଉଁ ରାୟ ପ୍ରକାଶ କରିଛନ୍ତି କି ସେହି ଅଭିଯାନରେ କିଛି ଲୋକମାନଙ୍କୁ ମୁହାଜିର୍ ମାନଙ୍କ ଧନସମ୍ପତିକୁ ପୂରଣ କରିବାର ଧାରଣା ସୃଷ୍ଟି ହୋଇଥିଲା ବୋଲି ଏହି ରାୟ ଠିକ୍ ନୁହେଁ ବରଂ ଉକ୍ତ ଅଭିଯାନର ଅସଲ ଉଦ୍ଦେଶ୍ୟ କେବଳ ଏହା ଥିଲା କି ହଜ୍‌ରମିଙ୍କ କାଫେଲା ଜରିଆରେ ଅବୁ ସୁଫିଆନ୍ ବିନ୍ ହରବ୍‌ଙ୍କ ନେତୃତ୍ୱରେ ଯାଉଥିବା କାଫିଲାର ଉଦ୍ଦେଶ୍ୟ ଓ ମକ୍କାବାସୀଙ୍କ ଯୁଦ୍ଧ ସମ୍ବନ୍ଧରେ ଯୋଜନା ବିଷୟରେ ସଠିକ୍ ଖବର ହାସଲ ହୋଇଯିବ । ଓ ଏହି କାର୍ଯ୍ୟକୁ କରିବା ପାଇଁ ଗୋପନମୂଳକ ରୂପେ ତାଙ୍କ ଦାୟିତ୍ୱରେ ଦିଆଯାଇଥିଲା । ତେଣୁ ସେ ଗୋଟିଏ ଛୋଟିଆ କାଫେଲାକୁ ନିଜ କବ୍‌ଜାରେ ନେବାପାଇଁ ଏହି ଅବସରକୁ ହାତଛଡା କରିନଥିଲେ । ଯଦିଚ ସେମାନେ ନିଜର ସମସ୍ତ ଯୁଦ୍ଧ ସରଞ୍ଜାମ ସହିତ କୁରୈଶ୍‌ଙ୍କ ଖବର ନେବାକୁ ଯାଇଥିଲେ କିନ୍ତୁ ସେମାନେ ଦଳ ଫେରିବାରେ ସନ୍ତୁଷ୍ଟି ଲାଭ କରି ହଜୁର ସ.ଆଙ୍କ ନିକଟକୁ ଫେରି ଆସିବା ଯଥେଷ୍ଟ ମନେକରିଥିଲେ ।

ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍ ବେଶ୍ ଉଚ୍ଚ ସ୍ତରର ସାହାବି ଥିଲେ ଏବଂ ହଜୁର ସ.ଆଙ୍କ ପିଉସୀ ପୁଅ ଭାଇ ଥିଲେ । ରସୁଲେ କରିମ୍ ସ:ଆ:ସ ଉକ୍ତ ଅଭିଯାନ ପାଇଁ ଜଣେ ଭରଷାଯୋଗ୍ୟ ବ୍ୟକ୍ତିଙ୍କୁ ଚୟନ କରିଥିଲେ । ଯେବେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ କୁରୈଶେ ମକାଙ୍କ ଯୁଦ୍ଧ ପ୍ରସ୍ତୁତି ବିଷୟରେ ଜଣାପଡ଼ିଲା ତେବେ ଆପଣ ସ:ଆ:ସ ମଧ ପ୍ରସ୍ତୁତି ଆରମ୍ଭ କରିଦେଲେ ଓ ଏହି ପ୍ରସ୍ତୁତକୁ ସମ୍ପୂର୍ଣ୍ଣ ରୂପେ ଗୋପନ ରଖାଗଲା । (ସହି ବୁଖାରୀ, ଅନୁବାଦ ଓ ବ୍ୟାଖ୍ୟା, ହଜ୍‌ରତ୍ ସୟଦ୍ ଜଏନୁଲ୍ ଆବେଦୀନ୍ ୱଲିଉଲ୍ଲାଃ ଶାହ୍ ସାହେବ, ଖଣ୍ଡ-୮, ପୃଷ୍ଠା-୧୫, କିତାବୁଲ୍ ମଗାଜି...ଅଲ୍‌ଇସ୍‌ଲାମ୍ ପ୍ରେସ୍, ରବ୍‌ୱା)

ସେ ଲେଖୁଛନ୍ତି କି ନିଶ୍ଚିତ ରୂପେ ଯୁଦ୍ଧରେ ଏହିପରି ରିୱାୟତ୍ ଆସିଥାଏ ଅର୍ଥାତ୍ ଯୁଦ୍ଧର ଯେଉଁ କାର୍ଯ୍ୟପନ୍ଥା ଅଛି ସେଥିରେ ତାହା ଅବଲମ୍ବନ ହୁଏ କି ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅବ୍‌ଦୁଲା ବିନ୍ ଜହସ୍ ଓ ଆପଣଙ୍କ ସାଥିମାନଙ୍କ ଉପରେ ନାରାଜ ହୋଇଥିଲେ । କିନ୍ତୁ ସେହି ନାରାଜ ହେବା ଏ ଦୃଷ୍ଟିକୋଣରୁ ଠିକ୍ ଥିଲା କି ସେମାନଙ୍କ ଅଭିଯାନ୍ ସମ୍ପର୍କରେ ଏହିପରି ଅବସ୍ଥା ସୃଷ୍ଟି ହୋଇଯାଇଥିଲା ଯାହା ଫିତ୍‌ନା (ବିଭ୍ରାଟ)ର କାରଣ ହୋଇପାରିଥାଆନ୍ତା । କିନ୍ତୁ ବେଳେବେଳେ କିଛି କଥା ଯାହା ଭୁଲ୍ ବୋଲି ଜଣାପଡ଼ିଥାଏ କିନ୍ତୁ ତାହା ଅଲ୍ଲାଃଙ୍କ ଇଚ୍ଛା ଅନୁସାରେ ଘଟିଥାଏ ଓ କିଛି ସାଧାରଣ ଘଟଣାର ଫଳ ବହୁତ ମହାନ୍ ହୋଇଥାଏ । ତେଣୁ ଏହା ସମ୍ଭବ ଥିଲା କି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜହସ୍‌ଙ୍କ ଅଭିଯାନକୁ ପ୍ରେରଣ ନ କରାଯାଇଥାଆନ୍ତା ଓ ତାଙ୍କ ଦ୍ୱାରା ଯାହା ହେଲା ତାହା ହୋଇନଥାନ୍ତା ଓ ଅବୁସଫିଆନ୍‌ଙ୍କ ଦାୟିତ୍ୱରେ ଶିରିଆରୁ ଆସୁଥିବା କାଫେଲା ମକାରେ ବିନା ଅସୁବିଧାରେ ପହଂଚି ଯାଇଥାଆନ୍ତା । ତେବେ କୁରୈଶ ଏହି କାଫଲାରୁ ଲାଭ ଉଠାଇ ବହୁତ ବଡ଼ ପ୍ରସ୍ତୁତି କରି ମୁସଲ୍‌ମାନଙ୍କ ଉପରେ ଆକ୍ରମଣ କରିଥାଆନ୍ତେ ଯାହାଙ୍କ ମୁକାବିଲା କରିବା ଅଳ୍ପ ସଂଖ୍ୟକ ସାହାବା ମାନଙ୍କ ପାଇଁ ବଡ଼ କଠିନ ହୋଇଥାଆନ୍ତା । କିନ୍ତୁ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜହସ୍‌ଙ୍କ ଦ୍ୱାରା ଘଟିଥିବା ଘଟଣାରୁ କୁରୈଶ୍‌ର ଗର୍ବୀ ସର୍ଦ୍ଦାରମାନେ କ୍ରୋଧିତ ହେଲେ ଓ ସେହି କ୍ରୋଧ ଅଗ୍ନିରେ କ୍ରୋଧାନ୍ୱିତ ହୋଇ ଶିଘ୍ର ଶିଘ୍ର ପାଖାପାଖି ଏକ ହଜାର ଶସସ୍ତ୍ର ସୈନିକଙ୍କ ସହିତ ଏ ଧାରଣାରେ ବଦର୍ ଠାରେ ପହଂଚିଗଲେ କି ସେମାନେ ନିଜ କାଫିଲାକୁ ବଂଚାଇବେ । କିନ୍ତୁ ସେ ଜାଣିନଥିଲେ କି ସେହିଠାରେ ହିଁ ତାଙ୍କର ମୃତ୍ୟୁ ନିଶ୍ଚିତ ଥିଲା ଓ ଅନ୍ୟପଟେ ଏକଥାର ମଧ ସମ୍ଭାବନା ଥିଲା କି ଯଦି ସାହାବାଙ୍କୁ ଏକଥା ଜଣାପଡ଼ିଥାଆନ୍ତା କି ଗୋଟିଏ ସଶସ୍ତ୍ର ସେନାର ମୁକାବିଲା ପାଇଁ ସେମାନଙ୍କୁ ନିଆଯାଉଛି ତେବେ ସେମାନଙ୍କ ଭିତରୁ କିଛି ଚିନ୍ତାରେ ପଡ଼ିଯାଇଥାଆନ୍ତେ । ତେଣୁ ଗୋପନ ରଖିବା ଏ କାର୍ଯ୍ୟ କଲା ଯାହା ଯୁଦ୍ଧ ସମୟରେ ସାହାଯ୍ୟ କରିଥାଏ, ଯାହାକୁ ଆଜିକାଲି ଯୁଦ୍ଧ ପାଇଁ ଅଓଟ କୁହାଯାଉଛି ବା ଉବଙ୍ଗ୍କଙ୍କଲକ୍ଷବଶର ମଧ କୁହାଯାଇଥାଏ" ।
(ସହି ବୁଖାରୀ, ଅନୁବାଦ ଓ ବ୍ୟାଖ୍ୟା, ହଜ୍‌ରତ୍ ସୟଦ୍ ଜଏନୁଲ୍ ଆବେଦୀନ୍ ୱଲିଉଲ୍ଲାଃ ଶାହ୍ ସାହେବ, ଖଣ୍ଡ-୮, ପୃଷ୍ଠା-୧୭, କିତାବୁଲ୍ ମଗାଜି...ଅଲ୍‌ଇସ୍‌ଲାମ୍ ପ୍ରେସ୍, ରବ୍‌ୱା)

ଇତିହାସ ପୃଷ୍ଠାରେ ଦରଜ ଅଛି ଅଲ୍ଲାଃ ଓ ରସୁଲଙ୍କ ପ୍ରେମ ତାଙ୍କୁ ସମସ୍ତ ସାଂସାରିକ ମୋହ ମାୟାରୁ ଦୂରେଇ ଦେଇଥିଲା । ତାଙ୍କର ଯଦି କିଛି ଅଭିଳାଷ ଥିଲା ତେବେ ତାହା ଅଲ୍ଲାଃଙ୍କ ମାର୍ଗରେ ନିଜ ପ୍ରିୟ ଜୀବନ ଉତ୍ସର୍ଗ କରିବା ଥିଲା । ଅତଃ ତାଙ୍କର ଏହି ଅଭିଳାଷ ପୂରଣ ହେଲା । ଏବଂ ଅଲ୍‌ମଜଦ୍ଦଉ ଫିଲ୍ଲାହି (ଖୁଦାଙ୍କ ମାର୍ଗରେ କାନ କଟା ବାଲା) ତାଙ୍କ ନାମର ଏକ ପ୍ରମୁଖ ଚିହ୍ନ ହୋଇଗଲା" ।
(ଅସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୯୦, ଅବ୍‌ଦୁଲ୍ଲାଃ ବିନ୍ ଜହସ୍....ବେରୁତ୍- ୨୦୦୩)

ତାଙ୍କ ଶହିଦ ହେବା ପୂର୍ବର ଗୋଟିଏ ପ୍ରସିଦ୍ଧ ଘଟଣା ଶୁଣନ୍ତୁ । ଇସହାକ୍ ବିନ୍ ସାଆଦ୍ ବିନ୍ ଅବି ୱକାଶ ନିଜ ପିତାଙ୍କ ମାଧ୍ୟମରେ ବର୍ଣ୍ଣନା କରିଛନ୍ତି କି ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍ ନିଜ ପିତା ଅର୍ଥାତ ସାଆଦ୍‌ଙ୍କୁ ୱହଦ୍ ଯୁଦ୍ଧରେ କହିଲେ ଆସ ଆମେ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରିବା । ଅତଏବ ଉଭୟ ଏକ ପାର୍ଶ୍ୱକୁ ମୁହଁ କଲେ ଏବଂ ପ୍ରଥମେ ସାଆଦ ଦୁଆ କଲେ କି ହେ ଅଲ୍ଲାଃ ! ଯେତେବେଳେ ମୁଁ ଶତ୍ରୁମାନଙ୍କୁ ସାକ୍ଷାତ କରିବି ସେତେବେଳେ ମୋର ମୁକାବିଲା ଏଭଳି ବ୍ୟକ୍ତି ସହ ହେଉ ଯେ ଆକ୍ରମଣ କରିବାରେ ସୁଦକ୍ଷ ଥିବ ଏବଂ ତାହାର (ବୀରତ୍ୱ) ସମସ୍ତଙ୍କ ମଧ୍ୟରେ ପ୍ରସିଦ୍ଧି ଅର୍ଜନ କରିଥିବ । ମୁଁ ତାହା ସହ ଲଢି ତାହାକୁ ହତ୍ୟା କରେ ଏବଂ ତାହାର ଅସ୍ତ୍ରଶସ୍ତ୍ର ନିଜ କବଜାରେ କରିନେବି । ଏଥିରେ ଅବଦୁଲ୍ଲାଃ ବିନ୍ ଜହଶ୍ ଆମିନ୍ କହିଲେ ତାପରେ ଅବଦୁଲ୍ଲାଃ ବିନ୍ ଜହଶ୍ ଦୁଆ କଲେ କି ହେ ଅଲ୍ଲାଃ ! କାଲି ମୋ ସମ୍ମୁଖରେ ଏକ ଏଭଳି ବ୍ୟକ୍ତି ଆସୁ ଯେ, ଆକ୍ରମଣ କରିବାରେ ସିଦ୍ଧହସ୍ତ ଥିବ ସମସ୍ତଙ୍କ ମଧ୍ୟରେ ସେ ଗୌରବ ଅର୍ଜନ କରିଥିବ ମୁଁ ତୁମ ଖାତିର ତାହା ସହ ଲଢେଇ କରେ ଏବଂ ସେ ମୋ ସହ ଲଢେଇ କରି ମୋତେ ଶହିଦ୍ କରିଦେଉ ଏବଂ ମୋର ନାକ କାନ ଛେଦ କରିଦେଉ । ସୁତରାଂ ଯେତେବେଳେ ମୁଁ ତୁମ ନିକଟରେ ହାଜିର୍ ହେବି ତୁମେ ମୋତେ ପଚାରିବ କି ହେ ଅବଦୁଲ୍ଲାଃ ! କାହା ମାର୍ଗରେ ତୁମ ନାକ ଓ ଦୁଇ କାନ କଟାଗଲା ମୁଁ ଉତର ଦେବି କି ତୁମ ଓ ତୁମ ରସୁଲଙ୍କ ମାର୍ଗରେ ଏବଂ ଉତରରେ ତୁମେ କହିବ କି ତୁମେ ସତ କହୁଛ । ହଜରତ ସାଆଦ କୁହନ୍ତି କି ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍‌ଙ୍କ ଦୁଆ ମୋ ଦୁଆ ଠାରୁ ଶ୍ରେୟସ୍କର ଅଟେ । କାରଣ ଶେଷ ଦିନରେ ମୁଁ ତାଙ୍କ ନାକ ଓ ଉଭୟ କାନ ଏକ ସୁତାରେ ବନ୍ଧାଯାଇଥିବା ଦେଖିଲି ଅର୍ଥାତ ତାହା କଟାଯାଇଥିଲା । (ଅସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୯୦, ଅବ୍‌ଦୁଲ୍ଲାଃ ବିନ୍ ଜହସ୍....ବେରୁତ୍- ୨୦୦୩) ଅର୍ଥାତ୍ ସେ ସବୁ କଟିଯାଇଥିଲା ଓ ତାଙ୍କୁ କୌଣସି ସୁତାରେ ଗୁନ୍ଥାଯାଇଥିଲା ।

ଏହିପରି ଅତ୍ୟାଚାର ମୂଳକ କାର୍ଯ୍ୟ ଯାହାକୁ ସେହି କାଫିର୍ (ଅମାନ୍ୟକାରୀ) ମାନେ କରୁଥିଲେ ବର୍ତମାନ ସେହି କାର୍ଯ୍ୟକୁ ମଧ କିଛି କଠୋରପନ୍ଥୀ ମୁସଲ୍‌ମାନ୍‌ମାନେ ଇସ୍‌ଲାମ୍ ନାରେ କହୁଛନ୍ତି ।

ହଜରତ ମୁତଲିବ୍ ବିନ୍ ଅବଦୁଲ୍ଲାଃ ବିନ୍ ହନତବ୍ କୁହନ୍ତି କି ହଜରତ ମହମ୍ମଦ ସ.ଆ ୱହଦ ଯୁଦ୍ଧକୁ ଯାଉଥିବା ବେଳେ ଗୋଟିଏ ସ୍ଥାନରେ ଅବସ୍ଥାନ କଲେ ଯାହାର ନାମ ଶେଖେନ୍ ଅଟେ । ସେଠାରେ ହଜରତ ଉମ୍ମେ ସଲମା ଆଗ ଫଡିଆର ମାଂସକୁ ରାନ୍ଧି ତିଆରି କରି ଆଣିଲେ, ଆପଣ ସେଥିରୁ କିଛି ଖାଇଲେ ଏହି ପରି ନବିଜ୍ (ତୈଳ ଜାତୀୟ ଖାଦ୍ୟ) ଆଣିଲେ ତାହା ମଧ ଆପଣ ସେବନ କଲେ । ତାପରେ ଜଣେ ବ୍ୟକ୍ତି ସେହି ତୈଳ (ପାତ୍ର)କୁ ନେଇ ସେଥିରୁ କିଛି ସେବନ କଲେ ତାପରେ ପାତ୍ରଟିକୁ ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍ ନେଇ ସମ୍ପୂର୍ଣ୍ଣ ପାନ କରିଦେଲେ । ଜଣେ ବ୍ୟକ୍ତି କହିଲେ କିଛି ମୋତେ ମଧ ଦିଅ, ତୁମକୁ ଜଣା ଅଛି କାଲି ସକାଳେ ତୁମେ କୁଆଡ଼େ ଯିବ । ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍ କହିଲେ ମୋତେ ଜଣାଅଛି । ମୋତେ ଅଲ୍ଲାଃଙ୍କୁ ଏପରି ଅବସ୍ଥାରେ ସାକ୍ଷାତ କରିବାର ଅଛି କି ମୁଁ ତୃପ୍ତ ହେବା ପରିବର୍ତେ ତାଙ୍କୁ ତୃଷାର୍ତ ଅବସ୍ଥାରେ ସାକ୍ଷାତ କରେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୫୦.... ବେରୁତ୍ ୧୯୯୬)

ହଜୁର ଅନୱର ଅ.ବ କହିଲେ- ଆଶ୍ଚର୍ଯ୍ୟ ଲାଗୁଛି ଏହି ସାହାବାମାନଙ୍କ ଅଲ୍ଲାଃଙ୍କ ସହ ଏପରି ପ୍ରେମ ଭାବନା ଦେଖି, ପୁଣି ଅଲ୍ଲାଃଙ୍କ ସହ ସାକ୍ଷାତ କରିବା ପାଇଁ ସେମାନେ କିଭଳି ପ୍ରସ୍ତୁତି କରୁଥିଲେ ।

ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍ ଓ ହଜରତ ହମଜାଃ ବିନ୍ ଅବଦୁଲ୍ ମୁତଲିବ୍‌ଙ୍କୁ ଗୋଟିଏ କବରରେ ମାଟି ଦିଆଯାଇଥିଲା । ହଜରତ ହମଜାଃ ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍‌ଙ୍କର ଖାଲୁ ଥିଲେ । ଶହିଦ୍ ହେବା ସମୟରେ ହଜରତ ଅବଦୁଲ୍ଲାଃଙ୍କର ବୟସ ୪୦ବର୍ଷରୁ କିଛି ଅଧିକ ଥିଲା । ହଜୁର ସ.ଆ ଆପଣଙ୍କ ସମ୍ପତିର ଉତରାଧିକାରୀ ହେଲେ ଏବଂ ହଜୁର ସ.ଆ ଖେବର୍ (ଯୁଦ୍ଧ) ସମୟରେ ତାଙ୍କ ପୁତ୍ରଙ୍କୁ ବିଭିନ୍ନ ଜିନିଷ କିଣି ପ୍ରଦାନ କରିଥିଲେ । (ଅସଦୁଲ୍ ଗାବା ଫିମାରେଫତୁସ୍ ସାହାବା, ଖଣ୍ଡ-୩, ପୃଷ୍ଠା-୯୦, ଅବ୍‌ଦୁଲ୍ଲାଃ ବିନ୍ ଜହଶ୍.... ବେରୁତ୍ ୨୦୦୩) ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍ ଜଣେ ଉପଯୁକ୍ତ ପରାମର୍ଶଦାତା ଥିଲେ । ରସୁଲେ କରିମ୍ ସ:ଆ:ସ ବଦର୍ ଯୁଦ୍ଧ ସମ୍ବନ୍ଧରେ ଯେଉଁ ସାହାବୀମାନଙ୍କ ଠାରୁ ମତ ମାଗିଥିଲେ ସେମାନଙ୍କ ମଧ୍ୟରେ ସେ ମଧ ସାମିଲ୍ ଥିଲେ । (ଅଲ୍ ଇସ୍‌ତିଆବ୍ ଫିମାର୍‌ଫତୁଲ୍ ଅସ୍‌ହାବ, ଖଣ୍ଡ-୩, ପୃଷ୍ଠା-୧୬, ଅବ୍‌ଦୁଲ୍ଲାଃ ବିନ୍ ଜହଶ୍....ବେରୁତ୍ ୨୦୦୨)

ହଜ୍‌ରତ୍ ମୁସ୍‌ଲେ ମଉଦ୍ ର:ଅ ୱହଦ୍ ଯୁଦ୍ଧରୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଫେରିବା ସମୟରେ

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜହଶ୍‌ଙ୍କ ଭଉଣୀଙ୍କର ଗୋଟିଏ ଘଟଣା ବର୍ଣ୍ଣନା କରୁଛନ୍ତି, ଯାହା ଇତିହାସରେ ଏପରି ଆସିଛି ବା ସେ ନିଜ ଶବ୍ଦରେ ଏପରି ବର୍ଣ୍ଣନା କରିଛନ୍ତି କି "ସେହି ଯୁଦ୍ଧରେ ଅର୍ଥାତ୍ ଓ୍ୱହଦ୍ ଯୁଦ୍ଧରେ ଆମେ ଦେଖିବାକୁ ପାଉଛୁ କି ରସୁଲେ କରିମ୍ ସ:ଆ;ସ କିପରି ଉଚ୍ଚ, ସାହସିକତା ଓ ଉଚ୍ଚତମ ଚରିତ୍ରର ନମୁନା ଉପସ୍ଥାପନ କଲେ ଓ ଲୋକମାନଙ୍କ ସହିତ ସହାନୁଭୂତି ଓ ତାଙ୍କୁ ଶାନ୍ତ୍ୱନା ଦେଲେ । ଏହି ଯୁଦ୍ଧର ଅବସ୍ଥାରୁ ଜଣାପଡୁଛି କି ଆପଣ ସ:ଆ:ସଙ୍କ ଚରିତ୍ର କେତେ ଉଚ୍ଚସ୍ତରରେ ରହିଥିଲା ଓ ଏହି ଯୁଦ୍ଧରେ ସାହାବାମାନଙ୍କର ଅନୁପମ କୁର୍ବାନୀ ମଧ୍ୟ ଜଣାପଡୁଛି । ଲେଖୁଛନ୍ତି କି ମୁଁ ସେ ସମୟର କଥା କହୁଛି ଯେବେ ଆପଣ ସ:ଆ;ସ ଯୁଦ୍ଧ ଶେଷ ହେବା ପରେ ମଦ୍ଦିନା ଫେରି ଆସୁଥିଲେ । ମଦ୍ଦିନାର ମହିଳାମାନେ ଯିଏ ଆପଣଙ୍କ ଶହିଦ୍ ହେବାର ଖବର ଶୁଣି ବ୍ୟତିବ୍ୟସ୍ତ ହୋଇଯାଇଥିଲେ । ଏବେ ସେ ଆପଣଙ୍କ ଆଗମନର ଖବର ଶୁଣି ଆପଣଙ୍କୁ ସ୍ୱାଗତ କରିବା ପାଇଁ ମଦ୍ଦିନାରୁ ବାହାରି କିଛି ଦୂର ପର୍ଯ୍ୟନ୍ତ ପହଂଚି ଯାଇଥିଲେ । ସେମାନଙ୍କ ମଧ୍ୟରେ ଆପଣଙ୍କର ଜଣେ ଶାଳୀ ହିମ୍‌ନା ବିନ୍‌ତ୍ ଜହଶ୍ ମଧ୍ୟ ଥିଲେ । ତାଙ୍କତ ତିନିଜଣ ବହୁତ ଅତି ନିକଟ ସମ୍ପର୍କୀୟ ଏହି ଯୁଦ୍ଧରେ ଶହିଦ୍ ହୋଇଯାଇଥିଲେ । ରସୁଲେ କରିମ୍ ସ:ଆ:ସ ଯେବେ ତାଙ୍କୁ ଦେଖିଲେ କହିଲେ ନିଜ ମୃତ ଲୋକଙ୍କ ପାଇଁ ଅବଶୋଷ କର । ଏହା ଆରବୀ ଭାଷାର ଗୋଟିଏ ପଦ, ଯାହାର ଅର୍ଥ ହେଉଛି କି ମୁଁ ତୁମକୁ ତୁମ ନିକଟ ସମ୍ପର୍କୀୟ ମୃତ ଲୋକଙ୍କ ଖବର ଦେଉଛି ସେଥିରେ ଦୁଃଖ ପ୍ରକାଶ କର । ଏଥିରେ ହିମ୍‌ନାବିନ୍ ଜହଶ୍ କହିଲେ- ହେ ରସୁଲୁଲ୍ଲାଃ କେଉଁ ମୃତକଙ୍କ ନିମନ୍ତେ ଅବଶୋଷ (ଦୁଃଖ) କରିବି । ଏଥିରେ ଆପଣ ସ:ଆ:ସ କହିଲେ ତୁମ ମାମୁଁ ହମ୍‌ଜାଃ ଶହିଦ୍ ହୋଇଯାଇଛନ୍ତି । ଏହା ଶୁଣି ହଜ୍‌ରତ୍ ହିମ୍‌ନା ଇନ୍ନା ଲିଲା ହେ ଓ୍ୱ ଇନା ଇଲୈହେ ରାଜେଉନ୍ ପଢ଼ିଲେ ଓ ପୁଣି କହିଲେ ଅଲ୍ଲାଃତାଲା ତାଙ୍କର ସ୍ତର ଉଚ୍ଚ କରନ୍ତୁ । କେଡେ ଭଲ ମରଣ । ଏହାପରେ ଆପଣ ସ:ଆ:ସ କହିଲେ ତୁମର ଆଉ ଜଣେ ମୃତ ବ୍ୟକ୍ତିଙ୍କ ପାଇଁ ଦୁଃଖ କର । ଏଥିରେ ହିମ୍‌ନା କହିଲେ ହେ ରସୁଲୁଲ୍ଲାଃ କାହାପାଇଁ ? ଏଥିରେ ଆପଣ ସ:ଆ:ସ କହିଲେ ତୁମ ଭାଇ ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ ମଧ୍ୟ ଶହିଦ୍ ହୋଇଯାଇଛନ୍ତି । ହିମ୍‌ନା ପୁଣି ଇନ୍ନା ଲିଲା ହେ ଓ୍ୱ ଇନ୍ନା ଲଲୈହେ ରାଜେଉନ୍ ପଢ଼ିଲେ । ଓ କହିଲେ ଅଲ୍‌ହମ୍‌ଦୋଲିଲ୍ଲାଃ ଏହା ତ ବହୁତ ବଢ଼ିଆ ମରଣ ଅଟେ । ପୁଣି ଆପଣ ସ:ଆ:ସ କହିଲେ ହେ ହିମ୍‌ନା ! ତୁମେ ଆଉଜଣେ ମୃତକଙ୍କ ପାଇଁ ଦୁଃଖ କର । ସେ ପଚାରିଲେ ହେ ରସୁଲୁଲ୍ଲାଃ କାହାପାଇଁ ? ଆପଣ ସ:ଆ:ସ କହିଲେ ତୁମ ସ୍ୱାମୀ ମଧ୍ୟ ଶହିଦ୍ ହୋଇଯାଇଛନ୍ତି । ଏକଥା ଶୁଣି ହିମ୍‌ନାଙ୍କ ଆଖିରୁ ଲହୁ ଧାର ଧାର ବହିଗଲା ଓ ଏଥିରେ ସେ ଦୁଃଖ ପ୍ରକାଶ କଲେ । ଏହାକୁ ଦେଖି ରସୁଲେ କରିମ୍ ସ;ଆ:ସ କହିଲେ- ଦେଖ ସ୍ତ୍ରୀ କୁ ନିଜ ସ୍ୱାମୀଙ୍କ ସହିତ କେତେ ଗଭୀର ସମ୍ପର୍କ ଥାଏ । ଯେବେ ମୁଁ ହିମ୍‌ନାଙ୍କୁ ତାଙ୍କ ମାମୁଙ୍କ ଶହିଦ୍ ହେବା ବିଷୟ ଖବର ଦେଲି ସେ ଇନ୍ନା ଲିଲା ହେ ଓ୍ୱ ଇନ୍ନା ଲଲୈହେ ରାଜେଉନ୍ ପଢ଼ିଲେ । ଯେବେ ମୁଁ ତାଙ୍କ ଭାଇଙ୍କ ଶହିଦ୍ ହେବା ବିଷୟ ଖବର ଦେଲି ସେ ପୁଣି ମଧ୍ୟ ଇନ୍ନା ଲିଲା ହେ ଓ୍ୱ ଇନ୍ନା ଲଲୈହେ ରାଜେଉନ୍ ପଢ଼ିଲେ । କିନ୍ତୁ ଯେବେ ମୁଁ ତାଙ୍କ ସ୍ୱାମୀଙ୍କ ଶହିଦ୍ ହେବା ବିଷୟ ଖବର ଦେଲି ସେ ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲେ ହାଏ ଅବଶୋଷ ଅର୍ଥାତ୍ ବହୁତ ଦୁଃଖର କଥା ଓ ସେ ନିଜର ଲୁହକୁ ରୋକି ପାରିଲେନାହିଁ ଓ ବିଚଳିତ ହୋଇଗଲେ । ପୁଣି ଆପଣ ସ:ଆ:ସ କହିଲେ ମହିଳାମାନେ ଏପରି ସମୟରେ ନିଜ ନିକଟ ସମ୍ପର୍କୀୟ ବନ୍ଧୁବାନ୍ଧବଙ୍କୁ ଭୁଲି ଯାଉଛନ୍ତି । କିନ୍ତୁ ତାଙ୍କୁ ପ୍ରେମ କରୁଥିବା ସ୍ୱାମୀ ତାଙ୍କୁ ମନେ ରହୁଛି । ଏହାପରେ ଆପଣ ସ:ଆ:ସ ହିମ୍‌ନାଙ୍କୁ ପଚାରିଲେ ତୁମେ ତୁମ ସ୍ୱାମୀଙ୍କ ଖବର ଶୁଣି ଦୁଃଖ ପ୍ରକାଶ କାହିଁକି କଲ ? ହିମ୍‌ନା ଉତର ଦେଲେ କି ହେ ରସୁଲୁଲ୍ଲାଃ ମୋତେ ତାଙ୍କ ପୁଅମାନଙ୍କ କଥା ମନେପଡ଼ିଗଲା । ଅର୍ଥାତ୍ ସେମାନଙ୍କର ଭରଣ ପୋଷଣ କିଏ କରିବ" । (ଏଠାରେ ସ୍ୱାମୀଙ୍କ ସହିତ ଥିବା ଭଲ ପାଇବା ଗୋଟିଏ ସ୍ଥାନରେ । ଜଣେ ଭଲପାଉଥିବା ସ୍ୱାମୀ ଯଦି ଥିବେ ତାହାଲେ ସ୍ତ୍ରୀ ତାକୁ ମନରଖିଥାଏ କିନ୍ତୁ ତା ପିଲାମାନଙ୍କର ଚିନ୍ତା ମଧ୍ୟ ତାକୁ ଥାଏ । ଏହାର ପ୍ରକାଶ ସେ କରିଛନ୍ତି । ଏବଂ ଏଥିରେ ଆଜିକାଲିକା ପୁରୁଷମାନଙ୍କ ପାଇଁ ଓ ମହିଳାମାନଙ୍କ ପାଇଁ ମଧ୍ୟ ଶିକ୍ଷା ରିହଛି କି ସେମାନେ ଭଲପାଉଥିବା ସ୍ୱାମୀ ହୁଅନ୍ତୁ ଓ ସନ୍ତାନଙ୍କ ଚିନ୍ତା କରୁଥିବା ମା' ହୁଅନ୍ତୁ । ଓ ଭଲ ପାଉଥିବା ସ୍ୱାମୀ ହେବାପାଇଁ ସ୍ତ୍ରୀ ଓ ପିଲାମାନଙ୍କର ହକ୍ (ଅଧିକାର) ପ୍ରଦାନ କରିବା ମଧ୍ୟ ଜରୁରୀ ଅଟେ । ଏହାର ଅଭିଯୋଗ ଆଜିକାଲି ବହୁତ ମିଳୁଛି କି ସେମାନଙ୍କର ଅଧିକାର ପ୍ରଦାନ କରାଯାଉନାହିଁ । ପୁଣି ଆପଣ ସ:ଆ:ସ ମଧ୍ୟ କେତେ ସୁନ୍ଦର ରୂପେ କହିଲେ) "ଆପଣ ସ:ଆ:ସ ହିମ୍‌ନାକୁ କହିଲେ କି ମୁଁ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରୁଛି କି ଅଲ୍ଲାଃତାଲା ତୁମ ପିଲାମାନଙ୍କର ଭରଣପୋଷଣ ତୁମ ସ୍ୱାମୀଙ୍କ ଠାରୁ ଅଧିକା କରୁଥିବା ବ୍ୟକ୍ତି ଜନ୍ମ କରିଦିଅନ୍ତୁ । ଅର୍ଥାତ୍ ତୁମ ପିଲାଙ୍କର ଭରଣ ପୋଷଣ ପାଇଁ କେହି ଜଣେ ଉତମ ବ୍ୟକ୍ତି ଜନ୍ମ ହୋଇଯାଉ । ସୁତରାଂ ଏ ଦୁଆର ଫଳ ଏପରି ହେଲା କି ହିମ୍‌ନା ର:ଅଙ୍କ ବିବାହ ହଜ୍‌ରତ୍ ତଲ୍‌ହାଙ୍କ ସହିତ ହୋଇଗଲା ଓ ତାଙ୍କଠାରୁ ମୁହମ୍ମଦ୍‌ବିନ୍ ତଲ୍‌ହା ଜନ୍ମ ନେଲେ । କିନ୍ତୁ ଇତିହାସରେ ଆସିଛି କି ହଜ୍‌ରତ୍ ତଲ୍‌ହା ନିଜ ପୁତ୍ର ମୁହମ୍ମଦ୍‌ଙ୍କ ସହିତ ଏତେ ପ୍ରେମ ଓ ସ୍ନେହ କରୁନଥିଲେ ଯେତେ ହିମ୍‌ନାଙ୍କ ପ୍ରଥମ ସ୍ୱାମୀଙ୍କ ଠାରୁ ଥିବା ପିଲାମାନଙ୍କ ସହିତ ପ୍ରେମ କରୁଥିଲେ । ଲୋକମାନେ ଏହା କହୁଥିଲେ କି ଅନ୍ୟ କାହାର ପିଲାମାନଙ୍କୁ ଏତେ ପ୍ରେମ ଓ ସ୍ନେହରେ ପାଳିବା ବାଲା ତଲ୍‌ହାଙ୍କ ଠାରୁ ବଳି ଆଉ କେହି ନାହାଁନ୍ତି । ଏବଂ ଏହା ରସୁଲୁଲ୍ଲାଃ ସ:ଆ:ସଙ୍କ ଦୁଆ କରିବା ଫଳ ଥିଲା" । (ଉଦ୍ଧୃତ ପୁସ୍ତକ ମସାଏବ୍ କେ ନିଚେ ବର୍‌କତୋଁ କେ ଖଜାନେ ମଖ୍‌ଫି ହୋତେ ହେଁ, ଅନ୍‌ୱାରୁଲ୍ ଓ୍ୱଲୁମ୍, ଖଣ୍ଡ-୧୯, ପୃଷ୍ଠା-୫୬-୫୭)

ହଜୁର ଅନୱର ଅ.ବ କହିଲେ- ଦ୍ୱିତୀୟ ଚର୍ଚ୍ଚା ହଜରତ କାବ ବିନ୍ ଜୈଦ୍‌ଙ୍କର ଅଟେ । ଆପଣଙ୍କ ନାମ କାବ ବିନ୍ ଜୈଦ୍ ବିନ୍ କୈଶ୍ ଥିଲା । ବନୁ ନଜାର୍ କବିଲା (ଦଳ) ସହ ଆପଣଙ୍କ ସମ୍ପର୍କ ଥିଲା । ହଜରତ କାବ ର.ଅ ବଦର ଯୁଦ୍ଧରେ ଯୋଗ ଦେଇଥିଲେ ଏବଂ ଖନ୍ଦକ୍ ଯୁଦ୍ଧରେ ଶହିଦ୍ ହୋଇଥିଲେ । କୁହାଯାଏ କି ଆପଣଙ୍କୁ ଉମୟା ବିନ୍ ରବିୟା ବିନ୍ ସଖର୍‌ଙ୍କର ତିର ଲାଗିଥିଲା । ସେ ବୈର ମାଉନ୍‌ର ସାହାବାଙ୍କ ମଧ୍ୟରୁ ଅଟନ୍ତି ଯେଉଁସ୍ଥଳେ ତାଙ୍କର ସମସ୍ତ ସାଥି ଶହିଦ୍ ହୋଇଥିଲେ । **କେବଳ ସେ ଜୀବିତ ଅବସ୍ଥାରେ ଫେରିଥିଲେ** । (ଅଲ୍ ଇସ୍ତିଆବ୍, ଖଣ୍ଡ-୩, ପୃଷ୍ଠା-୩୭୬, ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିଆ, ବେରୁତ-୨୦୦୨)

ବୈର୍ ମାଉନା ସେହି ସ୍ଥାନ ଅଟେ ଯେଉଁଠି ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ କବିଲାଙ୍କ ଅନୁରୋଧରେ ନିଜର ୭୦ ଜଣ ସାହାବାଙ୍କୁ ପଠାଇଥିଲେ । ସେମାନଙ୍କ ମଧ୍ୟରୁ ବହୁତ ସାହାବା ହାଫିଜେ କୁରାନ୍ ଏବଂ କାରି ଥିଲେ ଓ ସେମାନଙ୍କୁ ଧୋକା ଦେଇ ସେଠାରେ ଶହିଦ୍ କରିଦିଆଯାଇଥିଲା । କେବଳ ହଜ୍‌ରତ୍ କାବ୍ ଜିବୀତ ଥିଲେ । ଓ ସେ ଘଟଣାରୁ ଏପରି ବଂଚିଯାଇଥିଲେ କି, ସେ ସେ ସମୟରେ ନିକଟରେ ଥିବା ପାହାଡ ଉପରେ ଚଢ଼ି ଯାଇଥିଲେ ଓ କିଛି ରିୱାୟତ୍‌ରେ ଆସୁଛି କି କୁଫାର୍ ମାନେ ଆକ୍ରମଣ କରି ତାଙ୍କୁ ମଧ୍ୟ ବହୁତ କ୍ଷତ ବିକ୍ଷତ କରିଦେଇଥିଲେ । ସେଥିଯୋଗୁ ସେମାନେ ତାଙ୍କୁ ମୃତ ବୋଲି ଭାବି ଛାଡ଼ିଯାଇଥିଲେ । କିନ୍ତୁ ସେତେବେଳେ ତାଙ୍କର ଜୀବନ ଥିଲା । ତାପରେ କିଛି ଦିନ ମଧ୍ୟରେ ସେ ମଦ୍ଦିନା ପହଂଚିଲେ ଓ ତାଙ୍କ ଜୀବନ ରକ୍ଷା ପାଇଗଲେ ଓ ସେ ଠିକ୍ ହୋଇଗଲେ । (ସିରତ୍ ଖାତମୁନ୍ ନବୀଇନ୍, ଲେଖକ-ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ଏମ୍.ଏ, ପୃଷ୍ଠା-୫୧୮-୫୧୯)

ତୃତୀୟ ଚର୍ଚ୍ଚା ହଜରତ ସାଲେହ୍ ଶୁକରାନ୍‌ଙ୍କର ଅଟେ । ତାଙ୍କ ନାମ ସାଲେହ ଓ ଉପାଧି ଶୁକରାନ୍ ଥିଲା । ଏହି ନାମରେ ଆପଣ ପ୍ରସିଦ୍ଧ ଥିଲେ । ହଜରତ ସାଲେହ୍ ଶୁକରାନ୍ ହଜରତ ଅବଦୁର୍ ରହେମାନ୍ ବିନ୍ ଔଫଙ୍କର ହବଶି ଦାସ ଥିଲେ । ହଜୁର ସ.ଆ ତାଙ୍କୁ ନିଜ ସେବା କରିବା ନିମନ୍ତେ ପସନ୍ଦ କଲେ ଏବଂ ତାଙ୍କୁ କିଣିନେଲେ । କେତେକ ସ୍ଥାନରେ ଲେଖାଅଛି କି ହଜରତ ଅବଦୁର୍ ରହେମାନ୍ ବିନ୍ ଔଫ୍ ତାଙ୍କୁ ମାଗଣାରେ ହଜୁର ସ.ଆଙ୍କୁ ପ୍ରଦାନ କରିଦେଇଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୩୯୨, ଶୁକ୍‌ରାନ୍... ବେରୁତ୍ ୨୦୦୩)

ହଜ୍‌ରତ୍ ସ୍ୱାଲେହ୍ ଶୁକ୍‌ରାନ୍ ବଦର୍ ଯୁଦ୍ଧରେ ଯୋଗ ଦେଇଥିଲେ । ଯେହେତୁ ସେ ସମୟରେ ସେ କ୍ରୀତଦାସ ଥିଲେ, ସ୍ୱାଧିନ ହୋଇନଥିଲେ । ସେଥିଯୋଗୁ ନବୀ କରିମ ସ:ଆ:ସ ତାଙ୍କର ଭାଗ ନିର୍ଦ୍ଧାରିତ କରିନଥିଲେ । ନବୀ କରିମ୍ ସ:ଆ:ସ ହଜ୍‌ରତ୍ ସ୍ୱାଲେହ୍ ଶୁକ୍‌ରାନକୁ କଏଦୀ ମାନଙ୍କ ନିରୀକ୍ଷକ ରୂପେ ନିୟୋଜିତ କଲେ । ହଜ୍‌ରତ୍ ସ୍ୱାଲେହ୍ ଶୁକ୍‌ରାନ୍ ଯେଉଁ ଲୋକମାନଙ୍କର କଏଦୀ ମାନଙ୍କ ନିରୀକ୍ଷଣ କରୁଥିଲେ ସେ ତା ବଦଳରେ ତାଙ୍କୁ ତାର ପ୍ରତିବଦଳ ଦେଉଥିଲେ । ସୁତରାଂ ତାଙ୍କୁ ମାଲେ ଗନିମତ୍ (ଯୁଦ୍ଧ ବିଜୟ ପରେ ହାସଲ ହୋଇଥିବା ଧନ ସମ୍ପତି) ଠାରୁ ଅଧିକା ମାଲ୍ ମିଳିଯାଇଥିଲା । (ସିରତ୍ ଇବ୍‌ନେ କସିର ବାବ୍ ଜିକ୍‌ରେ ଉବୈଦା.... ପୃଷ୍ଠା-୭୫୦...ବେରୁତ ୨୦୦୫) ମାଲେ ଗଲିମତ୍‌ରୁ ତ ଭାଗ ମିଳିନଥିଲା । କିନ୍ତୁ କଏଦୀଙ୍କ ନିରୀକ୍ଷଣ କରିବା ଯୋଗୁ ତାଙ୍କୁ ମାଲେ ଗନିମତ୍ ଠାରୁ ଅଧିକା ମାଲ୍ ମିଳିଯାଇଥିଲା" । "ବଦର ଯୁଦ୍ଧ ପରେ ହଜୁର ସ.ଆ ତାଙ୍କୁ ସ୍ୱାଧିନ କରିଦେଇଥିଲେ" । (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୩୯୨, ଶୁକ୍‌ରାନ୍... ବେରୁତ୍ ୨୦୦୩)

ହଜରତ ଜାଫର୍ ବିନ୍ ମହମ୍ମଦ ସାଦିକ୍ କୁହନ୍ତି ହଜରତ ଶକରାନ୍ ଅସହାବେ ସୁଫାମାନଙ୍କ ମଧ୍ୟରୁ ଥିଲେ । (ହୁଲିୟତୁଲ୍ ଅଉଲିଆ, ପ୍ରଥମ ଖଣ୍ଡ, ପୃଷ୍ଠା-୩୪୮, ଜିକର୍ ଅହ୍‌ଲୁସ୍ ସୁଫା, ମୁଦ୍ରଣ - ମକ୍‌ତବତୁଲ୍ ଇମାନ୍, ଅଲ୍ ମନ୍‌ସୁରା ୨୦୦୭) ଏମାନେ ସେହି ବ୍ୟକ୍ତି ସମୂହ ଥିଲେ ଯେଉଁମାନେ ସଦାସର୍ବଦା ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱାର ଦେଶରେ ବସି ରହୁଥିଲେ । ହଜରତ ଶୁକରାନ୍‌ଙ୍କୁ ଏହି ସୌଭାଗ୍ୟ ଲାଭ ହୋଇଥିଲା କି ସେ ହଜୁର ସ.ଆଙ୍କୁ ଗୁସଲ୍ (ମରଣ ଅନ୍ତେ ସ୍ନାନ ଦେବା) ଓ ଆପଣଙ୍କ ଶେଷକୃତ୍ୟ ସମ୍ପାଦନ କରିବାରେ ସାମିଲ୍ ଥିଲେ । (ଅଲ୍ ଅସାବା, ଖଣ୍ଡ-୩, ପୃଷ୍ଠା-୨୮୪, ଶୁକ୍‌ରାନ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିଆ, ବେରୁତ ୨୦୦୫)

ହଜରତ ଇବନେ ଅବ୍‌ବାସ କୁହନ୍ତି ହଜୁର ସ.ଆଙ୍କୁ ତାଙ୍କ ପରିହିତ ବସ୍ତ୍ରରେ ହିଁ ଗୁସଲ୍ ଦିଆଗଲା ଏବଂ ଆପଣଙ୍କ କବରରେ ହଜରତ ଅଲ୍ଲୀ, ହଜରତ ଫଜଲ୍ ବିନ୍ ଅବ୍‌ବାସ୍, ହଜରତ କଶମ୍ ବିନ୍ ଅବ୍‌ବାସ୍, ହଜରତ ଓ୍ୱସ୍ ବିନ୍ ଖୌଲା ଓ ହଜରତ ଶୁକରାନ୍ ଓହ୍ଲାଇ ଆପଣଙ୍କ ପବିତ୍ର ମର ଶରୀରକୁ ରଖିଥିଲେ । (ସୁନନେ ତିରିମିଜି, କିତାବୁଲ୍ ଜନାଇଜ, ବାବ୍ ନାଜାଆ ଫିସ୍‌ସୌବିଲ୍ ଓ୍ୱାହିଦ୍....ହଦିସ୍ ନଂ-୧୦୪୭)

ହଜରତ ଶୁକରାନ୍ କୁହନ୍ତି ମୁଁ ଅଲ୍ଲାଃଙ୍କ ରାଣ ଖାଇ କହୁଅଛି କି ମୁଁ ହଜୁର ସ.ଆଙ୍କ ପାଇଁ କବରରେ ମଖମଲି ଚଦର ବିଛାଇ ଥିଲି । ସେ ଆହୁରି କୁହନ୍ତି ମୁଁ ଏକଥା ପସନ୍ଦ କଲି ନାହିଁ କି ହଜୁର ସ.ଆଙ୍କ ଅନ୍ତେ (ଉକ୍ତ ଚଦରକୁ) ଅନ୍ୟକେହି ପରିଧାନ କରନ୍ତୁ କାରଣ ହଜୁର ସ.ଆ ଏହାକୁ ଘୋଡୁଥିଲେ ଓ ବିଛାଉଥିଲେ । (ଅଲ୍ ମିନ୍‌ହାଜ୍ ବଶର୍‌ହ ସହି ମୁସ୍‌ଲିମ୍ ଅଜ୍ ଇମାମ୍ ନୁଓ୍ୱି, ପୃଷ୍ଠା-୭୪୯, କିତାବୁଲ୍ ଜନାଇଜ, ବାବ୍ ଜାଲଲ୍ କୁତୈଫା ଫିଲ୍ କବର୍, ହଦିସ୍ ନଂ-୯୬୭, ମୁଦ୍ରଣ- ଦାରେ ଇବ୍‌ନେ ହଜମ୍- ୨୦୦୨)

ମରିସି ଯୁଦ୍ଧ ସମୟରେ ହଜୁର ସ.ଆ ହଜରତ ଶକରାନ୍‌ଙ୍କୁ କଏଦି ଓ ମରିସିବାସୀ ତଥା ସେମାନଙ୍କଠାରୁ ଯେଉଁ ସବୁ ଧନସମ୍ପତି, ଜୀବଯନ୍ତୁ ଆଦି ହାସଲ ହୋଇଥିଲା ସେସବୁର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରିଥିଲେ । (ଇନ୍‌ତାଲ୍ ଅସ୍‌ମା, ଖଣ୍ଡ-୬, ପୃଷ୍ଠା-୩୧୬.... ବେରୁତ୍ ୧୯୯୯) କାରଣ ଆପଣ ଅତ୍ୟନ୍ତ ବିଶ୍ୱାସ ଯୋଗ୍ୟ ଥିଲେ । ତାଙ୍କ ସମ୍ବନ୍ଧରେ ବର୍ଣ୍ଣିତ ଅଛି କି ହଜରତ ଉମର ହଜରତ ଶୁକରାନ୍‌ଙ୍କ ପୁତ୍ର ଅବଦୁର୍ ରହେମାନ୍ ବିନ୍ ଶୁକରାନ୍‌ଙ୍କୁ ହଜରତ ଅବୁ ମୁସା ଅଶରୀଙ୍କ ନିକଟକୁ ପ୍ରେରଣ କଲେ ଏବଂ ଲେଖିଲେ କି ମୁଁ ତୁମ ନିକଟକୁ ଜଣେ ଉତମ ପୁରୁଷ ଅବଦୁର୍ ରହେମାନ୍ ବିନ୍ ସାଲେହ୍ ଶୁକରାନ୍‌ଙ୍କୁ ଯେ ହଜୁର ସ.ଆଙ୍କର ସ୍ୱାଧିନ ଦାସ ଥିଲେ ପ୍ରେରଣ କରୁଅଛି ତାଙ୍କ ପିତାଙ୍କ ପଦମର୍ଯ୍ୟାଦା ଓ ସ୍ତରକୁ ଧାନରେ ରଖି ତାଙ୍କ ସହ ବ୍ୟବହାର କରିବ । (ଅଲ୍ ଅସାବା, ଖଣ୍ଡ-୫, ପୃଷ୍ଠା-୩୧, ଅବ୍‌ଦୁର୍ ରହେମାନ୍ ବିନ୍ ଶୁକ୍‌ରାନ୍...ବେରୁତ୍ ୨୦୦୫)

ହଜୁର ଅନଓ୍ୱର ଅ.ବ କହିଲେ- ଏହା ସେହି ସ୍ତର ଥିଲା ଯାହାକି ଇସଲାମ କ୍ରିତଦାସମାନଙ୍କୁ ମଧ୍ୟ ପ୍ରଦାନ କରିଥିଲା । ସେ କେବଳ ଦାସମାନଙ୍କୁ ସ୍ୱାଧିନ କଲା ନାହିଁ ବରଂ ସେମାନଙ୍କ ସନ୍ତାନମାନେ ମଧ୍ୟ ସର୍ବତ୍ର ସ୍ୱୀକୃତ ହେଲେ । ଦରଜ ଅଛି ହଜରତ ଶକରାନ୍ ମଦିନାରେ ରହୁଥିଲେ ଏବଂ ତାଙ୍କର ଏକ ଘର ବସ୍‌ରାରେ ମଧ୍ୟ ଥିଲା ହଜରତ ଉମର ର.ଅଙ୍କ ସମୟ କାଳରେ ତାଙ୍କର ଦେହାନ୍ତ ହେଲା । (ଅଲ୍ ଅସାବା, ଖଣ୍ଡ-୫, ପୃଷ୍ଠା-୩୧, ଅବ୍‌ଦୁର୍ ରହେମାନ୍ ବିନ୍ ଶୁକ୍‌ରାନ୍...ବେରୁତ୍ ୨୦୦୫) (ଇନ୍‌ତାଲ୍ ଅସ୍‌ମା, ଖଣ୍ଡ-୬, ପୃଷ୍ଠା-୩୧୬.... ବେରୁତ୍ ୧୯୯୯)

ତା'ପରେ ହଜରତ ମାଲିକ୍ ବିନ୍ ଦୁଖସୁମ୍‌ଙ୍କର ଚର୍ଚ୍ଚା କରୁଛି । ତାଙ୍କର ସମ୍ପର୍କ ଖୃଜରଜ କବିଲାର ଖାନ୍‌ଦାନ୍ ବନୁଗନମ୍ ବିନ୍ ଅଓଫ୍ ସହିତ ଥିଲା । ତାଙ୍କର ଜଣେ ଝିଅ ଥିଲେ, ଯାହାଙ୍କ ନାମ ଫୁରୈୟା ଥିଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୮୨, ମାଲିକ୍ ବିନ୍ ଦୁଖସୁମ୍...ବେରୁତ ୧୯୯୬) । କେତେକଙ୍କ କହିବା ମୁତାବକ ସେ ବୟତ ଉକ୍‌ବାରେ ଶାମିଲ୍ ହୋଥିଲେ । ହଜରତ ମାଲିକ୍ ବିନ୍ ଦୁଖ୍‌ସୁମ୍ ବଦର, ଓ୍ୱହଦ୍, ଖନ୍ଦକ ଓ ତାପରେ ଘଟିଥିବା ସମସ୍ତ ଯୁଦ୍ଧରେ ହଜୁର ସ.ଆଙ୍କ ସହ ଯୋଗ ଦେଇଥିଲେ ।

(ଅଲ୍ ଇସ୍ତିଆବ୍ ଖଣ୍ଡ-୩, ପୃଷ୍ଠା-୪୦୫-୪୦୬, ମାଲିକ୍‌ବି ଦୁଖ୍‌ସୁମ୍... ବେରୁତ ୨୦୦୨)

ସୁହେଲ୍ ବିନ୍ ଉମରୋ କୁରୈଶ୍‌ର ବଡ ବଡ ସର୍ଦ୍ଦାରମାନଙ୍କ ମଧ୍ୟରୁ ଜଣେ ଥିଲେ । ସେହ ବଦର୍ ଯୁଦ୍ଧରେ ମୁସ୍‌ରିକ୍ ମାନଙ୍କ ତରଫରୁ ସାମିଲ୍ ହୋଇଥିଲେ । ତାଙ୍କୁ ହଜ୍‌ରତ ମାଲିକ୍ ବିନ୍ ଦୁଖ୍‌ସୁମ୍ କଏଦୀ ବନାଇଥିଲେ ।

ରିଓ୍ୱାୟତ୍‌ରେ ଆସୁଛି କି ଆମିର୍ ବିନ୍ ସାଦ୍‌କ ତାଙ୍କ ବାପା ହଜ୍‌ରତ୍ ସାଦ୍‌ବିନ୍ ଅବି ଓକାସଙ୍କ ଠାରୁ ରିଓ୍ୱାୟତ୍ କରୁଛନ୍ତି କି ମୁଁ ବଦର୍ ଯୁଦ୍ଧ ଦିନ ସୁହେଲ୍ ବିନ୍ ଉମ୍‌ରୋଙ୍କୁ ତୀର ମାରିଲି । ଯଦ୍ୱାରା ତାଙ୍କର ଶିର କଟିଯାଇଥିଲା । ର୍ମିଉ ଝରି ପଡୁଥିବା ରକ୍ତ ଦାଗ ପଛେ ପଛେ ଚାଲିଲି । ସେଠାରେ ଦେଖିଲି କି ହଜ୍‌ରତ୍ ମାଲିକ୍ ବିନ୍ ଦୁଖ୍‌ଶୁମ୍ ତା ମଥାର ବାଳକୁ ଧରିଥିଲେ । ମୁଁ କହିଲି ଇଏ ମୋ କଏଦୀ ଅଛି । କାରଣ ମୁଁ ତାକୁ ତୀର ମାରିଥିଲି । କିନ୍ତୁ ମାଲିକ୍ କହିଲେ ଇଏ ମୋର କଏଦୀ ଅଛି କାରଣ ମୁଁ ଯାକୁ ଧରିଛି । ପୁଣି ସେହି ଦୁଇଜଣଯାକ ସୁହେଲ୍‌ଙ୍କୁ ନେଇ ରସୁଲେ କରିମ୍ ସ:ଆ:ସଙ୍କ ଗୋଚରେ ହାଜିର୍ ହେଲେ । ଆପଣ ସ:ଆ:ସ ସୁହେଲ୍‌ଙ୍କୁ ତାଙ୍କ ଠାରୁ ନେଇଗଲେ ଏବଂ ରୌହାଆ ଠାରେ ସୁହେଲ୍ ହଜ୍‌ରତ୍ ମାଲିକ୍ ବିନ୍ ଦୁଖଶୁମ୍‌ଙ୍କ ହାତରୁ ପଳାଇଗଲା । ହଜ୍‌ରତ୍ ମାଲିକ୍ ଲୋକମାନଙ୍କ ମଧ୍ୟରେ ପାଟି କରି କହିଲେ ଓ ତାକୁ ଖୋଜିବା ପାଇଁ ବାହାରି ପଡ଼ିଲେ । ନବୀ କରିମ୍ ସ:ଆ:ସ ଏହି ଅବସରରେ କହିଲେ କି ସେ ଯଦି କାହାକୁ ମିଳେ ତାକୁ ହତ୍ୟା କରିଦିଆଯାଉ । କାରଣ ସେ ଯୁଦ୍ଧ ପାଇଁ ଆସିଥିଲା ଓ ମୁସଲ୍‌ମାନ୍‌ଙ୍କ ସହିତ ଯୁଦ୍ଧ କରିଥିଲା । କିନ୍ତୁ କଏଦୀ ହେବାପରେ ସେଠାରୁ ପଳାଇ ଯାଇଛି । ତେଣୁ ସେ ବିପଦ ସୃଷ୍ଟ କରିପାରେ । ଯେହେତୁ ସେ ଯୁଦ୍ଧ କଏଦୀ ଥିଲା । ସେଥିପାଇଁ ଏ ନିର୍ଦ୍ଦେଶ ଦିଆଗଲା । କିନ୍ତୁ ତାର ଜୀବନ ବଂଚିବାର ଥିଲା । ସୁହେଲ୍ ବିନ୍ ଉମ୍‌ରେ ଆଉ କାହାକୁ ମିଳିବା ପରିବର୍ତେ ନବୀ କରିମ୍ ସ:ଆ:ସଙ୍କୁ ମିଳିଲା । କିନ୍ତୁ ନବୀ କରିମ ସ:ଆ:ସ ତାଙ୍କୁ ହତ୍ୟା କଲେ ନାହି । ଯଦି ସେ ଆଉ କୌଣସି ସାହାବୀଙ୍କ ହାତରେ ପଡ଼ିଥାନ୍ତା ସେ ତାକୁ ହତ୍ୟା କରିଦେଇଥାଆନ୍ତେ କିନ୍ତୁ ଯେହେତୁ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ମିଳିଲା ସେଥିପାଇଁ ଆପଣ ସ:ଆ:ସ ତାକୁ ହତ୍ୟା କଲେ ନାହିଁ" ।

(ଏହା ଥିଲା ଆଦର୍ଶ ଏବଂ ଆପଣଙ୍କର ଏହି ଆଦର୍ଶ ସେହି ଅତ୍ୟାଚାରୀ ମାନଙ୍କ ପାଇଁ ଜବାବ୍ ଅଟେ ଯେଉଁମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଏ ଆରୋପ ଲଗାଉଛନ୍ତି କି ଆପଣ ସ:ଆ:ସ ଅତ୍ୟାଚାର, ହତ୍ୟାକାଣ୍ଡ କରିଥିଲେ ବୋଲି । ଯେବେ କି ଯେଉଁ ବ୍ୟକ୍ତିକୁ ହତ୍ୟା କରାଯିବାର ଦଣ୍ଡ ମିଳିବାର ଥିଲା ଓ ଯାହାପାଇଁ ଏ ନିଷ୍ପତି ମଧ୍ୟ ହେଇସାରିଥିଲା, ସେ ମଧ୍ୟ ଯେବେ ଆପଣ ସ:ଆ:ସଙ୍କ ନିକଟରେ ପଡ଼ିଲା ତେବେ ଆପଣ ତାକୁ ହତ୍ୟା କଲେନାହିଁ) "ଗୋଟିଏ ରିଓ୍ୱାୟତ୍ ମୁତାବକ ସୁହେଲ୍ ନବୀ କରିମ ସ:ଆ:ସଙ୍କୁ କିକର୍ ଗଛ ଗହଳରେ ମିଳିଥିଲା ସେଥିରେ ଅ ।ପଣ ଏ ନିର୍ଦ୍ଦେଶ ଦେଇଥିଲେ କି ତାକୁ ଧରିନିଅ, ତା ହାତକୁ ତା ବେକରେ ବାନ୍ଧି ଦିଅଗଲା ଅର୍ଥାତ୍ ତାଙ୍କୁ କଏଦୀ କରିଦିଆଗଲା" (ତାରିଖ ଦମଶ୍‌କ ଲେ ଇବ୍‌ନେ ଅସାକିର୍, ଖଣ୍ଡ-୧୨, ଭାଗ-୨୪, ପୃଷ୍ଠା-୩୩୩, ସୁହେଲ୍ ବିନ୍ ଉମ୍‌ରୋ ବିନ୍ ଅବ୍‌ଦ୍ ଶମ୍‌ସ...ବେରୁତ୍)

ସହି ବୁଖାରୀରେ ଦରଜ ଅଛି ହଜରତ ଉତବା ବିନ୍ ମାଲିକ୍ ଯେ କି ହଜୁର ସ.ଆଙ୍କ ଅନସାରୀ ସାହାବାମାନଙ୍କ ମଧ୍ୟରେ ଥିଲେ ଯେ କି ବଦର ଯୁଦ୍ଧରେ ସାମିଲ୍ ହୋଇଥିଲେ, ସେ ହଜୁର ସ.ଆଙ୍କ ନିକଟକୁ ଆସି କହିଲେ- ହେ ଅଲ୍ଲାଃଙ୍କ ରସୁଲ୍ ! ମୋର ଦୃଷ୍ଟି ଶକ୍ତି ଦୁର୍ବଳ ହୋଇଗଲାଣି । ମୁଁ ନିଜ ଗୋଷ୍ଠୀର ଲୋକମାନଙ୍କୁ ନମାଜ ପଢାଉଅଛି, ମସଜିଦ୍ ଯିବା ମାର୍ଗରେ ଗୋଟିଏ ନାଳ ପଡୁଛ ଯେଉଁଥିରେ ବର୍ଷା ହେଲେ ବଢି ଆସିଯାଉଛି ଯଦ୍ୱାରା ମୁଁ ନମାଜ ପଢାଇବାକୁ ଯାଇପାରୁ ନାହିଁ । ତେଣୁ ମୋର ମନବାଂଛା କି ଆପଣ ମୋ ଘରକୁ ଆସି ଏକ ସ୍ଥାନରେ ନମାଜ ପାଠ କରନ୍ତୁ ଯେଉଁସ୍ଥାନକୁ ମୁଁ ନିଜର ମସଜିଦ୍ କରିନେବି । ହଜୁର ସ.ଆ କହିଲେ **ଇନ୍ନଶା ଅଲ୍ଲାଃ** ମୁଁ ଆସିବି ସେ କୁହନ୍ତି ହଜୁର ସ.ଆ ଓ ହଜରତ ଅବୁବକର୍ ର.ଅ ଏକଦା ମୋ ଘରକୁ ଆସିଲେ ଏବଂ ଘରର କୋଣରେ ନମାଜ ପଢିଲେ । ସାହିର ଆଉ କିଛି ଲୋକ ଆସି (ନମାଜରେ) ସାମିଲ୍ ହୋଇଗଲେ ଯେତେବେଳେ ସେମାନେ ଏକତ୍ର ହୋଇଗଲେ ସେମାନଙ୍କ ମଧ୍ୟରୁ ଜଣେ କହିଲେ ମାଲିକ୍ ବିନ୍ ଦହଶମ୍ କାହାନ୍ତି ? ସେମାନଙ୍କ ମଧ୍ୟରୁ ହିଁ ଜଣେ କହିଲେ କି ସେ ତ ଅମାନ୍ୟକାରୀ ପାଲଟିଯାଇଛନ୍ତି । ଅଲ୍ଲାଃ ଓ ରସୁଲଙ୍କୁ ସେ ପ୍ରେମ କରୁନାହାନ୍ତି । ହଜୁର ସ.ଆ କହିଲେ ଏପରି କୁହ ନାହିଁ କ'ଣ ତୁମେ ଦେଖୁ ନାହଁ କି ସେ କଲମା ପାଠ କରୁଛନ୍ତି ଏବଂ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବାର ଅଭିଳାଷ ଅଟନ୍ତି । କହିଥିବା ବ୍ୟକ୍ତି ଜଣକ କହିଲେ ଅଲ୍ଲାଃ ଓ ତାଙ୍କ ରସୁଲ୍ ସମସ୍ତ ବିଷୟ ଭଲ ରୂପେ ଜାଣନ୍ତି । ତାପରେ ସେ କହିଲେ ଆମେ ତ ତାଙ୍କର ଧ୍ୟାନ ଓ ଶୁଭ କାମନା ଅମାନ୍ୟକାରୀଙ୍କ ପକ୍ଷରେ ଦେଖୁଅଛୁ । ହଜୁର ଅନଓ୍ୱର ଅ.ବ କହିଲେ- ସମ୍ଭବତଃ ହୃଦୟର ନମ୍ରତା ଯୋଗୁଁ ସେ ଅମାନ୍ୟକାରୀଙ୍କୁ ଇସଲାମର ପ୍ରଚାର କରୁଥିଲେ ଏବଂ ଇସଲାମର ନିକଟବର୍ତି କରିବା ନିମନ୍ତେ ସେମାନଙ୍କ ସହ ସମ୍ପର୍କ ବାନ୍ଧିଥିଲେ ତେଣୁକରି ସାହାବାମାନଙ୍କ ମନରେ ତାଙ୍କ ପ୍ରତି ଭ୍ରମ ଧାରଣା ସୃଷ୍ଟି ହୋଇଥିଲା । ଏଥିରେ ରସୁଲେ କରିମ୍ ସ:ଆ:ସ କହିଲେ ଅଲ୍ଲାଃତାଲା ନିଶ୍ଚିତ ରୂପେ ଏହି ବ୍ୟକ୍ତିଙ୍କ ଉପରୁ ଅଗ୍ନିକୁ ହରାମ୍ କରିଦେଇଛନ୍ତି । ଯିଏ ଲା ଇଲାହା ଇଲ୍‌ଲ୍ଲାହାକୁ ମାନୁଛି ଓ ସର୍ତ ଏହା କି ସେ ଏହା ମାଧ୍ୟମରେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଚାହୁଁଥିବ" ।

(ସହି ବୁଖାରୀ, କିତାବୁସ୍ ସଲାତ୍, ବାବୁଲ୍ ମସାଜିଦ୍ ଫିଲ୍ ବୋୟୁତ୍, ହଦିସ୍ ନଂ-୪୨୫)

ତେବେ ଏହା ହେଉଛି ଉତର ସେହି ତଥାକଥିତ ଓ୍ୱଲେମାମାନଙ୍କ ପାଇଁ ମଧ୍ୟ ଯେଉଁମାନେ କୁଫର୍‌ର ଫତ୍‌ଓ୍ୱା ଲଗାଉଛନ୍ତି ଓ ବିଶେଷ ରୂପେ ଅହେମଦୀମାନଙ୍କ ଉପରେ ଏହି ପ୍ରସଙ୍ଗରେ ଅତ୍ୟାଚାର କରୁଛନ୍ତି । ଏହି ତଥାକଥିତ ଓ୍ୱଲେମା ମାନଙ୍କ ଫତ୍‌ଓ୍ୱା ଦ୍ୱାରା ମୁସଲ୍‌ମାନ୍ ଦେଶଗୁଡ଼ିକରେ ଅଶାନ୍ତି ଓ ଅସ୍ଥିରତା ଦେଖାଦେଇଛି । ପାକିସ୍ତାନ୍‌ରେ ଆଜିକାଲି ଲବ୍‌ବେକ୍ ୟା ରସୁଲଲ୍ଲାଃ ଗୋଷ୍ଠୀ ଚାଲୁ ହୋଇଛି । ସେମାନେ ନାରା (ସ୍ଲୋଗାନ୍) ତ ଲଗାଉଛନ୍ତି ଲବ୍‌ବେକ୍ ୟା ରସୁଲଲ୍ଲାଃ କିନ୍ତୁ ରସୁଲଲ୍ଲାଃ ସ:ଆ:ସଙ୍କ ଯେଉଁ ନିର୍ଦ୍ଦେଶ ଅଛି କି ଯେଉଁ ବ୍ୟକ୍ତି ଲା ଇଲାହା ଇଲଲ୍ଲାହୋ କହିଥାଏ ତାକୁ ମଧ୍ୟ ତୁମେ ଏହା ନକୁହ କି ସେ ମୁସଲ୍‌ମାନ୍ ନୁହେଁ । ଯଦି ସେ ଅଲ୍ଲାଃଙ୍କ ସାନିଧ୍ୟ ହାସଲ କରିବା ପାଇଁ ଏକଥା କହୁଅଛି ତେବେ ଅଲ୍ଲାଃତାଲା ତା ଉପରେ ଅଗ୍ନିକୁ ହରାମ୍ (ନିଶିଦ୍ଧ) କରି ଦେଇଛି । କିନ୍ତୁ ଏମାନେ କହୁଛନ୍ତି ନା ତୁମେମାନେ ଅଲ୍ଲାଃଙ୍କ ସାନିଧ୍ୟ ପାଇବା ପାଇଁ ଏହା କହୁନାହଁ । ହୃଦୟର ଅବସ୍ଥାକୁ ଏମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ଅଧିକ ଜାଣିବା ବାଲା । ଅଲ୍ଲାଃତାଲା ଏହି ଲୋକମାନଙ୍କ ଠାରୁ ଏ କୌମ୍ କୁ ବଂଚାଇ ରଖୁ ।

ଆଉ ଗୋଟିଏ ରିଓ୍ୱାୟତ୍‌ରେ ଆସିଛି କି ହଜ୍‌ରତ୍ ଇତ୍‌ବାନ୍ ବିନ୍ ମାଲିକ୍ ରସଲୁଲ୍ଲାଃ ସ:ଆ:ସଙ୍କୁ କହିଲେ କି ହଜ୍‌ର୍‌ତ୍ ମାଲିକ୍ ବିନ୍ ଦୁଖ୍‌ଶୁମ୍ ହେଉଛନ୍ତି ମୁନାଫିକ୍ । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହଲେ କି କଣ ସେ ଲା ଇଲାହା ଇଲଲ୍ଲାହୋ ର ସାକ୍ଷୀ ଦେଉନାହିଁ । ଇତ୍‌ବାନ ଉତର ଦେଲେ କାହିଁକି ନୁହେଁ । କିନ୍ତୁ ତାର ସାକ୍ଷୀ କେହି ନାହାଁନ୍ତି । ରସୁଲୁଲ୍ଲାଃ ସ:ଆ:ସ ପଚାରି ବୁଝିଲେ କି କଣ ସେ ନମାଜ ପଢୁନାହିଁ ? ଏଥିରେ ସେମାନେ କହିଲେ କାହିଁକି ନୁହେଁ । ଓ୍ୱଲା ସଲାତା ଲହୁ । କିନ୍ତୁ ତା ନମାଜ କୌଣସି ନମାଜ ନୁହେଁ (ବୋଧହୁଏ ସେହି ଲୋକମାନଙ୍କ ମଧ୍ୟରୁ କିଛି ଲୋକେ ଆଜିକାଲିର ମୁଲାମାନଙ୍କ ପରି କଠିନ ଥିଲେ) । ଆପଣ ସ:ଆ:ସ କହିଲେ ଏମାନେ ହେଉଛନ୍ତି ସେହି ଲୋକେ ଯାହାଙ୍କ ସମ୍ବନ୍ଧରେ ମୋତେ ନିଜ ଆଡୁ କୌଣସି ପ୍ରକାରର ରାୟ କାଏମ୍ କରିବା ପାଇଁ ମନା କରିଛନ୍ତି" । (ଅସଦୁଲ୍ ଗାବା, ଖଣ୍ଡ-୪, ପୃଷ୍ଠା-୨୩୦, ମାଲିକ୍‌ବିନ୍ ଦୁଖ୍‌ସୁମ୍...ବେରୁତ୍ ୨୦୦୩) ହୃଦୟର ଅବସ୍ଥାକୁ କେବଳ ଅଲ୍ଲାଃତାଲା ହିଁ ଜାଣିଛନ୍ତି ।

ଆଁ ହଜ୍‌ରତ୍ ସ:ଆ:ଙ୍କୁ ଅଲ୍ଲାଃତାଲା ମନା କରିଦେଲେ କିନ୍ତୁ ଏହି ଓ୍ୱଲେମାମାନେ ବିଶେଷ ରୂପେ ପାକିସ୍ତାନ୍‌ର ଓ୍ୱଲେମା ମାନଙ୍କର କହିବା ଅନୁସାରେ ତାଙ୍କ ପାଖରେ ସାର୍ଟିଫିକେଟ୍ ଅଛି ଓ ଲାଇସେନ୍‌ସ ଅଛି କି ଅଲ୍ଲାଃତାଲାଙ୍କ ନାମରେ ଯେପରି ଚାହିଁବେ ସେପରି ଅତ୍ୟାଚାର କରିଚାଲିବେ ।

ହଜରତ ଅନସ ବିନ୍ ମାଲିକ୍ ବର୍ଣ୍ଣନା କରିଛନ୍ତି ହଜୁର ସ.ଆଙ୍କ ସମ୍ମୁଖରେ ହଜରତ ମାଲିକ୍ ବିନ୍ ଦହଶମ୍‌ଙ୍କୁ ଅପଦସ୍ତ କରାଗଲା ସେଥିରେ ହଜୁର ସ.ଆ କହିଲେ **ଲାତସୁବ୍‌ବୁ ଅସହାବି** ଅର୍ଥାତ ତୁମେ ମୋ ସାଥିମାନଙ୍କ ପାଇଁ କଟୁଭାଷା ପ୍ରୟୋଗ କର ନାହିଁ । (ଅଲ୍ ଇସ୍ତିଆବ୍, ଖଣ୍ଡ-୩, ପୃଷ୍ଠା-୪୦୬, ମାଲିକ୍ ବିନ୍ ଦୁଖ୍‌ଶୁମ୍...ବେରତ୍ ୨୦୦୨)

ହଜୁର ସ.ଆ ତବୁକ୍ ଯୁଦ୍ଧରୁ ଫେରିବା ସମୟରେ ମଦିନା ଠାରୁ କିଛି ଦୂରରେ ଗୋଟିଏ ସ୍ଥାନ ଯାହାର ନାମ ଜି ଅଓ୍ୱାନ୍ ଥିଲା ସେଠାରେ ଅବସ୍ଥାନ କଲେ ସେତେବେଳେ ଆପଣଙ୍କୁ ମସଜିଦ୍ ଜରାର୍ ସମ୍ବନ୍ଧରେ ଓ୍ୱହି ହେଲା । ହଜୁର ସ.ଆ ମାଲିକ୍ ବିନ୍ ଦୁଖ୍‌ଶୁମ୍ ଓ ହଜରତ ମାନ୍ ବିନ୍ ଅଦିଙ୍କୁ ଡ଼ାକି ମସଜିଦ୍ ଜରାର ଯିବାକୁ ଆଦେଶ ଦେଲେ । ଉକ୍ତ ସାହାବାଦ୍ୱୟ ତୀବ୍ର ବେଗରେ ବନୁ ସାଲିମ୍ କବିଲାରେ ପହଂଚିଲେ ଯାହାକି ହଜରତ ମାଲିକ୍ ବିନ୍ ଦହଶମ୍‌ଙ୍କର ବସ୍ତି ଥିଲା ସେ ହଜରତ ମାନ୍‌ଙ୍କୁ କହିଲେ ମୋତେ କିଛି ସମୟ ଦିଅ ଯଦ୍ୱାରା ମୁଁ ନିଜ ଘରୁ ଅଗ୍ନୀ ନେଇ ଆସେ । ଅତଏବ ସେ ନିଜ ଘରୁ ସୁଖିଲା ଖଜୁରୁ ଡ଼ାଳରେ ନିଆଁ ଲଗାଇ ଆଣିଲେ ତାପରେ ଦୁହେଁ ମସଜିଦ୍ ଜରାର ଗଲେ ଏବଂ ଲେଖାଅଛି ସେମାନେ ମଗରିବ୍ ଓ ଇଶା ମଧ୍ୟବର୍ତୀ ସମୟରେ ସେଠାରେ ପହଂଚି ତାହାକୁ ନିଆଁ ଲଗାଇ ଧ୍ୱଂସ କରିଦେଲେ । (ଶରହ୍ ଜର୍‌କାନି ଆଲା ମଓ୍ୱାହିବୁଦ୍ ଦୁନିଆ, ଖଣ୍ଡ-୪, ପୃଷ୍ଠା-୯୭-୯୮...ବେରୁତ୍-୧୯୯୬)

ହଜୁର ଅନଓ୍ୱର ଅ.ବ କହିଲେ- ତ କୌଣସି ପ୍ରକାର ଭୁଲ୍ ବୁଝାମଣା ଯୋଗୁ ଆମେ ସାହାବାଙ୍କ ଉପରେ କୁଧାରଣାର ରଖିପାରିବା ନହେଁ । ଯାହାଙ୍କ ସମ୍ବନ୍ଧରେ କେତେକ ଲୋକ ଭୁଲ ମତାମତ ଧାରଣ କରି ବସିଥିଲେ କି ସେ ପଥଭ୍ରଷ୍ଟ ହୋଇଯାଇଛନ୍ତି ଏପରି କି ସେମାନେ କହୁଥିଲେ କି ସେ ଅମାନ୍ୟକାରୀ ପାଲଟି ଯାଇଛନ୍ତି କିନ୍ତୁ ସେ ହିଁ ପରେ ଅଲ୍ଲାଃଙ୍କ ଆଦେଶକ୍ରମେ ଅମାନ୍ୟକାରୀମାନଙ୍କ କେନ୍ଦ୍ରକୁ ହିଁ ଧ୍ୱଂସ କରିଦେଲେ ।

ଅଲ୍ଲାଃତାଲା ଏହି ସାହାବାମାନଙ୍କ ସ୍ତର ବୃଦ୍ଧି କରନ୍ତୁ ଏବଂ ଆମମାନଙ୍କୁ ମଧ୍ୟ ନିଜେ ଅନୁଧ୍ୟାନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ କି ଆଲ୍ଲାଃଙ୍କର କେଉଁ ପ୍ରକାର ଆଦେଶ ରହିଛି ଏବଂ ତାହାର ଆମେ କିଭଳି ପାଳନ କରୁଅଛେ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

କର୍ତବ୍ୟ ଅଟେ । ସେମାନଙ୍କୁ ଏକଥା ମନେପକାଇ ଦେବା ଉଚିତ୍ କି ସେମାନଙ୍କୁ ଏକ ନୂଆ ଜୀବନ ମିଳିଛି ଓ ନିଜ ପିଲାମାନଙ୍କୁ ଏକ ଏପରି ଦେଶରେ ଲାଳନ ପାଳନ ହେବାର ଅବସର ମିଳିଛି ଯେଉଁ ଦେଶରେ କୌଣସି ପ୍ରକାର ଯୁଦ୍ଧ ବା ବିଭ୍ରାଟ ନାହିଁ । ତେଣୁ ସେମାନଙ୍କର ଏହା ଦାୟିତ୍ୱ ଅଟେ କି ସେମାନେ ଏହି ନୂତନ ଗୃହର ସମ୍ମାନ କରନ୍ତୁ ଓ ଏହାର ଧ୍ୟାନ ରଖନ୍ତୁ ।

ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ କଥାକୁ ଆଗକୁ ବଢ଼ାଇ ମୁଁ ଆପଣମାନଙ୍କ ସମ୍ମୁଖରେ କିଛି ଇସ୍‌ଲାମୀୟ ଶିକ୍ଷାକୁ ଉପସ୍ଥାପନ କରିବି । ଯାହା ସମ୍ବନ୍ଧରେ ମୋର ବିଶ୍ୱାସ ଅଛି କି ସେହି ଶିକ୍ଷା ସବୁ ସ୍ଥାନୀୟ ସ୍ତରରେ ସମାଜରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ବହୁତ ବଡ଼ ଭୂମିକ ପ୍ରଦାନ କରିପାରିବ । ପବିତ୍ର କୋରାନ୍‌ର ସୁରା ମାଏଦାର ଆୟତ ନଂ-୯ ରେ ଅଲ୍ଲାଃତାଲା କହୁଛନ୍ତି- ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟ ସଂଗତ ଭାବରେ ସାକ୍ଷ ପ୍ରଦାନ କରି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଦୃଢ଼ ରୁହ ଏବଂ କୌଣସି ସମ୍ପ୍ରଦାୟର ଶତୃତା ତୁମମାନଙ୍କୁ ନ୍ୟାୟ ଭିନ୍ନ ଅନ୍ୟଥା କରିବାକୁ କଦାପି ନ ପ୍ରବର୍ତାଉ । ତୁମେମାନେ ନ୍ୟାୟ କର । ତାହା ଧର୍ମପରାୟଣତାର ଅଧିକ ନିକଟବର୍ତୀ ଏବଂ ଅଲ୍ଲାଃଙ୍କୁ ଭୟ କର । ତୁମେମାନେ ଯାହା କରୁଅଛ ବାସ୍ତବରେ ଅଲ୍ଲାଃ ସେ ବିଷୟରେ ଅବଗତ ଅଛନ୍ତି ।

ଏହି ଆୟତରେ ଶବ୍ଦଗୁଡ଼ିକ ବହୁତ ସ୍ପଷ୍ଟ ଅଛି । ଯେଉଁଠି ମୁସଲ୍‌ମାନ୍ ମାନଙ୍କୁ ଏ ନିର୍ଦ୍ଦେଶ ଦିଆଯାଇଛି କି ସେମାନେ ନିଜ ଶତୃଙ୍କ ବିରୋଧରେ ମଧ୍ୟ ନିଜ ମନ ଭିତରେ କପଟତା ନରଖନ୍ତୁ ଓ ସେମାନଙ୍କଠାରୁ ପ୍ରତିଶୋଧ ନ ନିଅନ୍ତୁ ବରଂ ସେମାନଙ୍କୁ ଏ ଶିକ୍ଷା ଦିଆଯାଇଛି କି ଯେ କୌଣସି ପରିସ୍ଥିତି ହେଉ ମଧ୍ୟ ମୁସଲ୍‌ମାନ୍‌ମାନେ ସର୍ବଦା ପ୍ରତ୍ୟେକ ମାମଲାରେ ନ୍ୟାୟ ଉପରେ କାଏମ୍ ରହିବେ । ଦେଖନ୍ତୁ ସମାଜରେ ଶାନ୍ତି ସ୍ଥାପନ କରିବା ପାଇଁ ଏହା କେଡେ ସୁନ୍ଦର ଶିକ୍ଷା ଅଟେ । ଇସ୍‌ଲାମ୍ କେବଳ ମୁସଲ୍‌ମାନ୍‌ଙ୍କୁ ନ୍ୟାୟ ଉପରେ କାଏମ୍ ରହିବା ପାଇଁ ତାଗିଦ୍ କରିନାହିଁ ବରଂ ସେହି ସ୍ତର ମଧ୍ୟ ବର୍ଣ୍ଣନା କରିଛି ଯାହାକୁ ନ୍ୟାୟ ଆଶା କରିଥାଏ । ପବିତ୍ର କୋରାନ୍‌ର ସୁରା ନିସାର ଆୟତ ନଂ-୧୩୬ରେ ଅଲ୍ଲାଃତାଲା କହୁଛନ୍ତି- ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟ ବିଚାରରେ ସମ୍ପୂର୍ଣ୍ଣ ଭାବେ ସୁଦୃଢ଼ ରହି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ସାକ୍ଷ ପ୍ରଦାନକାରୀ ହୋଇଯାଓ । ଯଦିଚ ଏହା ତୁମମାନଙ୍କ ନିଜ ବିରୁଦ୍ଧରେ ବା ତୁମମାନଙ୍କ ପିତାମାତା ଓ ନିକଟ ସମ୍ପର୍କୀୟଙ୍କ ବିରୁଦ୍ଧରେ ହେଉଥାଏ ।

ସୁତରାଂ ଇସ୍‌ଲାମ୍ ଏ ଶିକ୍ଷା ଦେଉଛି କି ଜଣେ ମୁସଲ୍‌ମାନ୍‌ଙ୍କୁ ସତ୍ୟ ଓ ନ୍ୟାୟର ବିଜୟ ପାଇଁ ନିଜର, ନିଜ ବାପା ମା ଙ୍କର ବା ନିଜ ନିକଟ ସମ୍ପର୍କୀୟଙ୍କ ବିରୋଧରେ ମଧ୍ୟ ସାକ୍ଷୀ ଦେବା ପାଇଁ ପ୍ରସ୍ତୁତ ରହିବା ଉଚିତ୍ । ନିଶ୍ଚିତ ରୂପେ ଏହାଠାରୁ ଉତମ ନ୍ୟାୟ କରିବାର ସ୍ତର ହୋଇନପାରେ । ସୁତରାଂ ଏହି ଶିକ୍ଷା ସଂସାରରେ ଶାନ୍ତି ସ୍ଥାପନ କରିବାର ମାର୍ଗ ଅଟେ ।

ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ ପବିତ୍ର କୋରାନ୍‌ରେ ସୁରା ହୁଜୁରାତ୍‌ର ଆୟତ ନଂ-୧୦ ରେ ଶାନ୍ତି ସ୍ଥାପନ କରିବା ପାଇଁ ଏକ ସ୍ୱର୍ଣ୍ଣିମ ସିଦ୍ଧାନ୍ତ ବର୍ଣ୍ଣନା ହୋଇଛି । ଯେଉଁଠି ଅଲ୍ଲାଃତାଲା କହୁଛନ୍ତି କି ଯଦି କୌମ୍ ବା ଗୋଷ୍ଠୀଙ୍କ ଭିତରେ ଆପୋଷରେ ଝଗଡ଼ା ହୋଇଯିବ ତେବେ ସମସ୍ତ ଗୋଷ୍ଠୀସମୂହ ଏକତ୍ରିତ ହୋଇ ଉକ୍ତ ବିବାଦର ଶାନ୍ତିପୁର୍ଣ୍ଣ ସମାଧାନ ଖୋଜିବା ଉଚିତ୍ । ଯଦି ଶାନ୍ତିପୁର୍ଣ୍ଣ ସମାଧାନ ସମ୍ଭବ ନହୁଏ ତେବେ ଅତ୍ୟାଚାର ଓ ଅନ୍ୟାୟ ଅନୀତିକୁ ରୋକିବା ପାଇଁ ଚେଷ୍ଟା କରିବା ନିମନ୍ତେ ସମସ୍ତ ଗୋଷ୍ଠୀ ସମୂହକୁ କାନ୍ଧରେ କାନ୍ଧ ମିଶାଇ ଜଣେ ଅନ୍ୟାଜଣକ ସହିତ ଛିଡା ହେବା ଉଚିତ୍ । ଯଦି ସଂସାର ଏହି ସିଦ୍ଧାନ୍ତର ଗୁରୁତ୍ୱକୁ ଜାଣିନିଏ ତେବେ ମାନବ ସମାଜ ପାଇଁ ଏବେ ସମୟ ଅଛି କି ସେ ଆସନ୍ତାରେ ହେବାକୁ ଥିବା ଯୁଦ୍ଧର କବଳରୁ ବଂଚିଯିବ ।

ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ ଏହି ସଂକ୍ଷିପ୍ତ ସମୟରେ ମୁଁ କେବଳ କିଛି ଉଦାହରଣ ବର୍ଣ୍ଣନା କରିଛି, ଯେଉଁଥିରୁ ପ୍ରମାଣ ହେଉଛି କି ଇସ୍‌ଲାମ୍ ତାହା ନୁହେଁ ଯାହା ସମ୍ବନ୍ଧରେ ଆପଣମାନେ ମିଡ଼ିଆରେ ପଢ଼ିଛନ୍ତି ବା ଶୁଣିଛନ୍ତି । ପବିତ୍ର କୋରାନ୍ ନଉଜୁବିଲ୍ଲାଃ କୌଣସି କଠୋରପନ୍ଥୀ ଓ ସନ୍ତ୍ରାସବାଦ ପ୍ରସାର କରିବା ପୁସ୍ତକ ନୁହେଁ ବରଂ ଏହାତ ପ୍ରେମ, ସୌହାର୍ଦ୍ଦ୍ୟ, ସହାନୁଭୂତି ଓ ମାନବିକତାର ଶିକ୍ଷା ଦେଇଥାଏ । ଯଦି ମୁସଲ୍‌ମାନ୍ ମାନେ ନିଜ ଧର୍ମର ବାସ୍ତବିକ ଶିକ୍ଷା ଉପରେ ପରିଚାଳିତ ହୁଅନ୍ତେ ତେବେ ସେମାନଙ୍କ ଦେଶରେ କୌଣସି ପ୍ରକାର ଗୃହ ଯୁଦ୍ଧ ଓ ବିଭ୍ରାଟ ହୁଅନ୍ତା ନାହିଁ । ଓ ନା ହିଁ ସେମାନଙ୍କର ସମସ୍ୟା ଗୁଡିକେ ଅନ୍ୟ ଦେଶରେ ପହଂଚନ୍ତା ।

ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ ସୁତରାଂ ଯଦି ଆମେ ଇସ୍‌ଲାମ୍‌ର ପ୍ରକୃତ ସ୍ୱରୂପକୁ ଦେଖିବାକୁ ଚାହୁଁଛେ ତେବେ ଆମକୁ ରସୁଲେ କରିମ୍ ସ:ଆ:ସ ଓ ଆପଣ ସ:ଆ:ସ ଖୋଲୋଫାଏ ରାଶେଦିନ୍‌ଙ୍କ ଚତୁଃପାର୍ଶ୍ୱକୁ ଦେଖିବାକୁ ହେବ । ସେମାନଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଉଚ୍ଚତର ଦୃଷ୍ଟାନ୍ତ ଗୁଡିକ ଏହା ପ୍ରମାଣ କରୁଛି କି ଇସ୍‌ଲାମ୍ ହେଉଛି ଶାନ୍ତି ଓ ନ୍ୟାୟ ପାଇଁ ଏକ ଦ୍ୱିପ ସଦୃଶ ଯିଏ ବିଶ୍ୱବ୍ୟାପୀ ଧର୍ମୀୟ ସ୍ୱାଧିନତା ଓ Pluralism ର ଜମାନତ୍ ହେଉଅଛି । ଉଦାହରଣ ସ୍ୱରୂପ ଇସ୍‌ଲାମ୍‌ର ଦ୍ୱିତିୟ ଖଲିଫା ହଜ୍‌ରତ୍ ଉମର୍ ର:ଅଙ୍କ ସମୟରେ ଇସ୍‌ଲାମ୍ ସିରିଆ ପର୍ଯ୍ୟନ୍ତ ବ୍ୟାପିଯାଇଥିଲା ଯେଉଁଠାରେ ଗୋଟିଏ ଇସ୍‌ଲାମୀୟ ସରକର ସ୍ଥାପନ ହେଲା । କିନ୍ତୁ ରୋମୀଙ୍କ ଆକ୍ରମଣ ଫଳରେ ମୁସଲ୍‌ମାନ୍ ମାନଙ୍କୁ ବିବଶ ହୋଇ ସେ ଦେଶକୁ ଛାଡ଼ିବାକୁ ପଡିଲା ଇତିହାସ ଏହି ବାସ୍ତବିକ ଘଟଣାର ସାକ୍ଷୀ ରହିଛି କି ଯେବେ ମୁସଲ୍‌ମାନ୍ ମାନେ ସିରିଆରୁ ବାହାରିଲେ ସେତେବେଳେ ସେଠିକାର ଇସାଇ ଅଧିବାସୀମାନଙ୍କ ଆଖିରୁ ଲୁହ ବହୁଥିଲା । ସେମାନେ ବହୁତ ନିବେଦନ କରି ମୁସଲ୍‌ମାନ୍‌ମାନଙ୍କ ପୁନର୍ବାର ଫେରି ଆସିବା ନିମନ୍ତେ ପ୍ରାର୍ଥନା କରୁଥିଲେ । କାରଣ ସେମାନେ ଏହା ଦେଖିସାରିଥିଲେ କି ମୁସଲ୍‌ମାନ୍ ସରକାର ସର୍ବଦା ସେମାନଙ୍କର ଅଧିକାରକୁ କିପରି ସୁରକ୍ଷା ଦେଉଥିଲା । ତେଣୁ ଏହା ବହୁତ ଦୁଃଖର କଥା କି ବର୍ତମାନ ସମୟରେ ମୁସଲ୍‌ମାନ୍ ସରକାର ଗୁଡିକ ଓ ମୁସଲ୍‌ମାନ୍ ନେତାମାନେ ନିଜ ଧର୍ମର ଅସଲ ଶିକ୍ଷାକୁ ଭୁଲି ଯାଇଛନ୍ତି ସେ ସେମାନଙ୍କୁ କେବଳ ନିଜରଶକ୍ତି ଓ ନିଜର ସ୍ୱାର୍ଥ ଓ ନିଜର ଚଉକିର ଚିନ୍ତା ଲାଗି ରହିଛି । ସେମାନଙ୍କ ଅତ୍ୟାଚାର ଓ ଅନ୍ୟାୟ ଅନିତୀ କରିବ ଯୋଗୁ ସ୍ଥାନୀୟ ଲୋକମାନଙ୍କ ନିକଟରେ ନିରାଶା ଓ ଅଶାନ୍ତି ବଢ଼ିଚାଲିଛି । ଯେଉଁଥିରୁ କଠୋରପନ୍ଥୀ ଓ ସନ୍ତ୍ରାସବାଦ ଗୋଷ୍ଠୀଗୁଡିକ ଭରପୁର ଲାଭ ଉଠାଉଛନ୍ତି ।

ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ ସେ ଯାହା ହେଉ ଏହି ଜଟିଳ ଓ କଠିନ ସମୟରେ ବଡ଼ ଶକ୍ତି ଗୁଡିକ ଓ ଜାତିସଂଘର ଏ ଦାୟିତ୍ୱ କି ସେମାନେ ସର୍ବଦା ନ୍ୟାୟର ସହିତ କାର୍ଯ୍ୟ କରନ୍ତୁ । ଯେଉଁଠି ବି ବିବାଦ ଉପୁଜୁଛି ସେଠାରେ ଜାତିସଂଘ ପରି ଆନ୍ତର୍ଜାତୀୟ ସଂଗଠନ ଗୁଡିକୁ ନିରପେକ୍ଷ ଓ ସମାନ ବ୍ୟବହାର କରିବା ଉଚିତ୍ ଓ ସେମାନଙ୍କର ଉଦ୍ଦେଶ୍ୟ କେବଳ ହିଁ ଶାନ୍ତି ସ୍ଥାପନ କରିବା ଓ ସମସ୍ତ ଗୋଷ୍ଠୀମାନଙ୍କ ଭିତରେ ସୌହାର୍ଦ୍ଦ୍ୟ ଭାବ ସୃଷ୍ଟି କରିବା ଉଚିତ୍ । ସତ୍ୟ ହେଉଛି ଏହା କି ଯଦି ସେହିସବୁ ଦେଶଗୁଡିକ ଓ ସଂଗଠନ ଗୁଡିକ ଅତୀତରେ ନ୍ୟାୟର ସହିତ କାମ ନେଇଥାଆନ୍ତା ତେବେ ଆଜି ଯେଉଁ ଅସ୍ଥିରତା ଆମକୁ ଦେଖାଦେଉଛି ତାହା ହୋଇନଥାନ୍ତା । ଓ ନା ହିଁ ଆମକୁ ଆଜି ରିଫ୍ୟୁଜି କ୍ରାଇସିସ୍‌ର ସାମ୍‌ନା କରିବାକୁ ପଡ଼ନ୍ତା ।

ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ ପୁଣି ପବିତ୍ର କୋରାନ୍‌ର ସୁରା ମୁମିନୀନ୍‌ର ଆୟତ ନଂ-୯ରେ ଗୋଟିଏ ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଇସ୍‌ଲାମୀୟ ସିଦ୍ଧାନ୍ତ ବର୍ଣ୍ଣନା କରାଯାଇଛି । ତାହା ହେଉଛି ''ବାସ୍ତବିକ ମୁସଲ୍‌ମାନ୍ ସେ ଅଟନ୍ତି, ଯେଉଁମାନେ ନିଜର ଅମାନତ୍ ଓ ନିଜର ଅଙ୍ଗୀକାର ଗୁଡିକ ପ୍ରତି ସଜାଗ ଥାଆନ୍ତି'' । ଅର୍ଥାତ୍ ଯେଉଁ ଦାୟିତ୍ୱ ଗୁଡିକ ତାଙ୍କ ନିକଟରେ ନ୍ୟସ୍ତ କରାଯାଇଛି ସେଗୁଡିକୁ ସେ ପ୍ରଦାନ କରିବା ପାଇଁ ଚେଷ୍ଟା କରିଥାନ୍ତି । ମୋ ନିକଟରେ ଏହି ସିଦ୍ଧାନ୍ତ କେବଳ ମୁସଲ୍‌ମାନ୍ ମାନଙ୍କ ପାଇଁ ନୁହେଁ ବରଂ ସମସ୍ତ ଦେଶ ଓ ସମସ୍ତ ଜାତି ପାଇଁ ଗୋଟିଏ ଆନ୍ତର୍ଜାତିକ ସିଦ୍ଧାନ୍ତ ଅଟେ । ସମସ୍ତ ସରକାର ଓ ଆନ୍ତର୍ଜାତିୟ କାର୍ଯ୍ୟାଳୟଙ୍କ ନିକଟରେ ଅମାନତ ନ୍ୟସ୍ତ କରାଯାଇଛି ତେଣୁ ତାଙ୍କ ନେତାମାନଙ୍କର ଏହା ଦାୟିତ୍ୱ କି ସେମାନେ ଇମାନ୍‌ଦାରୀ, ସଚ୍ଚୋଟତା ଓ ନ୍ୟାୟ ଉପରେ କାଏମ୍ ରହି ଉକ୍ତ ଅମାନତ୍ ଗୁଡିକର ଅଧିକାରକୁ ପ୍ରଦାନ କରନ୍ତୁ । ସରକାର ଓ ରାଜନେତା ମାନଙ୍କର ଏ ଦାୟିତ୍ୱ କି ସେମାନେ ସାଧାରଣ ଜନତାଙ୍କ ସେବା କରନ୍ତୁ ଓ ଜାତିର ଭବିଷ୍ୟତକୁ ସୁରକ୍ଷା କରନ୍ତୁ ଓ ଏହି ଦାୟିତ୍ୱକୁ ସେମାନେ ମାମୁଲି ବୋଲି ବିବେଚନା କରନ୍ତୁ ନାହିଁ । ସେହିପରି ଜାତିସଂଘର ମୂଳ ଉଦ୍ଦେଶ୍ୟ ହେଉଛି ଆସନ୍ତା ପିଢ଼ୀକୁ ଯୁଦ୍ଧର ଭୟାବହତାରୁ ବଂଚାଇବା ଓ ଜଣେ ଅନ୍ୟଜଣକ ସହିତ ମିଶି ଶାନ୍ତିରେ ରହିବା ଓ ଆନ୍ତର୍ଜାତିକ ଶାନ୍ତିକୁ କାଏମ୍ କରିବା । ଜାତିସଂଘର ଘୋଷଣାପତ୍ରରେ ଏହା ସ୍ପଷ୍ଟ ରୂପେ ବର୍ଣ୍ଣନା ହୋଇଛି କି ଏହି ସଂଘର ଉଦ୍ଦେଶ୍ୟ ଗୁଡିକ ମଧ୍ୟରୁ ଗୋଟିଏ ହେଉଛି ମାନବ ଜାତିକୁ ଉପରୋକ୍ତ ଭ୍ରମରୁ ସୁରକ୍ଷା ରଖିବା ଯେଉଁଥିପାଇଁ ବିଂଶ ଶତାବ୍ଦୀରେ ଦୁଇ ଦୁଇଟି ବିଶ୍ୱଯୁଦ୍ଧ ଅନୁଷ୍ଠିତ ହୋଇଥିଲ । ତେଣୁ ସେହି ଦାୟିତ୍ୱ ଗୁଡିକୁ ଦୃଷ୍ଟିରେ ରଖି ଜାତିସଂଘକୁ ନିଜର ଉଚ୍ଚତମ ଉଦ୍ଦେଶ୍ୟ ଗୁଡିକୁ ପୂରଣ କରିବା ପାଇଁ ଚେଷ୍ଟା କରିବା ଉଚିତ୍ ଓ ବିଶ୍ୱଶାନ୍ତିର ଗୁରୁତ୍ୱକୁ ବୁଝି ଏହାକୁ ବର୍ତମାନ ଯୁଗର ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ସମସ୍ୟା ରୂପେ ବୁଝିବା ଉଚିତ୍ । କିନ୍ତୁ ଦୁଃଖର କଥା ଏହା କି ଏହି ଦାୟିତ୍ୱକୁ ଅଣଦେଖା କରାଯାଉଛି ।

ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ ମୁଁ ପୁଣି କହୁଛି କି ଯଦି ସମସ୍ତ ପକ୍ଷ ନିଜ ନିଜର ଦାୟିତ୍ୱ ଗୁଡିକୁ ବୁଝିନେବେ ଓ ନ୍ୟାୟର ସହିତ କାର୍ଯ୍ୟ କରି ଜଣେ ଅନ୍ୟଜଣକ ଅଧିକାରକୁ ପ୍ରଦାନ କରିବେ ତେବେ ଏବେ ମଧ୍ୟ ସମୟ ଅଛି କି ଯୁଦ୍ଧର ଯେଉଁ କଳାବାଦଲ ଆମ ମୁଣ୍ଡ ଉପରେ ଘୁରି ବୁଲୁଛି ତାହା ଦୂର ହୋଇଯିବ ।

ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ ତେଣୁ ମୁଁ ପୁଣି ଆଉଥରେ ଦୁନିଆର ବଡ଼ ଶକ୍ତିମାନଙ୍କୁ ଏକଥା କହିବାକୁ ଚାହିଁବି କି ସେମାନେ ନିଷ୍ଠାର ସହିତ ଦୁନିଆରେ ଶାନ୍ତି ସ୍ଥାପନ କରିବା ପାଇଁ ଭରପୁର ଚେଷ୍ଟା କରନ୍ତୁ । ଅଲ୍ଲାଃ ଏ ସଂସାରବାସୀଙ୍କୁ ବୁଦ୍ଧି ପ୍ରଦାନ କରନ୍ତୁ ଓ ମାନବଜାତିକୁ ବଡ଼ ସ୍ୱାର୍ଥ ନିମନ୍ତେ ନିଜର ସ୍ୱାର୍ଥକୁ ଗୋଟିଏ ପଟେ ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଯଦି ଆମେ ଏପରି କରିବା ପାଇଁ ଅସଫଳ ହେଉଛେ ତେବେ ପୁଣି ଯେପରିକି ମୁଁ ପୂର୍ବରୁ ଅନେକଥର କହିସାରିଛି କି ଏ ସଂସାର ବର୍ତମାନ ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ତୀବ୍ର ଗତିରେ ମୁହାଁଇଛି ଯାହାର ପ୍ରଭାବ ଆସନ୍ତାର ଅନେକ ପିଢ଼ୀ ପର୍ଯ୍ୟନ୍ତ ଜାରି ରହିବ । କାରଣ ବହୁତ ଦେଶଙ୍କ ନିକଟରେ ନ୍ୟୁକ୍ଲିୟର୍ ଅସ୍ତ୍ର ରହିଛି । ତେଣୁ ଏହି ଯୁଦ୍ଧର ଭୟାବହତାର ଫଳାଫଳ ଆମ ଚିନ୍ତାର ବାହାରେ । ତେଣୁ ଆମେ ନିଜକୁ ନିଜେ ଏହି ପ୍ରଶ୍ନ ପଚାରିବା କି କଣ ଆମେ ନିଜ ସନ୍ତାନ ମାନଙ୍କ ପାଇଁ ଓ ଆସନ୍ତା ପିଢ଼ୀଙ୍କ ପାଇଁ ଉତମ ସଂସାର ଛାଡ଼ିଯିବାକୁ ଚାହୁଁଛେ ବା ପୁଣି ଆମେ ସେମାନଙ୍କୁ ଯୁଦ୍ଧ ଲଢ଼ାଇରେ ପରିପୁର୍ଣ୍ଣ ଓ ଲହୁରେ ପରିପୁର୍ଣ୍ଣ ଗୋଟିଏ ଅବର୍ଣ୍ଣନୀୟ ଦୁଃଖ କଷ୍ଟର ଉତରାଧିକାରୀ ରୂପେ ଛାଡ଼ିଯିବାକୁ ଚାହୁଁଛେ ?

ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ ଅଲ୍ଲାଃତାଲା ମାନବଜାତିର ସୁରକ୍ଷା କରନ୍ତୁ ଓ ଆମ ସମସ୍ତଙ୍କ ଉପରେ ଦୟା କରନ୍ତୁ ଓ ସମସ୍ତ ଲୋକମାନଙ୍କୁ ଅନ୍ୟମାନଙ୍କ ସହିତ ନ୍ୟାୟ ଓ ବୁଦ୍ଧିମତା ଓ ଉତମତାର ସହିତ ବ୍ୟବହାର କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଯଦ୍ୱାରା ଏ ଯୋଗ୍ୟ ହୋଇପାରିବା କି ଆମେ ଆମ ପିଲାମାନଙ୍କୁ ଓ ଆସନ୍ତା ପିଢ଼ୀକୁ ସୁରକ୍ଷା ଦେଇପାରିବା । ଏତିକି କଥା କହି ମୁଁ ଆପଣମାନଙ୍କ ଠାରୁ ଅନୁମତି ଲୋଡୁଛି । କିନ୍ତୁ ତା ପୂର୍ବରୁ ମୁଁ ଆଉଥରେ ପୁଣି ଆପଣ ସମସ୍ତଙ୍କୁ ଏହି ନିମନ୍ତ୍ରଣ ଗ୍ରହଣ କରିବା ଯୋଗୁ ଧନ୍ୟବାଦ ଅର୍ପଣ କରୁଛି । ଅଲ୍ଲାଃତାଲା ଆପଣ ସମସ୍ତଙ୍କ ଉପରେ କୃପା କରନ୍ତୁ । ବହୁତ ବହୁତ ଧନ୍ୟବାଦ ।

ହଜୁର୍ ଅନୁଓ୍ୱର ଅ:ବ:ଅଙ୍କ ଏହି ଅଭିଭାଷଣ ୮:୦୫ ପର୍ଯ୍ୟନ୍ତ ଜାରି ରହିଲା । ଭାଷଣର ଶେଷରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ । ଏଥିରେ ସମସ୍ତ ଉପସ୍ଥିତ ଅତିଥି ନିଜ ନିଜ ଶୈଳୀରେ ସାମିଲ୍ ହେଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍‌ର ସଦସ୍ୟଗଣଙ୍କୁ ଉପହାର ପ୍ରଦାନ କଲେ ।

ହଜୁର୍ ଅନୁଓ୍ୱର ଅ:ବ:ଅଙ୍କ ଅଭିଭାଷଣ ପରେ ପ୍ରୋଗ୍ରାମ୍ ମୁତାବକ ଉପସ୍ଥିତ ସମସ୍ତ ଅତିଥିଗଣ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଭୋଜନ ଗ୍ରହଣ କଲେ । ଏହି ସମୟରେ ଭିନ୍ନ ଭିନ୍ନ ଅତିଥି ଜଣ ଜଣ ହୋଇ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପାଖକୁ ଆସୁଥିଲେ ଓ ସାକ୍ଷାତ୍ କରିବାର ଗୌରବ ହାସଲ କରୁଥିଲେ ।

ହଜୁର୍ ଅନୁଓ୍ୱର ଅ:ବ:ଅ ଉକ୍ତ ଅତିଥିମାନଙ୍କ ସହିତ କଥାହେଲେ । ଅନେକ ଅତିଥି ଦରଖାସ୍ତ

କରି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ମଧ ସୌଭାଗ୍ୟ ପ୍ରାପ୍ତ କଲେ । ଏହି ପ୍ରୋଗ୍ରାମ୍ ୮:୫୦ ପର୍ଯ୍ୟନ୍ତ ଜାରି ରହିଲା । ୯:୩୦ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଦାର୍ପଣ କରି ମଗ୍‌ରିବ ଓ ଇଶା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର ଅ:ବ:ଅ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

**ଅତିଥିମାନଙ୍କର ମନୋଭାବ ବ୍ୟକ୍ତ**

ଆଜିକାର ଏହି ଉତ୍ସବରେ ସାମିଲ୍ ହୋଇଥିବା ଅତିଥିମାନଙ୍କ ଉପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଅଭିଭାଷଣ ଗଭୀର ପ୍ରଭାବ ପକାଇଥିଲା । ବହୁତ ଅତିଥି ସ୍ପଷ୍ଟ ରୂପେ ନିଜର ଭାବନା, ଆବେଗ ଓ ମନୋଭାବକୁ ପ୍ରକାଶ କଲେ । ସେମାନଙ୍କ ମଧ୍ୟରୁ କିଛି ଅତିଥିମାନଙ୍କର ମନୋଭାବ ନିମ୍ନରେ ଦରଜ କରାଯାଉଛି ।

ଜଣେ ଅତିଥି ନିଜର ମନୋଭାବକୁ ପ୍ରକାଶ କରି କହିଲେ ଖଲିଫାଙ୍କର ଭାଷଣ ବହୁତ ଉଚ୍ଚସ୍ତରର ଥିଲା କାରଣ ଏହି ଉତ୍ସବରେ ଖଲିଫାଙ୍କର ସ୍ୱିଡେନ୍‌ର ପରିସ୍ଥିତି ଉପରେ ମଧ ଗଭୀର ଦୃଷ୍ଟି ଦେଖିବାକୁ ମିଳିଛି । ବିଶେଷ ରୂପେ ମୁହାଜିର୍‌ଙ୍କ ମାମଲା ଗୁଡିକ ଯାହା ବହୁତ ହୃଦୟସ୍ପର୍ଶୀ ଥିଲା । ସ୍ୱୀଡେନ୍‌ରେ ମୁହାଜିର୍ ମାନଙ୍କର ଆଗମନ ପ୍ରସଙ୍ଗରେ ଖଲିଫାଙ୍କର ଏକ ବିଶେଷ ଦୃଷ୍ଟିକୋଣ ରହିଛି ଅର୍ଥାତ୍ ମୁହାଜିର୍‌ଙ୍କୁ ଏଠିକାର ସମାଜରେ ରହି ନିଜର ଦାୟିତ୍ୱ ଗୁଡିକୁ ତୁଲାଇବାକୁ ହେବ । ସେହିପରି ସ୍ୱିଡିଶ୍ ଲୋକମାନଙ୍କୁ ମଧ ଅଣଦେଖା କରାଯିବା ଉଚିତ୍ ନୁହେଁ । ଏହି ସବୁ କଥା ବହୁତ ଭଲ ଥିଲା । ଯେବେ କି ସ୍ୱିଡେନ୍‌ରେ କୌଣସି ରାଜନେତା ଏପରି କଥା କରନ୍ତି ନାହିଁ ।

ଆଉଜଣେ ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏହା ମୋ ପାଇଁ ବହୁତ ଭଲ ପ୍ରୋଗ୍ରାମ୍ ଥିଲା ଇସ୍‌ଲାମ୍ ଓ ଆପଣଙ୍କ ଧର୍ମ ସମ୍ବନ୍ଧରେ ମୋତେ ଏକ ନୁଆ ରୂପ ଦେଖିବାକୁ ମିଳିଲା । ଯଦି ଅଧିକରୁ ଅଧିକ ଲୋକେ ଆପଣମାନଙ୍କର କଥାକୁ ଶୁଣିବେ ତେବେ ଏ ଦୁନିଆ ଆଗକୁ ଏକ ଉତମ ସ୍ଥାନ ହୋଇପାରିବ ।

ଆଉ ଜଣେ ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ-ମୋତେ ଆଜି ବହୁତ କିଛି ଶିଖିବାକୁ ମିଳିଛି । ଆଜିର ଭାଷଣ ବହୁତ ପ୍ରଭାବଶାଳୀ ଥିଲା ବରଂ ମାତ୍ରାଧିକ । ଏତେ ଆଶା ଆମେ କରିନଥିଲୁ । ଖଲିଫା ଏଠାକୁ ଆସିଥିବାରୁ ମୁଁ ବହୁତ କୃତଜ୍ଞ । ଖଲିଫାଙ୍କ ବାର୍ତା ଆମକୁ ଏଥିପ୍ରତି ଧ୍ୟାନ କରାଇଛି କି ଆମେ କୌଣସି ବିବାଦକୁ ଦେଖି ଆଖି ବନ୍ଦ କରିଦେବାନାହିଁ କି ଏହା ଆପେ ଆପେ ଶେଷ ହୋଇଯିବ । ଏହା ବହୁତ ଦୃଢ଼ ବାର୍ତା ଥିଲା । ସେଥିଯୋଗୁ ମୁଁ ବହୁତ କୃତଜ୍ଞ ।

ଆଉଜଣେ ଅତିଥି ନିଜର ମନୋଭାବକୁ ପ୍ରକାଶ କରି କହିଲେ ଏହା ମୋ ପାଇଁ ଏକ ବହୁତ ଭଲ ଅନୁଭବ ଥିଲା । ମୋତେ ଯେବେ ମାଲ୍‌ମୋ ମସ୍‌ଜିଦ୍‌କୁ ଯିବା ପାଇଁ ନିମନ୍ତ୍ରଣ ମିଳିଲା ସେତେବେଳେ ମୁଁ ବହୁତ ଖୁସି ହେଲି । କିନ୍ତୁ ଏଠାରେ ଯୋଗ ଦେବା ପରେ ଏହି ଖୁସିର ସୀମା ରହିଲା ନାହିଁ । ମୁଁ ବହୁତ ପ୍ରଭାବିତ ହୋଇଛି । ମୁଁ ଖଲିଫାଙ୍କର ବାର୍ତାକୁ ଶୁଣିସାରିଛି । ମୋତେ ଏହା ଭିତରେ ବୁଦ୍ଧି, ପ୍ରେମ ଓ ଶାନ୍ତି ହିଁ ମିଳିଛି । କାରଣ ଏହା ସମ୍ପୂର୍ଣ୍ଣ ରୂପେ ପ୍ରେମର ବାର୍ତା । ଖଲିଫା ଭାଷଣରେ ଯେତେ କହିଚାଲିଥାନ୍ତି ମୁଁ ସେତେ ପ୍ରଭାବିତ ହେଉଥିଲି ।

ଆଉଜଣେ ଅତିଥି ନିଜର ମନୋଭାବ ବ୍ୟକ୍ତ କରି କହିଲେ ଲୋକମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ କରିବା ହେଉଛି ବହୁତ ଭଲ ଆଶା । କାରଣ ଆଜିକାଲି ଦୁନିଆରେ ଏପରି ଶକ୍ତି କାର୍ଯ୍ୟ କରୁଅଛି ଯିଏ ମନୁଷ୍ୟକୁ ମନୁଷ୍ୟଠାରୁ ଦୂରେଇ ଦେବା ପାଇଁ ଚାହୁଁଛି । ସମସ୍ତଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ କରି ଆପଣମାନେ ପ୍ରତିକ୍ଷେତ୍ରରେ ସଫଳ ହୋଇଛନ୍ତି । କାରଣ ଯେବେ ଆମେ ଆପୋଷରେ ମିଳୁଛେ ସେତେବେଳେ ଆମର ଆଖି ଖୋଲିଥାଏ ଓ ଆମକୁ ଅଧିକା କିଛି ଶିଖିବାକୁ ମିଳିଥାଏ ଓ ଆମକୁ ଘୃଣା ସହିତ ଲଢ଼ିବା ପାଇଁ ସାହସ ମିଳିଥାଏ । ଇସ୍‌ଲାମ୍ ବିରୋଧରେ ବହୁତ ଘୃଣାଭାବ ମିଳୁଅଛି ଓ ବହୁତ ଲୋକେ ଅହେମଦୀୟା ମୁସ୍‌ଲିମ୍ ଜମାତ୍‌ର ଉଦ୍ଦେଶ୍ୟକୁ ଜାଣନ୍ତି ନାହିଁ । ଯେବେ ଆମେ ସମସ୍ତେ ଏକାଠି ହେଉଛେ ତା ମାଧରେ ଆପୋଷ ବୁଝାମଣା ବଢ଼ିଥାଏ । ଏହିପରି ଆମେ ଶାନ୍ତି ଓ ସହିଷ୍ଣୁତାର ବାର୍ତାକୁ ଆଗକୁ ପ୍ରସାର କରିପାରିବା ।

ଆଉଜଣେ ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଆପଣମାନେ ମୋତେ ଏଠାରେ ନିମନ୍ତ୍ରଣ କରିଥିବାରୁ ମୁଁ ବହୁତ ଆନନ୍ଦିତ । ମୋତେ ଖଲିଫାଙ୍କର କଥା ଶୁଣି ବହୁତ ଭଲ ଲାଗିଲା । ଆପଣ ଏପରି ବିଷୟରେ କଥା ହେଲେ ଯାହାକୁ ଶୁଣି ମୁଁ ବହୁତ ଆନନ୍ଦିତ । ଏଠିକାର ଅଧିକାଂଶ ଧାର୍ମିକ ନେତା ଏହି ସବୁ ବିଷୟ ଉପରେ କଥା ହୁଅନ୍ତି ନାହିଁ ଯେପରି ମୁହାଜିର୍‌ମାନଙ୍କର କଣ ଦାୟିତ୍ୱ ଅଛି, ସମାଜରେ ସେମାନଙ୍କର କିପ୍ରକାର କର୍ତବ୍ୟ ରହିଛି ଓ ସ୍ୱିଡିଶ୍ ଜାତିଙ୍କୁ ମୁହାଜିର୍‌ଙ୍କର କିପରି ଧ୍ୟାନ ରଖିବା ଉଚିତ୍ । ଏହା ବହୁତ ଦୃଢ଼ ଭାଷଣ ଥିଲା । ଅର୍ଥାତ୍ ମୁହାଜିର୍ ମାନଙ୍କର ଏ କର୍ତବ୍ୟ କି ସେମାନେ ସ୍ୱିଡିଶ୍ ସମାଜରେ ମିଶି ରୁହନ୍ତୁ ଏବଂ ତତ୍ ସହିତ ସ୍ୱିଡିଶ୍ ସମାଜ ଓ ରାଜନେତାମାନଙ୍କ ନିମନ୍ତେ ମଧ ଏ ବାର୍ତା ଥିଲା କି ସେମାନେ ଏ ସମାଜକୁ କିପରି ଉତମରୁ ଉତମତର ବନାଇବେ ।

ଆଉଜଣେ ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଜଣେ ଆଧାତ୍ମିକ ବ୍ୟକ୍ତିଙ୍କ କଥା ନା କେବଳ ଆପଣଙ୍କ ବୁଦ୍ଧିକୁ ପ୍ରଭାବିତ କଲା ବରଂ ସେହି କଥାର ପ୍ରଭାବ ଆପଣଙ୍କ ହୃଦୟରେ ମଧ ପଡ଼ିଲା । ତେଣୁ ଏହା ବହୁତ ପ୍ରଭାବଶାଳୀ ବକ୍ତବ୍ୟ ଥିଲା । ଏଥିରୁ ମୋତେ ଏକ ନୁଆ ଉତ୍ସାହ ମିଳିଲା ଓ ଶକ୍ତି ମିଳିଲା କି ଆମେ ଏହି ପରିସ୍ଥିତିକୁ ପରିବର୍ତନ କରିପାରିବା ଯାହା ସଂସାରକୁ ଧ୍ୱଂସ କରିବା ପାଇଁ ଲାଗିଛି, ଆମେ ସେହି ସବୁ ସମସ୍ୟାଗୁଡିକୁ ସମାଧାନ କରିପାରିବା । ୟୁରୋପ୍‌ର ଚତୁର୍ପାର୍ଶ୍ୱରେ ଯୁଦ୍ଧ ଯୋଗୁ ମୁହାଜିର୍‌ମାନଙ୍କ ଯେଉଁ ସମସ୍ୟା ଉପୁଜିଛି ଯଦି ଆମେ ସମସ୍ତେ ‘‘ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ’’ ର ବାର୍ତା କୁ ଶୁଣିବା ଓ ଏହା ଉପରେ ଅମଳ କରିବା ତେବେ ଆମେ ଉପରୋକ୍ତ ସମସ୍ୟା ଗୁଡିକ ମଧ ସମାଧାନ କରିପାରିବା ।

ଆଉଜଣେ ଅତିଥି ନିଜର ମନୋଭାବ ବ୍ୟକ୍ତ କରି କହିଲେ ମୁଁ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଥିବା ଯୋଗୁ ବହୁତ ଖୁସି ଅନୁଭବ କରୁଛି । ଯାହା କିଛି ଖଲିଫା କହିଲେ ତାହା ଅତି ଗୁରୁତ୍ୱପୁର୍ଣ୍ଣ ବାର୍ତା ବୋଲି ମୁଁ ବୁଝିପାରୁଛି । ତାହା ଶାନ୍ତି, ପ୍ରେମ ଓ ସୌହାର୍ଦ୍ଦ୍ୟର ବାର୍ତା ଅଟେ । ପ୍ରତ୍ୟେକଙ୍କୁ ଏହି ବାର୍ତା ଉପରେ ଅମଳ କରିବା ଉଚିତ୍ । ଏଥିରେ ମୁଁ ବହୁତ ପ୍ରଭାବିତ ହୋଇଛି ଓ ଏହା ଏକ ବହୁତ ଗୁରୁତ୍ୱପୁର୍ଣ୍ଣ କାର୍ଯ୍ୟ ଅଟେ । ଏଥିରୁ ମୋତେ ଏକ ନୁଆ ସାହସ ମିଳିଛି ।

ଆଉଜଣେ ଅତିଥି ନିଜର ମନୋଭାବ ବ୍ୟକ୍ତ କରି କହିଲେ ଯେବେ ଆପଣ ଅହେମଦୀୟା ମୁସ୍‌ଲିମ୍ ଜମାତ୍‌ର ଉଦ୍ଦେଶ୍ୟ ଗୁଡିକୁ ଓ ଏହାର ବ୍ୟାକ୍‌ଗ୍ରାଉଣ୍ଡ୍‌କୁ ଦେଖୁଛେ ଓ ସାରା ଦୁନିଆରେ ଖଲିଫା ଓ ଅହେମଦୀମାନଙ୍କର ସେବା ମୂଳକ କାର୍ଯ୍ୟ ଉପରେ ଆଖି ଘୁରାଉଛେ ଏଥିରେ ଆମକୁ ଇସ୍‌ଲାମ୍‌ର ଭଲ ଗୁଣ ଗୁଡିକ ବୁଝାପଡୁଛି ।

ଆଉଜଣେ ଅତିଥି Ake Bader ସାହେବ ନିଜର ମନୋଭାବକୁ ପ୍ରକାଶ କରି କହିଲେ ଖଲିଫାଙ୍କର ବାର୍ତା ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଥିଲା କି ଭାଇଚାରା ସୃଷ୍ଟି କରିବା ଓ ଅନ୍ୟମାନଙ୍କୁ ନିଜ ବିଶ୍ୱାସ ଉପରେ କାଏମ୍ ରହିବାର ଅଧିକାର ଦେବା ଦ୍ୱାରା ହିଁ ଶାନ୍ତି ସ୍ଥାପନ ହୋଇପାରିବ । ବିଶେଷ ରୂପେ ରିଫ୍ୟୁଜି କ୍ରାଇସିସ୍ ପ୍ରସଙ୍ଗରେ ଏକଥା ବହୁତ ଭଲ ଲାଗିଲା କି ସେହି ମୁହାଜିର୍ ମାନଙ୍କର ମଧ ଦାୟିତ୍ୱ ଅଛି କି ସେମାନେ ଏହି ସ୍ୱାଧିନକୁ ସମ୍ମାନ କରନ୍ତୁ ଓ ସମାଜରେ ଏକ ହିତକାରୀ ଅସ୍ତିତ୍ୱ ହୁଅନ୍ତୁ । ଖଲିଫା ସ୍ଥାନୀୟ ଲୋକମାନଙ୍କୁ ମଧ ଏ ଧ୍ୟାନ ଆକର୍ଷଣ କରାଇଲେ କି ସେମାନେ ମୁହାଜିର୍‌ଙ୍କ ଦୁଃଖ କଷ୍ଟରେ ସେମାନଙ୍କୁ ସାହାଯ୍ୟ କରନ୍ତୁ ଓ ଅଧିକା ତାଙ୍କଠାରୁ ଆଶା ନ ରଖନ୍ତୁ । ଖଲିଫା ଶାନ୍ତିର ପ୍ରତିକ ଅଟନ୍ତି ଓ ମୁଁ ଇସ୍‌ଲାମ୍ ସମ୍ବନ୍ଧରେ ବହୁତ କିଛି ଶିଖିପାରିଲି ।

ଇରାକ୍‌ରୁ ଆସିଥିବା ଜଣେ ଇସାଇ ମୁହାଜିର୍ ସଲାମ୍ ସାହେବ୍ ମଧ ଏହି ଅବସରରେ ଆସି ଯୋଗ ଦେଇଥିଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଖଲିଫାଙ୍କର ବହୁତ ଭଲ ଥିଲା । ଓ ସେ କେବଳ ଶାନ୍ତି ଓ ନିଜ ନିଜ ଭିତରେ କିପରି ଏକ ହୋଇ ରହିବା, ସେ ବିଷୟରେ କହିଲେ । ମୁଁ ଇରାକ୍‌ରେ କେବେ ଏହିପରି କଥା ଶୁଣିନାହିଁ । ସେଠାରେ ଲୋକମାନେ ଇସ୍‌ଲାମ୍‌ର ସେହି ରୂପକୁ ଉପସ୍ଥାପନ କରୁନାହାଁନ୍ତି ଯେଉଁ ରୂପକୁ ଆପଣଙ୍କ ଖଲିଫା ବତାଉଛନ୍ତି । ଯଦି ଇରାକ୍ ଖଲିଫାଙ୍କ କଥାକୁ ଶୁଣି ନିଅନ୍ତା ତେବେ ଆମକୁ ଏହିପରି ହିଜ୍‌ରତ୍ କରିବାକୁ ପଡ଼ିନଥାନ୍ତା । ଏଠାରେ ସ୍ୱିଡିସ୍ ଲୋକମାନଙ୍କ ସମ୍ମୁଖରେ ଭିକାରୀ ହୋଇ ଆସିବାକୁ ପଡ଼ିନଥାନ୍ତା । ଏଠାରେ ସ୍ୱିଡିଶ୍ ଲୋକମାନଙ୍କୁ ଏପରି ଅନୁଭବ ହେଉଛି କି ମୁଁ କୌଣସି ଅଧିକାର ଦାବି କରିବା ପାଇଁ ଆସିଛି । ଏହି ମନୋଭାବ ମୋ ପାଇଁ ବହୁତ ଖରାପ ଅଟେ । ଇରାକ୍‌ରେ ଆପଣଙ୍କ ଖଲିଫା ପରି ଜଣେ ମଧ ନାହାଁନ୍ତି । ଖଲିଫା ତ ସ୍ପଷ୍ଟ କଥା କହୁଛନ୍ତି । ଏ ସଂସାରରେ କଣ ହେଉଛି ସେ ବିଷୟ ବତାଉଛନ୍ତି । ଆପଣଙ୍କ ଜମାତ୍ ସମସ୍ତ ମୁସ୍‌ଲିମ୍ ଗୋଷ୍ଠୀଙ୍କଠାରୁ ଉତମ ଅଟେ ।

ଆଉଜଣେ ଅତିଥି Joham Winfalt ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଖଲିଫାଙ୍କ ଭାଷଣ ସବୁଠାରୁ ଉତମ ଥିଲା । ଏହାର କାରଣ ହେଉଛି ଏହା କି ଖଲିଫାଙ୍କର କଥା ହୃଦୟ ଭିତରୁ ବାହାରୁଛି ଓ ହୃଦୟ ଉପରେ ପ୍ରଭାବ ପକାଉଛି । ରାଜନେତାମାନେ ଲୋକମାନଙ୍କୁ ଖୁସି କରାଇବା ପାଇଁ କଥା କହିଥାନ୍ତି । କିନ୍ତୁ ଖଲିଫା ଖୋଲିକରି ସାହସର ସହିତ କଥା କହୁଛନ୍ତି । ଖଲିଫା କେତେଗୁଡିଏ ଗୁରୁତ୍ୱପୁର୍ଣ୍ଣ ଓ ଜ୍ଞାନବର୍ଦ୍ଧକ ଉପଦେଶ ଦେଇଛନ୍ତି । ମୋତେ ଇସ୍‌ଲାମ୍ ସମ୍ବନ୍ଧରେ ବହୁତ କିଛି ଜାଣିବାକୁ ମିଳିଲା । ମୁଁ ଏକଥାକୁ ସମ୍ମତି କରୁଛି କି ମୁହାଜିର୍‌ଙ୍କୁ ନୁଆ ଯାଗାରେ ଆସି ଏ ଦେଶର ସମ୍ମାନ କରିବା ଉଚିତ୍ ଓ ସରକାରଙ୍କୁ ମଧ ଆବଶ୍ୟକ କି ସେ ରିଫ୍ୟୁଜି ମାନଙ୍କର ମାର୍ଗଦର୍ଶନ କରୁ । ଖଲିଫା ଏହା ବତାଇଲେ କି ଶାନ୍ତି ଦୁଇପକ୍ଷଙ୍କ ଯୁକ୍ତାତ୍ମକ ବ୍ୟବହାର ଭିତରେ ନିହିତ ଅଛି । ଆମକୁ ମଧ ଏହା କରିବା ଉଚିତ୍ କି ଆମେ ମୁହାଜିର୍‌ଙ୍କୁ ସ୍ୱାଗତ କରିବା । ମୁଁ ରାଜନୀତି ମାମଲା ଗୁଡିକରେ ବହୁତ ଆଗ୍ରହ ଦେଖାଏ ଓ ମୁଁ ରିଫ୍ୟୁଜି କ୍ରାଇସିସ୍ ବିଷୟରେ ଅଗଣତି ନିବନ୍ଧ ପଢ଼ିଛି କିନ୍ତୁ ମୁଁ ଖଲିଫାଙ୍କ ପରି ପ୍ରଭାବଶାଳୀ ବିଶ୍ଲେଷଣ କେବେ ପଢ଼ିନାହିଁ । ବହୁତ ଲୋକଙ୍କୁ ଇସ୍‌ଲାମ୍ ବିଷୟରେ ଏକ ଭୁଲ୍ ଭାବନା ରହିଛି ।

ଆଉଜଣେ ଅତିଥି Eva Lofgrem ନିଜର ଭାବନାକୁ ପ୍ରକାଶ କରି ଏପରି କହିଲେ:- ମୁଁ ୧୯୭୦ ମସିହାରୁ ଅହେମଦୀ ମାନଙ୍କୁ ଜାଣିଛି । ଯେବେ ମୁଁ ପଶ୍ଚିମ ଆଫ୍ରିକାରେ ଥିଲି ସେତେବେଳେ ସେଠାରେ କିଛି ଅହେମଦୀଙ୍କ ସହିତ ମିଶିଥିଲି । ମୁଁ ଆପଣଙ୍କ ଖଲିଫାଙ୍କ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ତାଙ୍କୁ ସ୍ୱିଡେନ୍ ବିଷୟରେ ବହୁତ କିଛି ଜଣାଥିଲା । ସେ ଏପରି କଥା କହିଲେ ଯାହା ବିଷୟରେ ମୁଁ ପୂର୍ବରୁ କିଛି ଜାଣିନଥିଲି । ଖଲିଫା ରାଜନୀତି ବିଷୟରେ ଭାଷଣ ଦେଲେ ସମସ୍ୟା ଗୁଡିକର ସମାଧାନ ମଧ ଉପସ୍ଥାପନ କଲେ । ମୁଁ ତାଙ୍କ କଥା ଦ୍ୱାରା ଶତପ୍ରତିଶତ ଏକମତ । ଖଲିଫା ଇସ୍‌ଲାମ୍‌ର ଅସଲ ଛବିକୁ ଉପସ୍ଥାପନ କଲେ । ରିଫ୍ୟୁଜି କ୍ରାଇସିସ୍ ସମ୍ବନ୍ଧରେ ଖଲିଫା ଗଭୀର ବିଶ୍ଲେଷଣ କରିଛନ୍ତି । ତାଙ୍କର କଥା ସମ୍ପୂର୍ଣ୍ଣ ରୂପେ ଠିକ୍ ଅଟେ କି ଦୁଇଟି ଗୋଷ୍ଠୀକୁ ଜଣେ ଅନ୍ୟଜଣକର ସମ୍ମାନ କରିବା ଉଚିତ୍ । ମୁଁ Diversity ବିଷୟରେ ଲେକ୍‌ଚର୍ ଦେଇଥାଏ ଓ ଅନେକ ଲୋକଙ୍କ ସହିତ ମିଶେ । ମୁଁ ଭାବୁଛି କି ଆପଣଙ୍କ ଖଲିଫା ମୁସଲ୍‌ମାନ୍ ମାନଙ୍କ ନିମନ୍ତେ ଜଣେ ଉଦାହରଣୀୟ ଦୃଷ୍ଟାନ୍ତ । ଖଲିଫା ନିଜ କଥାଗୁଡିକୁ ପବିତ୍ର କୋରାନ୍ ପ୍ରସଙ୍ଗରେ ଉପସ୍ଥାପନ କରୁଥିଲେ । ଏହା ବହୁତ ଉତମ କଥା ଥିଲା । ଖଲିଫା ଜାତିସଂଘର କାନୁନ୍ ବିଷୟରେ ମଧ ଚର୍ଚ୍ଚା କଲେ । ମୋର ବହୁତ ଗୁଡିଏ ସାଙ୍ଗସାଥି ଅଛନ୍ତି ଯେଉଁମାନେ ଇସ୍‌ଲାମ୍‌ଠାରୁ ବହୁତ ଭୟଭୀତ । ଏବେ ମୁଁ ସେମାନଙ୍କୁ ଯାଇ ବତାଇବି କି ଇସ୍‌ଲାମ୍‌ର ବାସ୍ତବିକ ରୂପ କଣ ଓ ଏହା ମଧ କହିବି କେ ଇସ୍‌ଲାମ୍‌ଠାରୁ ଭୟ କରିବାର କୌଣସି ଆବଶ୍ୟକ ନାହିଁ । ମୋତେ ଏହି ଭାଷଣର ୟୁଟ୍ୟୁବ୍ ଲିଙ୍କ୍ ପଠାନ୍ତୁ । ଏଥିରେ ମୁଁ ନିଜ ସମସ୍ତ ସାଙ୍ଗସାଥି ପର୍ଯ୍ୟନ୍ତ ପହଂଚାଇବି ।

ଆଉଜଣେ ଅତିଥି Mr. Stig ସାହେବ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏହା ଏକ ମନମୁଗ୍ଧକାରୀ ଭାଷଣ ଥିଲା । ମୁଁ ପୂର୍ବରୁ କେବେ କାହାକୁ ଇସ୍‌ଲାମ୍ ସମ୍ବନ୍ଧରେ ଏତେ ସୁନ୍ଦର କଥା କହିବାର ଦେଖିନାହିଁ । ଖଲିଫା ସଂସାରର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କଲେ ଓ ଶାନ୍ତି ସ୍ଥାପନ କରିବା ପାଇଁ ଉପଦେଶ ଦେଲେ । ଆଜିର ପିଢ଼ୀ ଓ ଆସନ୍ତା ପିଢ଼ୀ ମାନଙ୍କ ପାଇଁ ଏହି ବାର୍ତା ଏକ ସିଦ୍ଧାନ୍ତ ମୂଳକ ବାର୍ତା ରୂପେ ଅଭିହିତ ହେବ । ଖଲିଫା ବହୁତ ସାହସିକତାର ସହିତ ଶାନ୍ତିର କଥା କହୁଥିଲେ । ମୁଁ ତାଙ୍କର ବହୁତ ସମ୍ମାନ କରୁଛି ।

ଆଉଜଣେ ଅତିଥି Mrs. Sibylla ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଯେଉଁ ବାର୍ତା ଖଲିଫା ଦେଇଛନ୍ତି ତାହା ହେଉଛି ପ୍ରକୃତ ବାର୍ତା ଯାହାକୁ ସମସ୍ତ ଧର୍ମ ପ୍ରାରମ୍ଭରେ ପ୍ରଦାନ କରିଛି ଓ

ପ୍ରତ୍ୟେକ ଧର୍ମର ମୂଳଶିକ୍ଷା ମଧ୍ୟ ତାହା । ଖଲିଫା ସମସ୍ତଙ୍କୁ ଗୋଟିଏ କଥା ପ୍ରତି ଆହ୍ୱାନ୍ ଦେଉଛନ୍ତି । ଖଲିଫାଙ୍କର କଥା ଶୁଣି ମୋତେ ବିଶ୍ୱାସ ହୋଇଯାଇଛି କି ଧର୍ମ ସାଂସାରିକ ସମସ୍ୟାର କାରଣ ନୁହେଁ । ଯଦି ମୁସଲ୍ମାନଙ୍କ ସହିତ ଆମର କିଛି ମତଭେଦ ରହିଛି ତେବେ ତାହା ଧର୍ମ ପାଇଁ ନୁହେଁ । ବରଂ ସଂସ୍କୃତି ଯୋଗୁ । ଖଲିଫାଙ୍କର ବାର୍ତ୍ତା ବହୁତ ସାଦା ଥିଲା କି ଜଣେ ଅନ୍ୟଜଣକ ସହିତ ସମ୍ମାନ କରୁ ଓ ଆପୋଷ ମତଭେଦରୁ ବଂଚିତ ରହୁ । ମୁଁ ଶାନ୍ତି ପାଇଁ ଖଲିଫାଙ୍କର ଚେଷ୍ଟାକୁ ବହୁତ ସମ୍ମାନର ଦୃଷ୍ଟିରେ ଦେଖୁଛି ।

ଆଜି ପୂର୍ବରୁ ମୋତେ ଇସ୍ଲାମ୍ ସମ୍ବନ୍ଧରେ କିଛି ଜ୍ଞାନ ନଥିଲା କିନ୍ତୁ ଏବେ ମୋତେ ବହୁତ କିଛି ଜଣାପଡ଼ିଗଲା ଓ ମୁଁ ଏହା ମଧ୍ୟ ନିଷ୍ପତି କରିସାରିଛି କି ମୁଁ ଏବେଠାରୁ ପବିତ୍ର କୋରାନ୍ ପଢ଼ିବା ପାଇଁ ଚେଷ୍ଟା କରିବି । ଖଲିଫା ମୋତେ ଭବିଷ୍ୟତ ସମ୍ପର୍କରେ ଗୋଟିଏ ନୁଆ ଆଶା ଦେଇଛନ୍ତି ।

ଆଉଜଣେ ଅତିଥ Goram ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଖଲିଫାଙ୍କର ଭାଷଣ ବହୁତ ଚମତ୍କାର ଥିଲା । ଏତେ ସଂଖ୍ୟକ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଏଥିରେ ଯୋଗ ଦେଇଥିବାରୁ ମୁଁ ବହୁତ ଆଶ୍ଚର୍ଯ୍ୟ ଏକଥା ଏହା ପ୍ରମାଣ କରୁଛି କି ସମସ୍ତ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଖଲିଫାଙ୍କ ସହିତ ଓ ଖଲିଫାଙ୍କ ତେହ୍ରିକ୍ ସହିତ ରହିଛନ୍ତି । ଖଲିଫାଙ୍କ ଦର୍ଶନ କରିବା ଓ ଶାନ୍ତିର ବାର୍ତ୍ତାକୁ ଶୁଣିବା ବହୁତ ସୁନ୍ଦର ଅନୁଭବ ଥିଲା । ଖଲିଫାଙ୍କର ବାର୍ତ୍ତା ବର୍ତ୍ତମାନ ସମୟର ଗୁରୁତ୍ୱପୁର୍ଣ୍ଣ ଆବଶ୍ୟକ । ଖଲିଫାଙ୍କ ଦେଖି ଲାଗୁଛି କି ସେ ବହୁତ ଉଦାରଶୀଳ ଓ ଆଧ୍ୟାତ୍ମିକ ବ୍ୟକ୍ତି ଅଟନ୍ତି । ଖଲିଫା ଯାହାକିଛି କହିଲେ ତାହା ସବୁ ପବିତ୍ର କୋରାନ୍ର ଆଲୋକରେ କହିଲେ । ଏହା ପ୍ରମାଣ କରିଛି କି ଯାହା କିଛି ସେ କହୁଛନ୍ତି ତାହା ଇସ୍ଲାମ୍ର ଶିକ୍ଷା ଅଟେ । ପବିତ୍ର କୋରାନ୍ର ଶବ୍ଦଗୁଡିକ ନିଜ ଭିତରେ ବହୁତ ଆକର୍ଷଣ ରଖିଛି ।

ମୁଁ ଏ କଥାରେ ବହୁତ ଆଶ୍ଚର୍ଯ୍ୟ ହେଉଥିଲି କି Refugee Crisis ସମ୍ବନ୍ଧରେ ଖଲିଫା ଏତେ କଥା କହିଲେ କାରଣ ଅଧିକାଂଶ ଧାର୍ମିକ ନେତାମାନେ ଏପରି ବଷୟଠାରୁ ଦୂରରେ ରହିଥାନ୍ତି । ମୁଁ ଏ ବିଷୟରେ ଜାଣିନଥିଲି କି କୌଣସି ଏକ ମହିଳାକୁ ଡାକ୍ତରଖାନାରେ ଉତମ ଚିକିସ୍ଚାରୁ ରୋକାଯାଇଛି । ତେଣୁ ଏକଥା ପ୍ରମାଣ କରୁଛି କି ଖଲିଫାଙ୍କର ଜ୍ଞାନ ବହୁତ ବ୍ୟାପକ ଓ ଖଲିଫା ଆମର କେତେ ଧ୍ୟାନ ରଖୁଛନ୍ତି ।

ଖଲିଫା ଏହା ମଧ୍ୟ ବତାଇଲେ କି ଯଦି ମୁହାଜିର୍ମାନେ ନିଜ କର୍ତବ୍ୟକୁ ସଠିକ୍ ଭାବେ ନ ତୁଲାଇବେ ତେବେ ଏହାର ଫଳ ବହୁତ ଖରାପ ବାହାରିବ । ଖଲିଫା ଦୁନିଆରେ ବିଭେଦକୁ ରୋକିବାକୁ ଚାହୁଁଛନ୍ତି ଯାହା ଏକ ପ୍ରଶଂସନୀୟ କଥା ଅଟେ । ସେ ଆମକୁ ଗୋଟିଏ କଥା ସୂଚାଇ ଦେଇଛନ୍ତି କି ଯଦି ଆମେ ଚାରିଆଡୁ ଶାନ୍ତି ସ୍ଥାପନ ପାଇଁ ଚେଷ୍ଟା କରିବାର ଦାୟିତ୍ୱକୁ ସମ୍ପୂର୍ଣ୍ଣ ନ କରିବା ତେବେ ଏକ ପ୍ରକାର Chain Reaction ଆରମ୍ଭ ହୋଇପାରେ ।

ମୁଁ ଏହା ମଧ୍ୟ କହିବାକୁ ଚାହୁଁଛି କି ଆପଣଙ୍କ ଧର୍ମଗୁରୁ ଜଣେ ବହୁତ ଭଲ ବକ୍ତା ଅଟନ୍ତି । ସେ ଏପରି ଶୈଳୀରେ କହିଲେ ଯାହା ମୋତେ ଦୋହଲାଇ ଦେଲା । ଆପଣମାନେ ତାଙ୍କୁ Your Holiness କହୁଛନ୍ତି କିନ୍ତୁ ମୁଁ ତାଙ୍କୁ Your Highness କହିବାକୁ ଚାହୁଁଛି ।

ଆଉଜଣେ ଅତିଥି Gunnar Hendrikson ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏହା ବହୁତ ବଢ଼ିଆ ପ୍ରୋଗ୍ରାମ୍ ଥିଲା ଓ ଖଲିଫାଙ୍କର Refugee Crisis ଉପରେ ବିଶ୍ଳେଷଣ କରିବା ବହୁତ ଭଲ ଥିଲା । ଖଲିଫା ଅତ୍ୟନ୍ତ ବୁଦ୍ଧିମତାର କଥା କରୁଛନ୍ତି ଓ ନିଜ ବୟାନ୍କୁ ସତ୍ୟ ଉପରେ ଆଧାରିତ ରଖିଛନ୍ତି । ମୋର ଆନ୍ତରିକ ଇଛା କି ଆପଣଙ୍କ ଖଲିଫାଙ୍କ ପରି ଧର୍ମଗୁରୁ ଯଦି ସମସ୍ତ ମୁସଲ୍ମାନ୍ମାନଙ୍କ ନିକଟରେ ଥାଆନ୍ତେ, ଯେଉଁମାନେ ଶାନ୍ତି ଓ ସତ୍ୟତା ଆଡକୁ ଆହ୍ୱାନ ଦେଇଥାଆନ୍ତେ । କେବଳ ଗୋଟିଏ ପ୍ରଶ୍ନ ଅଛି କି ଆପଣମାନଙ୍କର ମହିଳାମାନେ କେଉଁଠାରେ ଅଛନ୍ତି ?

ଆଉଜଣେ ପୋଲିସ୍ କର୍ମୀ Aaron ମଧ୍ୟ ଏହି ପ୍ରୋଗ୍ରାମ୍ରେ ସାମିଲ୍ ଥିଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ:- ଖଲିଫାଙ୍କର ଭାଷଣ ବହୁତ ପ୍ରଭାବଶାଳୀ ଥିଲା । ଖଲିଫା ସଠିକ୍ କଥା କହିଛନ୍ତି କି ଆମେ ଏଠାରେ ସ୍ୱିଡେନ୍ରେ ମଧ୍ୟ ପ୍ରଭାବିତ ହୋଇଛୁ ଓ ବିପଦରୁ ବାହାରି ନାହୁଁ । ଏହି ଉତ୍ସବଟି ସମସ୍ତ ଉତ୍ସବ ଗୁଡିକ ଠାରୁ ଅଧିକ ଶାନ୍ତିପ୍ରିୟ ଥିଲା । ଯେଉଁ ସବୁ ଉତ୍ସବ ଗୁଡିକରେ ମୁଁ ଯୋଗ ଦେଇଛି । ଇସ୍ଲାମିକ୍ ନେତାଙ୍କ ଶାନ୍ତି ବାର୍ତ୍ତାକୁ ଶୁଣିବା ପାଇଁ ସମସ୍ତ ବିଭାଗ ସହିତ ସମ୍ପର୍କ ରଖିଥିବା ଲୋକେ ଏକତ୍ରିତ ହୋଇଥିଲେ । ଏଠାକୁ ଆସିବା ଏକ ସମ୍ମାନର ବିଷୟ ଥିଲା । କାରଣ ସେ ନିଶ୍ଚିତ ରୂପେ ଜଣେ ମହାନ ନେତା ଅଟନ୍ତି ।

ଖଲିଫା ଏହା କହିଥିଲେ କି ଆମେ ଆପୋଷ ମତଭେଦକୁ ଭୁଲି ସର୍ବସମ୍ମତି ହୋଇଥିବା ବିଷୟ ଗୁଡିକ ଉପରେ ଚିନ୍ତା କରିବା ଉଚିତ୍ । Refugee Crisis ବହୁତ ବଡ଼ ଗୁରୁତ୍ୱପୁର୍ଣ୍ଣ ସମସ୍ୟା ଅଟେ ଓ ଖଲିଫା ଆମକୁ ଏହା ବତାଇଛନ୍ତି କି ଏହି ସମସ୍ୟାକୁ ନିଜ ନିଜ ଭିତରେ ସମ୍ମାନ ପ୍ରତିଷ୍ଠା କରିବା ଦ୍ୱାରା କରାଯାଇପାରିବ । ନିଶ୍ଚିତ ରୂପେ ମୁଁ ଆଜି ଇସ୍ଲାମ୍ ସମ୍ବନ୍ଧରେ ବହୁତ କିଛି ଶିଖିପାରିଛି ।

ଆଉଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Mr. Valter ନିଜ ଭାବନାକୁ ବ୍ୟକ୍ତ କରି କହିଲେ Refugee Crisis ଉପରେ ଖଲିଫାଙ୍କର ବିଶ୍ଳେଷଣ ବହୁତ ଭଲ ଲାଗିଲା । ଏହା ବର୍ତ୍ତମାନ ସମୟର ବିଷୟ ଅଟେ ଏବଂ ଏହା ବହୁତ ଭଲ ହେଲା କି ଆମକୁ ଖଲିଫାଙ୍କର ମନୋଭାବ ବିଷୟରେ ଜଣାପଡ଼ିଗଲା । ଖଲିଫା କହିଲେ କି ଦୁଇପଟର ଦାୟିତ୍ୱ ରହିଛି । ଗୋଟିଏ ପଟେ ସରକାର ଓ ଅନ୍ୟପଟେ ଜାତିସଂଘ । ଏହି ଦୁହିଁଙ୍କର ଦାୟିତ୍ୱ ରହିଛି କି ସେ ନିଜର ବଡ଼ ବଡ଼ ପ୍ରତିଶୃତି ଓ Mandates କୁ ପୂରଣ କରନ୍ତୁ । ଖଲିଫା ଯେଉଁଠିକୁ ମଧ୍ୟ ଯାଉଛନ୍ତି ଶାନ୍ତି ପ୍ରସାର କରୁଛନ୍ତି ।

ଆଉଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Mr. Beng ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏହା ଆମପାଇଁ ବହୁତ ଗର୍ବର ବିଷୟ କି ଦୁନିଆର ଜଣେ ମହାନ ନେତା ସ୍ୱିଡେନ୍ ଆସିଛନ୍ତି ।

ସେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଭାଷଣ ପ୍ରସଙ୍ଗରେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ତାହା ଏକ ମହାନ ବ୍ୟକ୍ତିଙ୍କ ମହାନ ଅଭିଭାଷଣ ଥିଲା । ଖଲିଫାଙ୍କର ବାର୍ତ୍ତା କେବଳ ସ୍ୱିଡେନ୍ ପାଇଁ ନୁହେଁ ବରଂ ସମ୍ପୂର୍ଣ୍ଣ ୟୁରୋପ ଓ ସମଗ୍ର ଦୁନିଆ ପାଇଁ ଥିଲା କି ସମସ୍ତ ଆନ୍ତର୍ଜାତିୟ ନେତାମାନଙ୍କୁ ଆବଶ୍ୟକ ରହିଛି କି ସେମାନେ ଶାନ୍ତିପାଇଁ ଚେଷ୍ଟା କରନ୍ତୁ ଓ ନିଜ ଜାତିକୁ ପ୍ରେମ ପ୍ରଦାନ କରନ୍ତୁ । ଖଲିଫା ମୁହାଜିର୍ମାନଙ୍କୁ ମଧ୍ୟ ଧ୍ୟାନ ଆକର୍ଷଣ କରାଇଛନ୍ତି କି ସେମାନେ ସ୍ଥାନୀୟ ସମାଜରେ ଇଂଟିଗ୍ରେଟ୍ କରନ୍ତୁ । ନିଶ୍ଚିତ ରୂପେ ଖଲିଫା ମୋତେ ଓ ମୋ ପାର୍ଲିଆମେଂଟ୍ର ସାଥିମାନଙ୍କୁ ବହୁତ କିଛି ଚିନ୍ତା କରିବା ପାଇଁ ଦେଲେ ।

ଆଉଜଣେ ପୋଲିସ୍ କର୍ମୀ Jorgen Karlsson ନିଜର ଭାବନାକୁ ବ୍ୟକ୍ତ କରି କହିଲେ ପ୍ରୋଗ୍ରାମ୍ ଅନୁଷ୍ଠିତ ହେବା ପୂର୍ବରୁ ମୁଁ ସୁରକ୍ଷା ବିଷୟରେ ବହୁତ ଚିନ୍ତିତ ଥିଲି । କିନ୍ତୁ ଏଠାକୁ ଆସି ଦେଖିବାକୁ ପାଇଲି କି ଏଠାରେ ବହୁତ ସୁନ୍ଦର ବ୍ୟବସ୍ଥା କରାଯାଇଛି ।

ପୁଣି ସେ କହିଲେ:- ଖଲିଫାଙ୍କର ଏହି ପ୍ରୋଗ୍ରାମ୍ରେ ସାମିଲ୍ ହୋଇଥିବାରୁ ମୋ ପାଇଁ ଏହା ସମ୍ମାନର ବିଷୟ । ଏହିପରି ଜଟିଳ ଓ ସଙ୍ଗିନ ଯୁଗଦେଇ ଆମେ ଚାଲିଛେ, ଏ ପ୍ରସଙ୍ଗରେ ଖଲିଫାଙ୍କର ବାର୍ତ୍ତା ବହୁତ ଗୁରୁତ୍ୱପୁର୍ଣ୍ଣ ଲାଗୁଥିଲା । ଏହା ବହୁତ ଜରୁରୀ ଅଟେ କି ଖଲିଫାଙ୍କ ପରି ବ୍ୟକ୍ତିତ୍ୱ ଆମ ଗହଣରେ ବିଦ୍ୟମାନ ଅଛନ୍ତି, ଯିଏ ଆମ ଭିତରେ ମାନବ ଜାତି ସହିତ ସହାନୁଭୂତି ଦେଖାଇବାର ଗୁରୁତ୍ୱପୁର୍ଣ୍ଣ ଭାବନାକୁ ଜାଗ୍ରତ କରିଛନ୍ତି ।

ଆଉଜଣେ ଅତିଥି ନିଜର ମନୋଭାବ ବ୍ୟକ୍ତ କରି କହିଲେ ଖଲିଫାଙ୍କ ଅଭିଭାଷଣ ବହୁତ ସାରଗର୍ଭିକ ଥିଲା । ମନ ଚାହୁଁଥିଲା କି ଏ ଭାଷଣ ଶେଷ ନହୁଅନ୍ତା କି ।

ସେହିଭଳି ଆଉଜଣେ ସ୍ୱିଡିସ୍ ମହିଳା ମିସ୍ ଅନ୍ନା ସାହିବା ଯେ ଏହି ପ୍ରୋଗ୍ରାମ୍ରେ ସାମିଲ୍ ଥିଲେ, ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ବହୁତ ଲୋକେ ସତ କହୁଥିବାର ଦାବି କରୁଛନ୍ତି । କିନ୍ତୁ ଆପଣଙ୍କୁ ପ୍ରକୃତ କଥା ସେତେବେଳେ ଜଣାପଡୁଥାଏ ଯେବେ ଆପଣ ସେମାନଙ୍କ କଥା ଶୁଣିଥାନ୍ତି । ଆଜି ସନ୍ଧ୍ୟାରେ ମୋତେ ସତ୍ୟ ହିଁ ଶୁଣିବାକୁ ମିଳିଲା ।

ଆଉଜଣେ ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଶାନ୍ତି ସ୍ଥାପନ କରିବା ବିଷୟରେ ଶୁଣି ବହୁତ ଭଲ ଲାଗିଲା ଓ ବିଶେଷ ରୂପେ ଜଣେ ମୁସଲ୍ମାନ୍ ଧର୍ମଗୁରୁଙ୍କ ତରଫରୁ ଶାନ୍ତିର ବାର୍ତ୍ତା ଶୁଣିବାକୁ ଭଲ ଲାଗିଲା । ମୋର ଆନ୍ତରିକ ଇଛା କି ସବୁ ମୁସଲ୍ମାନ୍ଙ୍କର ଚିନ୍ତାଧାରା ଅହେମଦୀମାନଙ୍କ ଭଳି ହୋଇଯାଉ । ମୋର ଆଶା କି ଏହିପରି ମଧ୍ୟ ପ୍ରାଚ୍ୟ ଓ ବାକି ଦୁନିଆର ଅନ୍ୟସ୍ଥାନ ମାନଙ୍କରେ ମଧ୍ୟ ଶାନ୍ତି ସ୍ଥାପନ ହୋଇଯିବ ।

ଏହି ଉତ୍ସବରେ ସାମିଲ୍ ହୋଇଥିବା ଆଉଜଣେ ସ୍ୱିଡିଶ୍ ଅତିଥି ନିଜର ମନୋଭବ ବ୍ୟକ୍ତ କରି କହିଲେ ମୋ ମତରେ ଖଲିଫା ନିଜ ଭାଷଣକୁ ବହୁତ ଭାବିଚିନ୍ତି ଏବଂ ପୁର୍ଣ୍ଣ ପ୍ରସ୍ତୁତି କରି ଲେଖିଥିଲେ । କାରଣ ତାଙ୍କୁ ସ୍ୱିଡେନ୍ର ଭିତିରି କଥାଗୁଡିକ ମଧ୍ୟ ଭଲଭାବେ ଜଣାଥିଲା । ଏଠି ସ୍ୱିଡେନ୍ରେ ଅବସ୍ଥିତ ଶରଣାର୍ଥୀମାନଙ୍କର ସମସ୍ୟା ବିଷୟରେ ତାଙ୍କର ଭାବନା ବିଲ୍କୁଲ୍ ଅଲଗା ଥିଲା । ଖଲିଫା କହିଲେ କି ଏହି ଶରଣାର୍ଥୀ ମାନଙ୍କର ମଧ୍ୟ କିଛି ଦାୟିତ୍ୱ ରହିଛି ଓ ଏହା ଏପରି କଥା ଥିଲା ଯାହାକୁ ସ୍ୱିଡିଶ୍ ରାଜନେତାମାନେ କେବେ କହୁନାହାଁନ୍ତି ।

ଏହି ଉତ୍ସବରେ ସାମିଲ୍ ହୋଇଥିବା ଆଉଜଣେ ଅତିଥିଙ୍କ ମନୋଭାବ ହେଉଛି ଏପରି:- ଏହି ଉତ୍ସବଟି ମୋ ପାଇଁ ବହୁତ ଆତ୍ମସନ୍ତୋଷ ପ୍ରମାଣିତ ହୋଇଛି । ଆପଣମାନଙ୍କର ଧର୍ମ ଅର୍ଥାତ୍ ଇସ୍ଲାମ୍ ବିଷୟରେ ମୋର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ରୂପେ ଅଲଗା ଥିଲା । ମୋ ମତରେ ଯଦି ଲୋକମାନେ ଖଲିଫାଙ୍କର କଥାକୁ ଶୁଣିବେ ତେବେ ଏ ଦୁନିଆର ଅବସ୍ଥା ପରିବର୍ତ୍ତନ ହୋଇଯିବ ।

ଆଉଜଣେ ସ୍ୱିଡିଶ୍ ଅତିଥି ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଆଜିର ଏହି ଉତ୍ସବ ସମସ୍ତ ଲୋକମାନଙ୍କୁ ଏକାଠି କରିଦେଇଥିଲା ଓ ଆଜି ମୁଁ ଏଠାରୁ ବହୁତ କିଛି ଶିଖିବାକୁ ପାଇଲି । ଖଲିଫାଙ୍କର ଅଭିଭାଷଣ ବହୁତ ପ୍ରଭାବକାରୀ ଥିଲା । ବରଂ ଏହି ବିଷୟରେ ଏହା ମୁଁ କହିବାକୁ ଚାହିଁବି କି ଖଲିଫାଙ୍କ ଅଭିଭାଷଣରୁ ଆମକୁ ଆଶାର କିରଣ ଦୃଷ୍ଟିଗୋଚର ହୋଇଛି । ଖଲିଫା ଆମପାଖକୁ ଆସି ଏଠି ସ୍ୱିଡେନ୍ର ସମସ୍ୟା ଗୁଡିକ ସମାଧାନ କରିବା ବିଷୟରେ ଯେଉଁ ସବୁ ମାର୍ଗଦର୍ଶନ କରାଇଲେ ସେଥିଯୋଗୁଁ ମୁଁ ବହୁତ କୃତଜ୍ଞ । ମୋତେ ବହୁତ ଖୁସି ଲାଗୁଛି କି ଖଲିଫା ନା କେବଳ ବିପଦର ଘଂଟିକୁ ବଜାଇଲେ ବରଂ ଆମକୁ ସତର୍କ ରହିବା ପାଇଁ ମଧ୍ୟ କହି ଆମର ଆଖି ଖୋଲିଦେଲେ । ଏଥିରେ କୌଣସି ସନ୍ଦେହ ନାହିଁ କି ଏହା ଏକ ଜବର୍ଦସ୍ତ ଭାଷଣ ଥିଲା ।

ଏହି ଉତ୍ସବରେ ସାମିଲ୍ ହୋଇଥିବା ଆଉଜଣେ ସ୍ୱିଡିଶ୍ ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ଏହା ବହୁତ ଆତ୍ମଗର୍ଭିକ ଅନୁଭବ ଥିଲା । ଯେବେ ମୋତେ ମାଲ୍ମୋ ମସ୍ଜିଦ୍ର ଉଦ୍ଘାଟନୀ ସମୟରେ ନିମନ୍ତ୍ରଣ ପତ୍ର ମିଳିଲା ସେଥିରେ ମୁଁ ବହୁତ ପ୍ରଭାବିତ ହେଲି କି ମୁସଲ୍ମାନ୍ ମାନେ ଆଜି ମୋତେ ନିମନ୍ତ୍ରଣ ଦେଇଛନ୍ତି । କିନ୍ତୁ ଖଲିଫାଙ୍କର ଭାଷଣକୁ ଶୁଣି ମୁଁ ଆଉ ଦୁଇଗୁଣା ଅଧିକା ପ୍ରଭାବିତ ହେଲି । କାରଣ ଖଲିଫା ବହୁତ ଜ୍ଞାନବର୍ଦ୍ଧକ, ପ୍ରେମ, ଭଲପାଇବା ଓ ଶାନ୍ତିର କଥା କହିଲେ ।

ଆଉଜଣେ ସ୍ୱିଡିଶ୍ ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ ବିଭିନ୍ନ ପ୍ରକାରର ଲୋକମାନଙ୍କୁ ଗୋଟିଏ ଯାଗାରେ ଏକତ୍ରିତ କରିବା ବହୁତ ବଡ଼ ଉଦ୍ଦେଶ୍ୟ କାରଣ ଅନେକ କୁଶକ୍ତି ଲୋକମାନଙ୍କୁ ଅଲଗା କରିବା ପାଇଁ ଓ ଲୋକମାନଙ୍କ ଭିତରେ ବିଭ୍ରାଟ ସୃଷ୍ଟି କରିବା ପାଇଁ ଚେଷ୍ଟାରେ ଲାଗିଛନ୍ତି । ମୋ ମତରେ ଆପଣମାନେ ସଫଳ ହୋଇଗଲେ । କାରଣ ଖଲିଫାଙ୍କର ଭାଷଣ ଶୁଣି ଆମ ଆଖି ଖୋଲିଗଲା ଓ ଆମେ ବହୁତ ନୁଆ ନୁଆ କଥା ଏଠାରେ ଶିଖିବାକୁ ପାଇଲୁ । ଏବେ ଆମେ ଘୃଣା ଭାବକୁ ଦୂର କରିବୁ କାରଣ ଆଜିକାଲ ଇସ୍ଲାମ୍ ବିଷୟରେ ମାତ୍ରାଧିକ ଘୃଣାଭାବ ମିଳୁଛି ଓ ବହୁତ ଲୋକଙ୍କ ଜ୍ଞାନରେ ଏହା ନାହିଁ କି ଜମାତ୍ ଅହେମଦୀୟା ମୁସ୍ଲିମା କେଉଁ ସବୁ ଅଧିକାର ଓ ସମ୍ମାନ ଗୁଡିକର ପ୍ରତିନିଧିତ୍ୱ କରୁଅଛି । ତେଣୁ ଜମାତ୍ ଅହେମଦୀୟା ସହିତ ମିଶି ହିଁ ଆପଣମାନଙ୍କୁ ଏକଥା ଜଣାପଡୁଛି କି ଜମାତ୍ ଅହେମଦୀୟା ଶାନ୍ତି, ଭାଇଚାରାର ବାର୍ତ୍ତକୁ ସାରା ସଂସାରରେ ପ୍ରସାର କରିପାରିବ ।

ଆଉଜଣେ ସ୍ୱିଡିଶ୍ ଅତିଥି ନିଜର ମନୋଭାବ ବ୍ୟକ୍ତ କରି କହିଲେ ମୁଁ ଏହି ଉତ୍ସବରେ ସାମିଲ୍ ହୋଇ ଓ ଖଲିଫାଙ୍କର ଭାଷଣକୁ ଶୁଣି ବହୁତ ଖୁସି ହେଲି । ଖଲିଫା ଏପରି ବିଷୟ ଉପରେ ଚର୍ଚ୍ଚା

କଲେ ଯାହା ଉପରେ ଅନ୍ୟ ଧର୍ମଗୁରୁମାନେ କଥା କହିବା ପାଇଁ ଭୟ କରିଥାନ୍ତି । ସେ ଏ କଥା ଖୋଲିକି ବତାଇଲେ କି ଯେଉଁ ଲୋକମାନେ ସ୍ୱିଡେନ୍‌ରେ ଆସି ଶରଣ ନେଇଛନ୍ତି ତାଙ୍କଠାରୁ ଲୋକମାନେ କି ପ୍ରକାର ଆଶା ରଖୁଛନ୍ତି । ସେହିପରି ସ୍ୱିଡିଶ୍ ଲୋକମାନଙ୍କର କଣ ସବୁ ଦାୟିତ୍ୱ ରହିଛି ଓ ସେମାନଙ୍କୁ ଉକ୍ତ ଶରଣାର୍ଥୀମାନଙ୍କ ସହିତ କିପରି ବ୍ୟବହାର କରିବା ଉଚିତ୍ ? ଏହା ବହୁତ ସୁନ୍ଦର ଭାଷଣ ଥିଲା । ଯେଉଁଥିରେ ଦୁଇତରଫା ଦାୟିତ୍ୱବୋଧକୁ ବତାଯାଇଛି କି କିପରି ଶରଣାର୍ଥୀମାନଙ୍କୁ, ଲୋକମାନଙ୍କୁ ଓ ସରକାରକୁ କାମ କରିବା ଉଚିତ୍ । ଫଳତଃ ଏକ ସୁଦୃଢ଼ ଓ ଶାନ୍ତିପୂର୍ଣ୍ଣ ସମାଜ ଅସ୍ତିତ୍ୱରେ ଆସିପାରିବ ।

ଏହି ଉତ୍ସବରେ ସାମିଲ୍ ହୋଇଥିବା ଆଉଜଣେ ସ୍ୱିଡିଶ୍ ଅତିଥି ନିଜର ମନର କଥାକୁ ପ୍ରକାଶ କରି କହିଲେ:- ଜଣେ ଆଧ୍ୟାତ୍ମିକ ଗୁରୁଙ୍କ ଠାରୁ ଏହି ସବୁ କଥା ଶୁଣି ବହୁତ ଭଲ ଲାଗିଲା ଯାହା ମୋ ବୁଦ୍ଧି ଓ ମନର କଥା ଥିଲା । ଖଲିଫତୁଲ୍ ମସିହଙ୍କ ଭାଷଣ ଶୁଣିବା ପରେ ମୋ ଭିତରେ ଏକ ନୂଆ ଶକ୍ତି ଓ ଉତ୍ସାହ ଉତ୍ପନ୍ନ ହୋଇଛି । ଆମେ ସେହି ସବୁ ସଙ୍କଟଗୁଡ଼ିକୁ ଶେଷ କରିବାକୁ ହେବ । ଯାହା ଆୟତରେ ଏ ସଂସାର ବର୍ତ୍ତମାନ ଫସିଯାଇଛି । ଯଦି ଆମେ 'ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ' ର ବାର୍ତ୍ତାକୁ ଆପଣେଇବା ତେବେ ଯୁଦ୍ଧ ଓ ଘୃଣା ଦ୍ୱାରା ସୃଷ୍ଟି ହୋଇଥିବା ଶରଣାର୍ଥୀମାନଙ୍କର ସଙ୍କଟ ଉପରେ ଆମେ କାବୁ ପାଇପାରିବା । (ବହୱାଲା, ଅଖ୍‌ବାର୍ ବଦର, ୧୪ ଜୁଲାଇ ୨୦୧୬)

**୧୮ ମଇ ୨୦୧୬ (ବୁଧବାର)**

ପ୍ରତ୍ୟୁଷ ୩ଟାରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆପାର୍ଟମେଂଟ୍‌କୁ ଚାଲିଗଲେ ।

**ଅତିଥିଙ୍କ ସହିତ ସାକ୍ଷାତ୍‌କାର୍**

ଆଜି ପ୍ରୋଗ୍ରାମ୍ ମୁତାବକ ୟୁନିଭରସିଟିର କିଛି ପ୍ରଫେସର ସାହେବ ଓ ଆଉ କିଛି ଅତିଥିମାନଙ୍କ ସହିତ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସାକ୍ଷାତ୍‌କାର ରଖାଯାଇଥିଲା । ନିମ୍ନଲିଖିତ ପ୍ରଫେସର୍‌ମାନେ ଓ ଅନ୍ୟ ଅତିଥିଗଣ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସିଥିଲେ ଓ ମିଟିଂ ରୁମ୍‌ରେ ହଜୁର୍ ଅନୁଓ୍ୱର୍‌ଙ୍କ ଆଗମନର ଅପେକ୍ଷାରେ ଥିଲେ ।

Prof. Mr. Simon Sorgenfrei
Mr. Frederic Brusi
(Asst. Lect. Stolkholm University)
Mr. Jenny Berglund
(Associate Prof.)
Prof. David Thurjell
Lect. Ferdinando Sardeua
Mr. Lizzie Oved Scheja
(ଯିଏ ହେଉଛନ୍ତି ସ୍ୱିଡେନ୍‌ର ଜିଉ କଲଚର୍‌ର ପ୍ରତିଷ୍ଠାତା ଓ ଡିରେକ୍ଟର୍)
Mr. ULF Lindgren
(ଚର୍ଚ୍ଚର ପ୍ରତିନିଧି)
Mr. Torbjorn Persson
(ରୋଟାରୀ କ୍ଲବ୍ ARLANDA ର ସଭାପତି)
Mr. Maynard Gerber
(Cantor, Judiska, Forsamalingen)

ଉପରୋକ୍ତ ଅତିଥିମାନଙ୍କ ବ୍ୟତିତ ପ୍ରୋଗ୍ରାମ୍ ଚାଲିଥିବା ସମୟରେ ଭାରତ ଓ ଇସ୍ରାଇଲ୍‌ର ରାଜଦୂତ ମଧ୍ୟ ପହଂଚି ପ୍ରୋଗ୍ରାମ୍‌ରେ ସାମିଲ୍ ହେଲେ ।

•ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରୋଗ୍ରାମ୍ ମୁତାବକ ଠିକ୍ ୧୦ଟା ସମୟରେ ପଦାର୍ପଣ ହେଲେ ।

•ସାକ୍ଷାତ୍‌କାର୍‌ର ଆରମ୍ଭରେ ସେଠାରେ ଉପସ୍ଥିତ ଥିବା ପ୍ରଫେସର୍‌ମାନେ ନିଜର ପରିଚୟ ପ୍ରଦାନ କଲେ । ସର୍ବପ୍ରଥମେ ସ୍ୱିଡେନ୍ ଦେଶ ସହିତ ସମ୍ପର୍କ ରଖିଥିବା ଜଣେ ପ୍ରଫେସର୍ ନିଜର ପରିଚୟ ପ୍ରଦାନ କରି ବତାଇଲେ କି ସେ ମଧ୍ୟପ୍ରାଚ୍ୟ ଦେଶରେ ବହୁ ଲମ୍ବା ସମୟ ବିତାଇଛନ୍ତି ।

•ଏହାପରେ ଜଣେ ମହିଳା ପ୍ରଫେସର ନିଜର ପରିଚୟ ଦେଇ କହିଲେ ତାଙ୍କର ସମ୍ପର୍କ ତେଲଆବିବ୍ (ଇସ୍ରାଇଲ) ଦେଶ ସହିତ ସମ୍ପର୍କ ଅଛି । କିନ୍ତୁ ସେ ବିଗତ ୨୦ ବର୍ଷ ହେବ ସ୍ୱିଡେନ୍‌ରେ ରହୁଛନ୍ତି ।

•ଏହାପରେ ଆଉଜଣେ ପ୍ରଫେସର୍ ଡକ୍ଟର୍ ନିଜର ପରିଚୟ ପ୍ରଦାନ କରି ବତାଇଲେ କି ମୁଁ ବର୍ତ୍ତମାନ ୟୁହୁଦି କମ୍ୟୁନିଟି ପାଇଁ କାର୍ଯ୍ୟ କରୁଅଛି । ମୁଁ ଖତ୍‌ନା ମଧ୍ୟ କରୁଛି କିନ୍ତୁ ଯେଉଁ ଲୋକମାନେ ମୋ ପାଖକୁ ସବୁଠାରୁ ଅଧିକା ଆସୁଛନ୍ତି ସେମାନେ ହେଉଛନ୍ତି ମୁସଲ୍‌ମାନ୍ । ସେଥିଯୋଗୁ ମୁଁ ମୁସଲ୍‌ମାନ୍ ମାନଙ୍କୁ ବହୁତ ନିକଟରୁ ଜାଣିଛି ।

•ଏହାପରେ ଆଉଜଣେ ଆସୋସିଏଟ୍ ମହିଳା ପ୍ରଫେସର୍ ନିଜର ପରିଚୟ କରାଇ ବତାଇଲେ କି ମୁଁ ଏଠି ସ୍ୱିଡେନ୍‌ରେ ଗୋଟିଏ ୟୁନିଭରସିଟିରେ ଧର୍ମ ବିଷୟରେ ପଢ଼ାଉଛି । ସେହିପରି ଇଂଲଣ୍ଡର ୱାର୍ ୱିକ୍ ୟୁନିଭରସିଟିରେ ମୁଁ ଭିଜିଟିଂ ପ୍ରଫେସର୍ ମଧ୍ୟ ଅଛି । ଏତଦ୍‌ବ୍ୟତୀତ ମୁଁ Islamic Education ଉପରେ ମଧ୍ୟ ରିସର୍ଚ୍ଚ କରୁଅଛି । ଏହାପରେ ଆଉଜଣେ ପ୍ରଫେସର୍ ନିଜର ପରିଚୟ ପ୍ରଦାନ କରି କହିଲେ କି ତାଙ୍କର ସବ୍‌ଜେକ୍ଟ୍ ହେଉଛି ଇରାନ୍‌ର ଇତିହାସ ଓ ସିଆଇଜିମ୍ ।

•ୟୁନିଭରସିଟି ଅଫ୍ ଷ୍ଟକ୍‌ହୋମ୍‌ର ପ୍ରଫେସର୍ ନିଜର ପରିଚୟ ପ୍ରଦାନ କରି ବତାଇଲେ କି ସେ ଧର୍ମ ଇତିହାସ ପଢ଼ାଉଛନ୍ତି । ସେ ଇସ୍‌ଲାମ୍ ଏବଂ ମଧ୍ୟ ପ୍ରାଚ୍ୟର ଷ୍ଟଡିଜରେ ସ୍ପେସିଆଲାଇଜେସନ୍ କରିଛନ୍ତି ।

•ୟୁନିଭରସିଟି ଓ ଷ୍ଟକ୍‌ହୋମ୍‌ର ଆଉଜଣେ ପ୍ରଫେସର୍ ନିଜର ପରିଚୟ ଦେଇ ବତାଇଲେ କି ସେ ମଧ୍ୟ ଧର୍ମ ସମ୍ବନ୍ଧୀୟ ଇତିହାସ ପଢ଼ାଉଛନ୍ତି ଓ ସେ ସାଉଥ୍ ଏସିଆନ୍ ରିଲିଜିଅନ୍‌ସ୍ ଉପରେ ସ୍ପେସିଆଲାଇଜେସନ୍ କରିଛନ୍ତି ।

•ଏହି ସଂକ୍ଷିପ୍ତ ପରିଚୟ ପ୍ରଦାନ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ତାଙ୍କୁ ପଚାରିଲେ କି ଏହାର ଅର୍ଥ ହେଉଛି ଆଜି ଏଠାରେ ସବୁ ପ୍ରଫେସର୍‌ମାନେ ଉପସ୍ଥିତ ଅଛନ୍ତି । ଏଥିରେ ଜଣେ ଅତିଥି ବତାଇଲେ କି ତାଙ୍କ ବ୍ୟତୀତ ଅନ୍ୟ ସମସ୍ତେ ପ୍ରଫେସର୍ ଅଛନ୍ତି ଓ ସେ ସ୍ୱିଡେନ୍‌ର ଗୋଟିଏ ଚର୍ଚ୍ଚରେ ପାଦ୍ରୀ ଅଛନ୍ତି । ପୁଣି ସେ ଏକଥା ମଧ୍ୟ କହିଲେ କି ସେ ତିନିବର୍ଷ ମିଶର୍‌ରେ ରହି ଆସିଛନ୍ତି ।

•ଏତଦ୍‌ବ୍ୟତୀତ ସେହି ମିଟିଂରେ ସ୍ୱିଡେନ୍‌ରେ ନିୟୋଜିତ ହୋଇଥିବା ଭାରତ ଓ ଇସ୍ରାଇଲ୍‌ର ରାଜଦୂତ୍ ମଧ୍ୟ ସାମିଲ୍ ହୋଇଥିଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ପଚାରିଲେ କି ସ୍ୱିଡେନ୍‌ରେ ଜୀବନର ଅବସ୍ଥା କିପରି ଅଛି ? ଏଥିରେ ଜଣେ ମହିଳା ପ୍ରଫେସର୍ ଉତର ଦେଇ କହିଲେ:-

•ମୋ ମତରେ ଯଦି ସାଧାରଣ ରୂପେ ଦେଖାଯାଏ ତେବେ ବର୍ତ୍ତମାନ ସମୟରେ ଯେଉଁଭଳି କିଛି ପରିବର୍ତ୍ତନ ଆସିଛି ତାର ପ୍ରଭାବ ବାକି ୟୁରୋପ୍ ଦେଶଗୁଡ଼ିକପରି ସ୍ୱିଡେନ୍‌ରେ ମଧ୍ୟ ପଡୁଅଛି । ଯଦି ନିଜସ୍ୱ ଦୃଷ୍ଟିକୋଣରୁ ଦେଖାଯାଏ ତେବେ ଯଦି ଆପଣ ଠିକ୍ ରାସ୍ତାରେ ଅଛନ୍ତି ତେବେ ସ୍ୱିଡେନ୍‌ରେ ଜୀବନ ବିତାଇବା ବହୁତ ସହଜ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ଜଣେ ପ୍ରଫେସର୍ ବତାଇଲେ କି ସ୍ୱିଡେନ୍‌ରେ ୟୁହୁଦୀଙ୍କର ମୋଟ ଲୋକସଂଖ୍ୟା ପାଖାପାଖି ୨୦ ହଜାର୍ ଓ ସେମାନଙ୍କ ମଧ୍ୟରୁ ଅଧା Greater Stockholm ରେ ବସବାସ କରୁଛନ୍ତି । ଏତଦ୍‌ବ୍ୟତୀତ ୟୁହୁଦୀଙ୍କ କମ୍ୟୁନିଟି ଗୋଥନ୍‌ବର୍ଗ୍ ଏବଂ ମାଲ୍‌ମୋ ସହରରେ ମଧ୍ୟ ଅଛନ୍ତି । କିନ୍ତୁ ସବୁଠାରୁ ଅଧିକା ୟୁହୁଦୀ ଷ୍ଟକ୍‌ହୋମ୍‌ରେ ବସବାସ କରୁଛନ୍ତି ।

ଏହାପରେ ଆଉଜଣେ ପ୍ରଫେସର୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପ୍ରଶ୍ନ ପଚାରିଲା କି ଆପଣଙ୍କର ସ୍ୱିଡେନ୍‌ରେ ରହଣି କିପରି ବିତିଲା ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ବିଗତ କିଛି ଦିନ ହେବ ବହୁତ କାର୍ଯ୍ୟବ୍ୟସ୍ତତା ରହିଲା । ଜମାତ୍‌ର ବହୁତ ସଦସ୍ୟ ସାକ୍ଷାତ୍ କରିବା ପାଇଁ ଆସୁଥିଲେ । କିଛି ଉତ୍ସବ ଅନୁଷ୍ଠିତ ହେଲା । ମାଲ୍‌ମୋଠାରେ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେଲା । ସେ ପୁଣି ପଚାରିଲେ କଣ ଆପଣ ଗୋଥନ୍‌ବର୍ଗ୍ ଯାଇଛନ୍ତି କି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହି ଗସ୍ତରେ ମୁଁ ଏପର୍ଯ୍ୟନ୍ତ ଗୋଥନ୍‌ବର୍ଗ୍ ଯାଇନାହିଁ । କିନ୍ତୁ ଷ୍ଟକ୍‌ହୋମ୍‌ରୁ ଗୋଥନ୍‌ବର୍ଗ୍ ଯିବାର ପ୍ରୋଗ୍ରାମ୍ ଅଛି । କିନ୍ତୁ ୧୧ ବର୍ଷ ପୂର୍ବେ ଯେବେ ମୁଁ ସ୍ୱିଡେନ୍ ଆସିଥିଲି ସେ ସମୟରେ ଗୋଥନ୍‌ବର୍ଗ୍ ମଧ୍ୟ ଯାଇଥିଲି । ସେ ଯାହାହେଉ ମୁଁ ଷ୍ଟକ୍‌ହୋମ୍‌କୁ ପ୍ରଥମଥର ଆସିଛି ।

ଆଉଜଣେ ପ୍ରଫେସର ପଚାରିଲେ କି କଣ ଏଠି ସ୍ୱିଡେନ୍‌ରେ ଜମାତ୍ ଅହେମଦୀୟାର ସଂଖ୍ୟାରେ ବୃଦ୍ଧି ଘଟୁଛି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣ ଏହା ତ କହିପାରିବେ ନାହିଁ କି ବହୁତ ଅଧିକ ସଂଖ୍ୟାରେ ବୃଦ୍ଧି ହେଉଛି ବୋଲି । କିନ୍ତୁ ଧିରେ ଧିରେ କିଛି ବୃଦ୍ଧି ତ ନିଶ୍ଚିତ ରୂପେ ହେଉଛି । ଏବେ ପାକିସ୍ତାନ୍‌ରୁ ବହୁ ସଂଖ୍ୟକ ରିଫ୍ୟୁଜି ଏଠାରେ ଆସି ରହିଛନ୍ତି । ଯେଉଁମାନଙ୍କୁ UNHCR ଜରିଆରେ ସୁଦୂରପୂର୍ବର ବିଭିନ୍ନ ଦେଶ ମାଲେସିଆ ଓ ଥାଇଲାଣ୍ଡ ଇତ୍ୟାଦିରେ ରିଫ୍ୟୁଜି ଷ୍ଟାଟସ୍ ଦିଆଯାଇଥିଲା ।

ଆଉଜଣେ ମହିଳା ପ୍ରଫେସର୍ ପଚାରିଲେ କି ୟୁ.କେ ରେ ଆପଣଙ୍କର କେତେବଡ଼ ଜମାତ୍ ଅଛି ? ମୁଁ ଶୁଣିଛି କି ସେଠି ମଧ୍ୟ ପୁରା ଦେଶରେ ଆପଣମାନଙ୍କର ମସ୍‌ଜିଦ୍ ଅଛି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ହଁ ପାଖାପାଖି ୩୫୦୦୦ ଅହେମଦୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଲଣ୍ଡନ୍‌ରେ ରହୁଛନ୍ତି କିନ୍ତୁ ଅହେମଦୀମାନେ ସାରା ଦେଶରେ ବ୍ୟାପି ଅଛନ୍ତି । ଏହିଭଳି ସେଠିକାର ସମସ୍ତ ବଡ଼ବଡ଼ ସହରରେ ଆମ ମସ୍‌ଜିଦ୍ ଓ ସେଂଟର୍ ରହିଛି । ୟୁ.କେ ରେ ପ୍ରତ୍ୟେକ ବର୍ଷ ଊଣା ଅଧିକେ ଦୁଇରୁ ତିନୋଟି ମସ୍‌ଜିଦ୍ ନିର୍ମାଣ କରାଯାଉଛି ।

ଏହାପରେ ଆଉଜଣେ ପ୍ରଫେସର୍ ପ୍ରଶ୍ନ ପଚାରିଲେ କି ସିହାଙ୍କ ବିରୋଧରେ ଯେଉଁ ଘୃଣାଭାବ ବଢ଼ିଚାଲିଛି ଏ ସମ୍ବନ୍ଧରେ ଆପଣଙ୍କର ରାୟ କଣ ଓ ଯେଉଁପରି ସିହାଙ୍କ ବିରୋଧରେ ଘୃଣାଭାବ ବଢ଼ିଚାଲିଛି ତାର ଅହେମଦୀମାନଙ୍କ ସହିତ କଣ ସମ୍ପର୍କ ରହିଛି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୁସଲ୍‌ମାନ୍ ମାନଙ୍କର ଅଧିକାଂଶ ଗୋଷ୍ଠୀ ସୁନ୍ନି ଗୋଷ୍ଠୀ ସହିତ ସମ୍ପର୍କ ରଖୁଛନ୍ତି । ଯଦିଚ ସୁନ୍ନିମାନଙ୍କ ଭିତରେ ମଧ୍ୟ ବହୁତ ଫିର୍‌କା ରହିଛି । କିନ୍ତୁ ଏମାନେ ସମସ୍ତେ କହୁଛନ୍ତି କି ସିହା ଲୋକମାନେ ଅସଲ ଶିକ୍ଷାରୁ ଦୂରେଇ ଯାଇଛନ୍ତି ଓ ଇସ୍‌ଲାମ୍‌ର ସଠିକ୍ ଶିକ୍ଷା ଉପରେ ଅମଳ କରୁନାହାଁନ୍ତି । ସେହିଭଳି ସେମାନଙ୍କର ଭାବନା ଆମମାନଙ୍କ ସହିତ ମଧ୍ୟ ରହିଛି । ସିହା ଲୋକମାନଙ୍କର ନିଜର ପ୍ରଥା ଓ ବିଶ୍ୱାସ ଯାହା ଅନେକ ଶହ ବର୍ଷ ହେବ ସେମାନେ ମାନି ଚଳିଆସୁଛନ୍ତି । ଯେବେ କି ଆମର ଏ ବିଶ୍ୱାସ ଅଛି କି ରସୁଲେ କରିମ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଶେଷ ଯୁଗରେ ଜଣେ ବ୍ୟକ୍ତି ପୁନର୍ବାର ଆସି ଇସ୍‌ଲାମ୍‌କୁ ନୂତନ ରୂପେ ଜୀବନ୍ତ କରାଇବ ଓ ରସୁଲେ କରିମ୍ ସ:ଆ:ସ ସେହି ବ୍ୟକ୍ତିଙ୍କ ନାମ ମସିହ୍ ଓ ମେହ୍‌ଦୀ ରଖିଛନ୍ତି । ତେଣୁ ଆମର ଏ ବିଶ୍ୱାସ କି ସେହି ବ୍ୟକ୍ତି ବିଶେଷ ଆବିର୍ଭାବ ହୋଇସାରିଛନ୍ତି ଓ ତାଙ୍କର ପଦମର୍ଯ୍ୟାଦା ନବୀର ପଦମର୍ଯ୍ୟାଦା ଅଟେ । ଆମ ବିରୋଧିମାନଙ୍କର ଅଧିକାଂଶ ସମ୍ପର୍କ ଭିନ୍ନ ଭିନ୍ନ ସୁନ୍ନି ଫିର୍‌କା ସହିତ ରହିଛି କିନ୍ତୁ ସୁନ୍ନି ଓ ସିହା ଏହି ଦୁଇଗୋଷ୍ଠୀ ଆମକୁ ବିରୋଧ କରୁଛନ୍ତି । କାରଣ ଏ ଲୋକମାନେ ଭାବୁଛନ୍ତି କି ପୈଗମ୍ବରେ ଇସ୍‌ଲାମ୍ ସ:ଆ:ସଙ୍କ ପରେ କୌଣସି ନବୀ ଆସିପାରିବେ ନାହିଁ । ସେଇଥିଯୋଗୁ ସେମାନେ ଆମକୁ ବିରୋଧ କରୁଛନ୍ତି । କିନ୍ତୁ ଆମେ ଦଲିଲ୍ ହେଉଛୁ କି ରସୁଲେ କରିମ୍ ସ:ଆ:ସ ଆସିବାକୁ ଥିବା ନବୀ ବିଷୟରେ ଭବିଷ୍ୟବାଣୀ କରିଥିଲେ ଓ କିଛି ନିଦର୍ଶନ/ଚିହ୍ନ ଗୁଡ଼ିକ ମଧ୍ୟ ବର୍ଣ୍ଣନା କରିଥିଲେ । ତେଣୁ ଯେବେ ଆପଣମାନେ ଜମାତ୍ ଅହେମଦୀୟାର କଥା କହୁଛନ୍ତି ବା ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍‌ଙ୍କ କଥା କହୁଛନ୍ତି ତେବେ ତାଙ୍କ ବିଷୟରେ ପୈଗମ୍ବରେ ଇସ୍‌ଲାମ୍ ସ:ଆ:ସ ପୂର୍ବରୁ ଭବିଷ୍ୟବାଣୀ କରିସାରିଛନ୍ତି । ଯଦି ଆମେ ଏହିସବୁ ପ୍ରଥା ଓ ଅକିଦା ଉପରେ ବିଶ୍ୱାସ ରଖୁଛୁ ତେବେ ଏହା ପଛରେ ମଜ୍‌ବୁତ୍ ପ୍ରମାଣ ମଧ୍ୟ ଅଛି । ସେ ଯାହା ହେଉନା କାହିଁକି ଅନ୍ୟ ସବୁ ମୁସଲ୍‌ମାନ୍ ଓ ଆମମାନଙ୍କ ମଧ୍ୟରେ କିଛି ବିଷୟ ବାବଦରେ ମତଭେଦ ରହିଛି କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସାରା ଦୁନିଆର ସୁନ୍ନି ମୁସଲ୍‌ମାନ୍ ଓ ସିହା ମୁସଲ୍‌ମାନ୍ ମାନେ ଜମାତ୍ ଅହେମଦୀୟାରେ ସାମିଲ୍ ହେଉଛନ୍ତି ।

ଏହି ଉତର ଶୁଣି ଆଉଜଣେ ମହିଳା ପ୍ରଫେସର ପଚାରିଲେ କି ସୁନ୍ନି ଓ ସିହାମାନଙ୍କ ଭିତରୁ ଯେଉଁ ଲୋକମାନେ ଆପଣଙ୍କ ଜମାତ୍‌ରେ ସାମିଲ୍ ହେଉଛନ୍ତି କଣ ସେମାନଙ୍କର ସମ୍ପର୍କ ସୁନ୍ନି ଓ ସିହା ମାନଙ୍କର କୌଣସି ବିଶେଷ ବୁଦ୍ଧିଜିବୀ ଗୋଷ୍ଠୀଙ୍କ ସହିତ ଅଛି କି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ସୁନ୍ନି ଓ ସିହାମାନଙ୍କ ଭିତରୁ କୌଣସି ବିଶେଷ ଗୋଷ୍ଠୀ ସହିତ ସମ୍ପର୍କ ରଖିଥିବା ଲୋକେ ଆମ ଜମାତରେ ସାମିଲ୍ ହେଉନାହାଁନ୍ତି ବରଂ ବିଭିନ୍ନ

କାର୍ଯ୍ୟାଳୟ ସହିତ ସମ୍ପର୍କ ରଖିଥିବା ଲୋକେ ସାମିଲ୍ ହେଉଛନ୍ତି ଯେଉଁମାନଙ୍କୁ ଆମ ବିଶ୍ୱାସ ପ୍ରଥା ଓ ଦଲିଲ୍ ବୁଝା ପଡ଼ିଯାଉଛି । ସେମାନେ ଆମ ଜମାତ୍‌ରେ ଦାଖଲ ହେଉଛନ୍ତି ।

ଏଥିରେ ସେ ପଚାରିଲେ କି ଆପଣଙ୍କ ଜମାତ୍‌ରେ ସାମିଲ୍ ହେବାକୁ ହେଲେ କଣ କରିବାକୁ ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଜମାତ୍‌ରେ ଦାଖିଲ୍ ହେବା ବାଲା ବୟତ କରିଥାଏ ଓ କହିଥାଏ କି ମୁଁ ମସିହ୍ ମଉଦ୍ ଆ:ସଙ୍କ ଉପରେ ବିଶ୍ୱାସ ଆଣୁଛି ଓ ତାଙ୍କ ଜମାତ୍‌ରେ ସାମିଲ୍ ହେଉଛି ଓ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସଙ୍କୁ ସେହି ମସିହ୍ ମଉଦ୍ ଓ ଇମାମ୍ ମେହ୍‌ଦୀ ବୋଲି ମାନୁଛି ଯାହାଙ୍କ ଭବିଷ୍ୟବାଣୀ ହଜୁର୍ ସ:ଆ:ସ କରିଥିଲେ । ଏତଦ୍‌ବ୍ୟତୀତ ଆମେ ସେହି କଲ୍‌ମା ପଢ଼ିଥାଉ ଯାହାକୁ ଅନ୍ୟ ମୁସଲ୍‌ମାନ ମାନେ ପଢ଼ିଥାନ୍ତି । ଅର୍ଥାତ୍ ଲା ଇଲାହା ଇଲଲ୍ଲାହୋ ମୁହମ୍ମଦୁର୍ ରସୁଲୁଲ୍ଲାଃ । ଆମେ ମଧ୍ୟ ସେହି ପବିତ୍ର କୋରାନ୍‌କୁ ପାଠ କରିଥାଉ ଓ ତା ଉପରେ ବିଶ୍ୱାସ ମଧ୍ୟ ରଖିଥାଉ । ଆମେ ମଧ୍ୟ ଇସ୍‌ଲାମ୍‌ର ସେହି ପୈଗମ୍ବର୍ ମୁହମ୍ମଦ୍ ସ:ଆ:ସଙ୍କ ଉପରେ ଇମାନ୍ ଆଣିଛୁ ଓ ତାଙ୍କୁ ଖାତମୁନ୍ ନବୀଇନ୍ ରୂପେ ମାନୁଛୁ । ତେଣୁ ଅକିଦା ଦୃଷ୍ଟିକୋଣରୁ ଯଦି ଦେଖାଯାଏ ତେବେ କେବଳ ଆମେ ସେହି ବ୍ୟକ୍ତି ଉପରେ ଇମାନ୍ ଆଣିଛୁ ଯାହାଙ୍କ ବିଷୟରେ ରସୁଲେ କରିମ୍ ସ:ଆ:ସ ପେଶ୍‌ଗୋଇ କରିଥିଲେ କି ସେହି ବ୍ୟକ୍ତି ମସିହ୍ ଓ ମେହ୍‌ଦୀ ହେବେ । ଅନ୍ୟଥା ଆମ ଓ ଅନ୍ୟ ମୁସଲ୍‌ମାନ୍‌ମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ ବା ଆପଣ ଏହା କହିପାରିବେ ପବିତ୍ର କୋରାନ୍‌ରେ କିଛି ଆୟତ ଅଛି ଯାହାର ବ୍ୟାଖ୍ୟା ଅହେମଦୀ ମୁସଲ୍‌ମାନ୍ ଅନ୍ୟ ମୁସଲ୍‌ମାନଙ୍କ ଠାରୁ ଅଲଗା କରିଥାନ୍ତି । ବରଂ ଏହା କହିବା ଉଚିତ୍ ହେବ କି ସେଗୁଡିକ ସଠିକ୍ ରୂପେ ବ୍ୟାଖ୍ୟା କରିଥାନ୍ତି । କାରଣ ଯେଉଁ ତଫ୍‌ସିର୍ (ବ୍ୟାଖ୍ୟା) ଆମେ ବର୍ଣ୍ଣନା କରୁଛୁ ପବିତ୍ର କୋରାନ୍‌ର ଅନ୍ୟ ଆୟତ ଗୁଡିକ ତାର ସହଯୋଗ କରିଥାନ୍ତି । କିନ୍ତୁ ଇସ୍‌ଲାମ୍‌ର କିଛି ଫିର୍‌କା ବା ମୌଲବୀ ବା କିଛି ବୁଦ୍ଧିଜିବୀମାନେ ସେହି ଆୟତ ଗୁଡିକର ତଫ୍‌ସିର୍ ନିଜ ମନଇଛାରେ କରିଥାନ୍ତି ।

ଆଉଜଣେ ପ୍ରଫେସର୍ କହିଲେ- ଇସ୍‌ଲାମ୍‌ର ଅନ୍ୟ ଫିର୍‌କା ଗୁଡିକରେ ଏ ଚିନ୍ତାଧାରା ମିଳୁଛି କି ମେହ୍‌ଦୀ ଶେଷ ଯୁଗରେ ପ୍ରକଟ ହେବେ । ତାର ଅର୍ଥ ଆପଣ କିପରି କରୁଛନ୍ତି ?

ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ-ସେ ଲୋକମାନେ ଏପରି ବୁଝୁଛନ୍ତି କି ଯେବେ ଏ ସଂସାର ଶେଷ ହୋଇଯିବାର ନିକଟତର ହେବ ସେତେବେଳେ ମସିହ୍ ଆକାଶରୁ ଅବତୀର୍ଣ୍ଣ ହେବେ ଓ ମେହ୍‌ଦୀ ପୃଥିବୀରେ ଜନ୍ମ ହେବେ । ସେମାନଙ୍କ ନିକଟରେ ମେହ୍‌ଦୀ ଓ ମସିହ୍ ଦୁଇଜଣଙ୍କର ଅସ୍ତିତ୍ୱ ଅଲଗା ଅଲଗା । ଯେଉଁମାନେ ଜଣେ ଅନ୍ୟଜଣକ ସହିତ ମିଶି ଇସ୍‌ଲାମ୍‌ର ବିରୋଧୀ ମାନଙ୍କୁ ନିଃଶେଷ କରିବେ । ତେଣୁ ଏଠାରେ ପ୍ରଶ୍ନ ଉଠୁଛି କି ଯେବେ ଏ ଦୁନିଆ ଶେଷ ହେବାକୁ ଯାଉଛି ସେତେବେଳେ ସେ ଦୁହିଁଙ୍କର କଣ କାମ ଅଛି ? ଯେବେ ଏ ସଂସାର ଶେଷ ହୋଇଯିବ ତେବେ ସେମାନେ କିପରି ଇସ୍‌ଲାମ୍‌ର ଇସ୍‌ଲାହ୍ କରିବେ ବା କାହାକୁ କହିବେ କି ଇସ୍‌ଲାମ୍ ଗ୍ରହଣ କରିନିଅ ବୋଲି ? ପଥଭ୍ରଷ୍ଟ ହୋଇଥିବା ମୁସଲ୍‌ମାନ୍‌ମାନଙ୍କୁ କିପରି ହିଦାୟତ୍ ଦେବେ ? ତେଣୁ ଆମେ ଏହା କହୁଛୁ କି ଶେଷଯୁଗର ଅର୍ଥ ସେ ଦିନ ନୁହଁ ଯେଉଁଦିନ ସଂସାର ଶେଷ ହୋଇଯିବ ବରଂ ଏହାର ଅର୍ଥ ଚଉଦ ଶଦି ଅଟେ । କାରଣ ଆପଣ ସ:ଆ:ସ ଏହା ମଧ୍ୟ ନିର୍ଦ୍ଦେଶ ଦେଇଥିଲେ କି ତେର ଶଦିର ଶେଷରେ ମସିହ୍ ଓ ମେହ୍‌ଦୀ ପ୍ରକଟ ହେବେ । ପୁଣି ପବିତ୍ର କୋରାନ୍‌ରେ ମଧ୍ୟ ଯେଉଁ ଶେଷ ଯୁଗର ଚିହ୍ନ ଗୁଡିକ ବର୍ଣ୍ଣନା କରାଯାଇଛି ଯେପରି ପବିତ୍ର କୋରାନ୍‌ରେ ବର୍ଣ୍ଣନା ହୋଇଛି କି ଶେଷ ଯୁଗରେ ଯାନବାହାନ ବହୁଳ ମାତ୍ରାରେ ବୃଦ୍ଧି ପାଇବ ଓ ଏହି ସବୁ ଚିହ୍ନକୁ ପୁରଣ ହେବା ଆଜି ଆମେ ଦେଖୁଅଛେ । ଓଟ ଓ ଘୋଡ଼ାରେ ବସି ଯିବା ଆସିବା କରିବାକୁ ବର୍ତମାନ ଲୋକମାନେ ପରିତ୍ୟାଗ କରିସାରିଛନ୍ତି ଓ ସେମାନଙ୍କ ସ୍ଥାନରେ ଜଳଜାହାଜ, ଉଡାଜାହାଜ, ମୋଟର୍‌କାର୍, ଟ୍ରେନ୍ ଓ ବସ୍ ନେଇସାରିଛି । ସେହିଭଳି ରସୁଲେ କରିମ୍ ସ:ଆ:ସ ଆଉ ଗୋଟିଏ ଚିହ୍ନ ମଧ୍ୟ ଭବିଷ୍ୟବାଣୀ କରିଥିଲେ କି ସେ ସମୟରେ ରମ୍‌ଜାନ୍ ମାସର ବିଶେଷ ତାରିଖ ଗୁଡିକରେ ଚନ୍ଦ୍ର ଓ ସୂର୍ଯ୍ୟକୁ ଗ୍ରହଣ ଲାଗିବ । ତାହା ୧୮୯୪ ମସିହାର ରମ୍‌ଜାନ୍ ମାସରେ ପୂରଣ ହୋଇସାରିଛି । ଯେବେ ଚନ୍ଦ୍ରକୁ ଗ୍ରହଣ ଲାଗିବାର ଦିନମାନଙ୍କ ମଧ୍ୟରେ ପ୍ରଥମଦିନ ଗ୍ରହଣ ଲାଗିଲା ଓ ପୁଣି ସେହି ମାସର ୨୮ ତାରିଖକୁ ସୂର୍ଯ୍ୟପରାଗ ହେଲା । ସୁତରାଂ ୧୮୯୪ ମସିହାରେ ଉକ୍ତ ଭବିଷ୍ୟବାଣୀ ମୁତାବକ ସେହି ଦୁଇଟି ଗ୍ରହଣ ଗୋଟିଏ ମାସରେ ପୃଥିବୀର ପୂର୍ବଭାଗରେ ଦେଖାଗଲା । ଓ ପୁଣି ୧୮୯୫ ମସିହାରେ ଚନ୍ଦ୍ର ଓ ସୂର୍ଯ୍ୟଗ୍ରହଣର ଚିହ୍ନ ପୃଥିବୀର ପଶ୍ଚିମ ଭାଗରେ ଦୃଷ୍ଟିଗୋଚର ହେଲା ଅର୍ଥାତ୍ ଆମେରିକା ଓ ଅନ୍ୟ ଦେଶଗୁଡିକରେ ଏହାକୁ ଦେଖାଗଲା । ତେଣୁ ଯେବେ ଏହି ସବୁ ନିଦର୍ଶନ/ ଚିହ୍ନ ଅନୁଷ୍ଠିତ ହେଲା ତେବେ ସେତେବେଳେ ମୁଦେଇ ମଧ୍ୟ ଉପସ୍ଥିତ ଥିଲା । ଆମେ କହୁଛୁ କି ଯେବେ ସେହି ସବୁ ନିଦର୍ଶନ ଗୁଡିକ ପୁରଣ ହୋଇସାରିଛି ଓ ମୁଦେଇ ମଧ୍ୟ ଉପସ୍ଥିତ ଅଛନ୍ତି ତେବେ ତାକୁ ଗ୍ରହଣ ନ କରିବାର କୌଣସି ପ୍ରଶ୍ନ ହିଁ ଉଠୁନାହିଁ । ତେଣୁ ଶେଷ ଯୁଗର ଅର୍ଥ ଏହା ନୁହେଁ କି ଯେବେ ଦୁନିଆ ଶେଷ ହୋଇଯିବ ନଚେତ୍ ଏପରି ସମୟରେ ମସିହ୍ ଓ ମେହ୍‌ଦୀଙ୍କ ଆସିବାର କଣ ଲାଭ ? ଯଦି ଏ କଥା ସତ୍ୟ କି ଆସିବାକୁ ଥିବା ବ୍ୟକ୍ତିବିଶେଷ ଲୋକମାନଙ୍କର ମାର୍ଗଦର୍ଶନ କରିବା ପାଇଁ ଓ ସେମାନଙ୍କୁ ସତ୍‌ପଥରେ ପରିଚାଳିତ କରିବା ପାଇଁ ଆସିବେ ତେବେ ପୁଣି ଲୋକମାନେ ଖୁଦାଙ୍କୁ ପଚାରିବେ କି ଆମକୁ ତ ନିଜ ଭିତରେ ପରିବର୍ତନ ସୃଷ୍ଟି କରିବା ପାଇଁ କୌଣସି ଅବସର ଦିଆଯାଇନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୋ ନିକଟରେ ଏ ସଂସାରର ଠିକ୍ ଶେଷ ହେବା ସମୟରେ ମସିହ୍ ଓ ମେହ୍‌ଦୀଙ୍କ ପ୍ରକଟ ହେବା ଏକ ଭିତିହୀନ କଥା ଅଟେ ।

ଏହାପରେ ଆଉଜଣେ ପ୍ରଫେସର୍ ପ୍ରଶ୍ନ ପଚାରିଲେ କି ଆପଣଙ୍କର ଜମାତ୍ ଅହେମଦୀୟାରେ କଣ ପଦବୀ ରହିଛି ? କଣ ଆପଣଙ୍କର ହସ୍ତକ୍ଷେପ କେବଳ ଧର୍ମଭିତିକ ସମସ୍ୟା ଭିତରେ ସିମୀତ ଅଛି କି ?

ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଖଲିଫା ନବୀଙ୍କ ଉତରାଧିକାରୀ ହୋଇଥାଏ । ତାର ଦାୟିତ୍ୱ କି ସେ ଏହି ସମସ୍ତ କାର୍ଯ୍ୟ ଗୁଡିକୁ ସମ୍ପୂର୍ଣ୍ଣ କରିବା ପାଇଁ ଲାଗେ ଯେଉଁ କାର୍ଯ୍ୟଗୁଡିକୁ ନବୀକୁ କରିବା ପାଇଁ ଦିଆଯାଇଥାଏ ଏବଂ ଏହି ଦାୟିତ୍ୱ ଗୁଡିକ କଣ ? ପ୍ରଥମଟି ହେଉଛି ମାନବଜାତିକୁ ତାର ସୃଷ୍ଟିକର୍ତାଙ୍କ ନିକଟତର କରାଇବା ଓ ଦ୍ୱିତୀୟଟି ହେଉଛି ମାନବ ସମାଜକୁ ସୃଷ୍ଟଜଙ୍କର ଅଧିକାର ଗୁଡିକୁ ପ୍ରଦାନ କରିବା ପାଇଁ ଧ୍ୟାନ ଆକର୍ଷଣ କରାଇବା ଓ ପୁଣି ଇସ୍‌ଲାମ୍‌ର ବାର୍ତାକୁ ପ୍ରଚାର ଓ ପ୍ରସାର କରିବା । ସୁତରାଂ ଏହା ହେଉଛି ଖଲିଫାଙ୍କର ଦାୟିତ୍ୱ । ଖଲିଫା ଜଣେ ଆଧ୍ୟାତ୍ମିକ ମାର୍ଗଦର୍ଶକ ହୋଇଥାନ୍ତି ନା କି ସାଂସାରିକ ସରକାରଙ୍କ ଭଳି କୌଣସି ବିଭାଗର ମୁଖିଆ । ହଁ ଯେଉଁଠି ତାହା ଜମାତ୍‌ର ସମ୍ପର୍କ ରହିଛି ସେଠି ସେ ତା ଜମାତ୍‌ର ବ୍ୟବସ୍ଥାପକ ମୁଖିଆ ହୋଇଥାଏ । କିନ୍ତୁ ସରକାରଙ୍କ କାର୍ଯ୍ୟରେ ସେ ବ୍ୟବସ୍ଥାପକ ମୁଖିଆ ହୁଅନ୍ତି ନାହିଁ । ଆମ ବିଶ୍ୱାସ ମୁତାବକ ଧର୍ମ ଓ ସରକାର ଦୁଇଟି ହେଉଛି ଅଲଗା ଅଲଗା ବସ୍ତୁ । ପ୍ରତ୍ୟେକ ସରକାର ନିଜର କାର୍ଯ୍ୟଗୁଡିକୁ ନିଜ ବ୍ୟବସ୍ଥା ମୁତାବକ ଚଳାଇବେ । ଯଦି ଏହି ସରକାର ଗୁଡିକ ଅହେମଦୀ ହେବେ ତେବେ ଗୋଟିଏ ହାତ ତଳେ ଏକତ୍ର ହେବେ ଓ ଆଧ୍ୟାତ୍ମିକ ରୂପେ ସେମାନଙ୍କର ମାର୍ଗଦର୍ଶନ ଜଣେ ଖଲିଫାଙ୍କ ଜରିଆରେ କରାଯିବ ।

ଆଉଜଣେ ମହିଳା ପ୍ରଫେସର୍ ଯିଏ ଇସ୍‌ଲାମିକ୍ ଏଜୁକେସନ୍‌ରେ ସ୍ପେସାଲିଷ୍ଟ୍ ଅଟନ୍ତି, ସେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ପ୍ରଶ୍ନ ପଚାରିଲେ କି କଣ ଆପଣମାନଙ୍କର ନିଜର ସ୍କୁଲ୍ ଅଛି ? ଯେଉଁଠି ଆପଣମାନେ ନିଜ ସିଲାବସ୍ (ପାଠ୍ୟକ୍ରମ) ପଢ଼ାଉଛନ୍ତି ?

ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ବର୍ତମାନ ତ ୟୁରୋପ ବା ଅନ୍ୟ ପାଶ୍ଚାତ୍ୟ ଦେଶ ଗୁଡିକରେ ଆମ ନିଜର କୌଣସି ସ୍କୁଲ୍ ତ ନାହିଁ କିନ୍ତୁ ଆଫ୍ରିକାରେ ଆମ ନିଜର ସ୍କୁଲ୍ ରହିଛି କିନ୍ତୁ ତାହା ଧାର୍ମିକ ସ୍କୁଲ୍ ନୁହେଁ । ସେଠାରେ ସାଂସାରିକ ଶିକ୍ଷା ସହିତ ପବିତ୍ର କୋରାନ୍, ବାଇବେଲ୍ ଓ ଅନ୍ୟ ଧର୍ମଗୁଡିକର ମୂଳ ଶିକ୍ଷା ଗୁଡିକ ପଢ଼ାଯାଉଛି ଓ ଯେଉଁଠି କୌଣସି ବିଶେଷ ଧର୍ମ ଭିତିକ ସିଲାବସ୍‌ର ସମ୍ପର୍କ ଅଛି ତେବେ ଜର୍ମାନୀର ଗୋଟିଏ ଇଲାକାର ବ୍ୟବସ୍ଥାପକ ମୁସଲ୍‌ମାନ୍ ମାନଙ୍କ ଭିନ୍ନ ଭିନ୍ନ ଗୋଷ୍ଠୀକୁ କହିଥିଲେ କି ସେମାନେ ଇସ୍‌ଲାମ୍ ସମ୍ବନ୍ଧୀୟ ସିଲାବସ୍ ବନାଇ ଦିଅନ୍ତୁ ଯାହା ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ୍‌ରେ ପଢ଼ାଯାଇପାରିବ । ସେଠି ଆମେ ନିଜର ପାଠ୍ୟକ୍ରମ ମଧ୍ୟ ପ୍ରସ୍ତୁତ କରି ଦେଇଥିଲୁ । ତେବେ ସେମାନେ ଆମ ପାଠ୍ୟକ୍ରମକୁ ହିଁ ଗ୍ରହଣ କଲେ ଓ ତାହା ସ୍କୁଲ୍‌ରେ ପଢ଼ାଯାଉଛି । ଏହି ସିଲାବସ୍‌ରେ କୌଣସି ପ୍ରକାର ବିବାଦୀୟ ପ୍ରସଙ୍ଗକୁ ନେବା ପରିବର୍ତେ ଆମେ ପବିତ୍ର କୋରାନ୍ ଓ ରସୁଲେ କରିମ୍ ସ:ଆ:ସଙ୍କ ହଦିସ୍ ଓ ଇସ୍‌ଲାମ୍‌ର ଅସଲ ଇତିହାସକୁ ଗ୍ରହଣ କରିଛୁ ଯାହା ସବୁ ଧର୍ମ ଭିତରେ ସମାନତା ରଖିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏତଦ୍‌ବ୍ୟତୀତ ଆମ ନିକଟରେ ମିଶିନାରୀ ଟ୍ରେନିଂ କଲେଜ୍ ରହିଛି । ୟୁରୋପ୍‌ର କଲେଜଗୁଡିକ ମଧ୍ୟରେ ଗୋଟିଏ କଲେଜ୍ ଜର୍ମାନୀରେ ଅଛି ଓ ଗୋଟିଏ ୟୁ.କେ ରେ ଅଛି । ସେହିପରି କାନାଡ଼ାରେ ମଧ୍ୟ ଅଛି ଓ ଆଫ୍ରିକାରେ ମଧ୍ୟ ଗୋଟିଏ ଇଂଟର୍‌ନ୍ୟାସ୍‌ନାଲ୍ ମିଶିନାରୀ କଲେଜ୍ ରହିଛି । ପୁଣି ଇଣ୍ଡୋନେସିଆରେ ଅଛି । ସେହିପରି ସଟ୍ କୋର୍ସ୍ ପାଇଁ ଦୁନିଆର ବହୁ ଦେଶରେ ଏ କଲେଜ ସ୍ଥାପନ କରାଯାଇଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କାଶିଫ୍ ମେହ୍‌ମୁଦ୍ ଓ୍ୱର୍କ୍ ସାହେବ୍ ମୁବଲିଗ୍ ସିଲ୍‌ସିଲା ଆଡକୁ ଇଂଗିତ କରି କହିଲେ କି ସେ ମଧ୍ୟ ୟୁ.କେ ର ମିଶିନାରୀ ଟ୍ରେନିଂ କଲେଜ୍‌ରେ ଶିକ୍ଷା ଗ୍ରହଣ କରିଛନ୍ତି । ବୋଧହୁଏ ସେହି ଟ୍ରେନିଂ କଲେଜ୍‌ର ସେ ସର୍ବପ୍ରଥମ ପାସ୍ ଆଉଟ୍ ହୋଇଥିବା କ୍ଲାସ୍‌ରେ ଥିଲେ । ତେବେ ଆପଣ ଏହା କହିପାରିବେ କି ତାଙ୍କର ଗଣନା ସେହି କଲେଜ୍‌ର ପ୍ରାରମ୍ଭିକ ଛାତ୍ରମାନଙ୍କ ଭିତରେ ହୋଇଥାଏ ।

ଏହାପରେ ଆଉଜଣେ ପ୍ରଫେସର ପ୍ରଶ୍ନ ପଚାରି କହିଲେ କି ପାକିସ୍ତାନ୍ ଓ ବାଂଲାଦେଶ୍‌ରେ ସରକାରଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିବା ପ୍ରସଙ୍ଗରେ କର ଜମାତ୍ ଅହେମଦୀୟାରେ କୌଣସି ସୁଧାର ଆସିଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁଠି ବାଂଲାଦେଶ୍ ସରକାରଙ୍କ ସହିତ ଜମାତ୍ ଅହେମଦୀୟାର ସମ୍ପର୍କ ରଖିବାର କଥା ଉଠୁଛି ତେବେ ଆମର ସେଠିକା ସରକାରଙ୍କ ସହିତ ଉତମ ସମ୍ପର୍କ ରହିଛି । କାରଣ ବାଂଲାଦେଶ୍‌ରେ ଆମ ଜମାତ୍ ବିରୁଦ୍ଧରେ କୌଣସି କାନୁନ୍ ନାହିଁ କିନ୍ତୁ ଯେଉଁଠି ପାକିସ୍ତାନ୍ ସହିତ ସମ୍ପର୍କର କଥା ଉଠୁଛି ତେବ ପାକିସ୍ତାନ୍‌ର ସରକାର ୧୯୭୪ ମସିହାରେ ସେଠିକାର ପାର୍ଲିଆମେଂଟ୍‌ରେ ଅହେମଦୀମାନଙ୍କ ବିରୁଦ୍ଧରେ କାନୁନ୍ ପ୍ରଣୟନ କରିଛନ୍ତି କି କାନୁନ୍ ଓ ଆଇନ୍ ଦୃଷ୍ଟିକୋଣରୁ ଅହେମଦୀ ମାନେ ମୁସଲ୍‌ମାନ୍ ନୁହଁନ୍ତି । ସୁତରାଂ ସେଠି ଅହେମଦୀ ମାନଙ୍କ ଖିଲାଫରେ କାନୁନ୍ ରହିଛି ଓ ସେହି କାନୁନ୍‌ରେ ଆଉ ଟିକିଏ ଅଧିକା ଜିଆଉଲ୍ ହକ୍ ମାର୍ସଲ୍ ଲ ଜାରି କରିବା ସମୟରେ ହୋଇଥିଲା । ପ୍ରଥମତଃ କେବଳ ପାର୍ଲିଆମେଂଟ୍‌ରେ କାନୁନ୍ ପାସ୍ କଲା କି ଆମେ ମୁସଲ୍‌ମାନ୍ ନୁହଁନ୍ତି । କିନ୍ତୁ ଏଥିରେ କୌଣସି ଫରକ ପଡୁନାହିଁ । ପାର୍ଲିଆମେଂଟ୍ ତା ମନଇଛାରେ ଯାହା କିଛି ଭାବୁ । ଆମେ ନିଜକୁ ମୁସଲ୍‌ମାନ୍ ବୋଲି ଭାବୁଛୁ । କିନ୍ତୁ ଜିଆଉଲ୍ ହକ୍ ଯେଉଁ କାନୁନ୍ ଲାଗୁ କଲେ ତା ମୁତାବକ ଆମେ ନିଜକୁ ମୁସଲ୍‌ମାନ୍ ବୋଲି କହିପାରିବୁ ନାହିଁ । ଆମେ ନିଜ ପିଲାମାନଙ୍କର ନାମକୁ ମୁସଲ୍‌ମାନଙ୍କ ପରି ନାମ ରଖିବୁ ନାହିଁ । ଆମେ ଆମ ମସ୍‌ଜିଦ୍ ଗୁଡିକୁ ମସ୍‌ଜିଦ୍ ବୋଲି କହିପାରିବୁ ନାହିଁ । ଏପରିକି ଜଣେ ଅନ୍ୟଜଣକୁ ଇସ୍‌ଲାମୀୟ ଶୈଳୀ ମୁତାବକ ଅସ୍‌ସଲାମୋ ଆଲୈକୁମ୍ ମଧ୍ୟ କହିପାରିବୁ ନାହିଁ । ସୁତରାଂ ଯେପର୍ଯ୍ୟନ୍ତ ଏହି ସବୁ କାନୁନ୍ କାଏମ୍ ଅଛି ଓ ସେହି କାନୁନ୍‌ର ଆଳରେ ଆମ ଉପରେ ଅତ୍ୟାଚାର ଜାରି ରହିଥିବ ସେ ପର୍ଯ୍ୟନ୍ତ ପାକିସ୍ତାନ୍‌ରେ ଆମର ଅବସ୍ଥା ଓ ସମ୍ପର୍କ କିପରି ଉତମ ହୋଇପାରିବ । କିନ୍ତୁ ବଙ୍ଗଳାଦେଶର ଅବସ୍ଥା ଭିନ୍ନ ଅଟେ । ତେଣୁ ଏହାର ସମ୍ପର୍କ ସରକାରଙ୍କ ପଲିସି ସହିତ ଅଛି । ଜମାତ୍‌ର ବଙ୍ଗଳାଦେଶରେ ଥିବା ବର୍ତମାନ ସରକାରଙ୍କ ସହିତ ବହୁତ ଉତମ ସମ୍ପର୍କ ଅଛି । (କ୍ରମଶଃ....)

(ବହଓ୍ୱାଲା ଅଖିବାର୍ ବଦର୍
୨୧ ଜୁଲାଇ ୨୦୧୬)

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.3 Thursday 14 June 2018 Issue No.24

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:** Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଡେନ୍‌ମାର୍କ୍ ଏବଂ ସ୍ୱିଡେନ୍ ଗସ୍ତ-ମଇ ୨୦୧୬ ର କାର୍ଯ୍ୟବ୍ୟସ୍ତତା

**୧୭ ମଇ ୨୦୧୬ (ମଙ୍ଗଳବାର)**

**ରିପୋର୍ଟର ବଳକା ଅଂଶ**

**ହଜୁର୍ ଅନୁୱର୍ ଅ:ବ:ଅଙ୍କ ଅଭିଭାଷଣ**

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ୭:୩୫ ରେ ଇଂରାଜୀ ଭାଷାରେ ଅଭିଭାଷଣ ପ୍ରଦାନ କଲେ ।

ହଜୁର୍ ଅନୁୱର୍ ଅ:ବ:ଅ ଭାଷଣର ଶୁଭାରମ୍ଭ ବିସ୍‌ମିଲ୍ଲାଃ ହିର୍‌ରହ୍‌ମା ନିର୍‌ରହିମ୍ କହି କଲେ ଓ ଏହାର ଇଂରାଜୀ ଅନୁବାଦ ଉପସ୍ଥାପନ କଲେ ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ସମସ୍ତ ସମ୍ମାନୀୟ ଅତିଥିବୃନ୍ଦ ! ଆପଣ ସମସ୍ତଙ୍କ ଉପରେ ଅଲ୍ଲାଃତାଲାଙ୍କର ଶାନ୍ତି ଓ କରୁଣା ଅବତୀର୍ଣ୍ଣ ହେଉ । ସର୍ବପ୍ରଥମେ ମୁଁ ଏ ଅବସରରେ ଆପଣ ସମସ୍ତଙ୍କ ଆଜିର ଏହି ଉତ୍ସବରେ ଆମ ନିମନ୍ତ୍ରଣ ଗ୍ରହଣ କରିଥିବାରୁ ଧନ୍ୟବାଦ ଅର୍ପଣ କରିବାକୁ ଚାହୁଁଛି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ବର୍ତମାନ ଆମେ ଗୋଟିଏ କଠିନ ସମୟ ଦେଇ ଗତି କରୁଅଛେ । ମୋ ମତରେ ଦୁନିଆର ଶାନ୍ତି ବର୍ତମାନ ଆମ ସମସ୍ତଙ୍କ ସମ୍ମୁଖରେ ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ଓ ଜଟିଳ ସମସ୍ୟା ଅଟେ । କଠିନତାର ସମୟରେ ଆମେ ଏହି ପରିସ୍ଥିତିର ମୁକାବିଲା କିପରି କରିପାରିବା ? ମୋ ନିକଟରେ ସମସ୍ତ ମାନବଜାତିକୁ ଜାତି, ବର୍ଣ୍ଣ, ରଙ୍ଗ ଠାରୁ ଉର୍ଦ୍ଧ୍ୱରେ ରହି ପ୍ରେମ, ଶାନ୍ତି, ଧୌର୍ଯ୍ୟ, ସହିଷ୍ଣୁତା ଓ ଆପୋଷ ପ୍ରେମଭାବ ପରି ମୂଳ ମାନବିକ ଅଧିକାରକୁ ଉଚ୍ଚା କରିବାକୁ ହେବ । କୌଣସି ବ୍ୟକ୍ତିଙ୍କ ପ୍ରଥା, ଧର୍ମ ବା ଜାତିକୁ ଆଧାର କରି ତା ସହିତ ବିଶେଷ ବ୍ୟବହାର କରିବା ଏବେ ଏ ସଂସାରରେ କୌଣସି ସ୍ଥାନ ନାହିଁ । ତେଣୁ ସରକାର ଓ ଧର୍ମ ଏହି ଦୁଇଟିକୁ ପ୍ରତ୍ୟେକ ପ୍ରକାର ଘୃଣାଭାବଠାରୁ ଦୂରେଇ ପବିତ୍ର ହେବାକୁ ପଡ଼ିବ । ପ୍ରତ୍ୟେକଙ୍କୁ ନିଜ ଇଚ୍ଛା ମୁତାବକ ପ୍ରଥା ବା ବିଶ୍ୱାସକୁ ଆପଣେଇବା ପାଇଁ ସ୍ୱାଧିନତା ମିଳିବା ଉଚିତ୍ । କାରଣ ତାର ବିଶ୍ୱାସ ହେଉଛି ତା ନିଜି ମାମଲା ଯାହାର ସମ୍ପର୍କ କେବଳ ତା ମନ ଓ ବୁଦ୍ଧି ସହିତ ରହିଛି । ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ନିଜ ଧର୍ମର ଶିକ୍ଷା ଉପରେ ପରିଚାଳିତ ହେବା ପାଇଁ ସ୍ୱାଧିନତା ମିଳିବା ଉଚିତ୍ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ:- ଯେପରିକି ମୁଁ ପୂର୍ବରୁ କହିସାରିଛି କି ବର୍ତମାନ ଏହା ଆବଶ୍ୟକ କି ଆମ ସମସ୍ତଙ୍କୁ ସତ୍ୟ ଓ ଅଧିକ ସମୟ ପର୍ଯ୍ୟନ୍ତ ଶାନ୍ତି ସ୍ଥାପନ କରିବାର ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଚେଷ୍ଟା କରିବାକୁ ହେବ । କିନ୍ତୁ ଦୁଃଖର କଥା ହେଉଛି କି ବର୍ତମାନ ମୁସଲ୍‌ମାନ ଦେଶଗୁଡିକ ଏ ଦୁନିଆରେ ଅସ୍ଥିରତା ଓ ଯୁଦ୍ଧର କେନ୍ଦ୍ରବିନ୍ଦୁ ହୋଇଛି କାରଣ ସେହି ଦେଶ ଗୁଡିକର ସରକାର ଓ ତୁଙ୍ଗ ନେତାମାନେ ନିଜ ଧର୍ମ ଶିକ୍ଷାକୁ ସମ୍ପୂର୍ଣ୍ଣ ରୂପେ ଭୁଲାଇ ଦେଇଛନ୍ତି । କିନ୍ତୁ ପଶ୍ଚିମ ଦେଶ ଗୁଡିକରେ ରହୁଥିବା ଲୋକମାନଙ୍କୁ ମଧ୍ୟ ଉକ୍ତ ବିପଦରୁ ସୁରକ୍ଷାରେ ଅଛନ୍ତି ବୋଲି ମଣିବା ଉଚିତ୍ ନୁହେଁ କାରଣ ଏହି ଯୁଗରେ ଏ ସଂସାର ସଙ୍କୋଚିତ ହୋଇ ଗୋଟିଏ ଗ୍ଲୋବାଲ୍ ଭିଲେଜ୍ ହୋଇସାରିଛି ଓ ଦୁନିଆର ଗୋଟିଏ ଭାଗରେ ଘଟୁଥିବା ବିଭ୍ରାଟର ପ୍ରଭାବ କେବଳ ସେହି ଭାଗରେ ସିମୀତ ରହୁନାହିଁ । ଆମେ ଏହା ଦେଖୁଅଛେ କି ମୁସଲ୍‌ମାନ୍ ଦେଶ ଗୁଡିକରେ ହେଉଥିବା ଅସ୍ଥିରତା ଦିନକୁ ଦିନ ବାକି ଦୁନିଆର ଦେଶଗୁଡିକରେ ମଧ୍ୟ ପ୍ରଭାବ ପକାଇ ଚାଲିଛି ଓ ବାସ୍ତବରେ ଏହାର ପ୍ରତକ୍ଷ୍ୟ ପ୍ରଭାବ ଆମକୁ ଏଠି ସ୍ୱୀଡେନ୍‌ରେ ମଧ୍ୟ ଦେଖିବାକୁ ମିଳିଛି ।

ହଜୁର୍ ଅନୁୱର ଅ:ବ:ଅ କହିଲେ ଏବେ ଲମ୍ୱା ଲମ୍ୱା ସଫର୍ (ଯାତ୍ରା) କରିବା ବହୁତ ସହଜ ହୋଇଯାଇଛି । ବିଗତ ବର୍ଷ ଗୁଡିକରେ ହିଁ ଯଦି କୋଟି ନୁହେଁ ତେବେ ଲକ୍ଷ୍ୟ ଲକ୍ଷ୍ୟ ଲୋକ ଯୁଦ୍ଧଦ୍ୱାରା ପ୍ରଭାବିତ ହୋଇଥିବା ଦେଶଗୁଡିକ ଯେପରି ଶିରିଆ ଓ ଇରାକ୍‌ରୁ ପଳାୟନ କରି ଉତମ ଭବିଷ୍ୟତକୁ ଖୋଜିବା ପାଇଁ ଏଠି ପାଶ୍ଚାତ୍ୟ ଦେଶଗୁଡିକୁ ଆସିଛନ୍ତି । ସ୍ୱିଡିଶ୍ ସରକାର ଓ ସ୍ୱିଡିଶ୍ ଲୋକମାନଙ୍କ ଉଦାର ମନୋଭାବ ଯୋଗୁ ଏ ଦେଶ ନିଜ ଅଧିବାସୀଙ୍କ ଅପେକ୍ଷା ବହୁତ ଅଧିକ ଶରଣାର୍ଥୀମାନଙ୍କୁ ଗ୍ରହଣ କରିସାରିଛି । ଏତେ ସଂଖ୍ୟକ ଶରଣାର୍ଥୀମାନଙ୍କୁ ନିଜ ଭିତରେ ସାମିଲ୍ କରାଇବା ବହୁତ ବୁଦ୍ଧିମତାର କାର୍ଯ୍ୟ ଓ ଏହା ପ୍ରମାଣ କରୁଛି କି ସ୍ୱିଡେନ୍ ଦୟାଳୁ ଓ ଉଦାର ହୃଦୟ ଲୋକମାନଙ୍କ ଦ୍ୱାରା ଭରି ରହିଛି । ଆପଣମାନଙ୍କର ଏହି ଉଦାର ମନୋଭାବ ଏଠାକୁ ଆସୁଥିବା ମୁହାଜିରିନ୍ ଓ ଶରଣାର୍ଥୀ ମାନଙ୍କ ଉପରେ ଗୋଟିଏ ବହୁତ ବଡ଼ ଦାୟିତ୍ୱ ନ୍ୟସ୍ତ କରୁଅଛି ଓ ତାଙ୍କଠାରୁ ଏହା ଆଶ କରୁଛି କି ସେମାନେ ଏଠାରେ ଏକ ଶାନ୍ତିପ୍ରିୟ ଅଧିବାସୀ ହୋଇ ଜୀବନଯାପନ କରନ୍ତୁ । ଓ ଏଠିକାର ସରକାର ଓ ଅଧିବାସୀମାନଙ୍କୁ କୃତଜ୍ଞତା ଜ୍ଞାପନ କରନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ବାସ୍ତବରେ ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଆମକୁ ଏ ଶିକ୍ଷା ଦେଇଛନ୍ତି କି ସେ ବ୍ୟକ୍ତି ଯିଏ ନିଜ ସାଥିଙ୍କ କୃତଜ୍ଞତା ଜ୍ଞାପନ କରୁନାହିଁ ସେ ଇଶ୍ୱରଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କରୁନାହିଁ । ତେଣୁ ସେହି ମୁସଲ୍‌ମାନ୍ ମୁହାଜିରିନ୍ ଓ ଶରଣାର୍ଥୀ ମାନଙ୍କର ଏହା ହେଉଛି ଏକ ଧାର୍ମିକ ଦାୟିତ୍ୱ କି ସେମାନେ ସର୍ବଦା ଏକଥାକୁ ମନେ ରଖନ୍ତୁ କି ଏହି ଦେଶ ସେମାନଙ୍କୁ ଏଠାରେ ରହିବା ପାଇଁ ଓ ଏ ଦେଶରୁ ଲାଭ ଉଠାଇବବା ପାଇଁ ଅନୁମତି ଦେଇ କୃପା କରିଛି । ଏହି ଶରଣାର୍ଥୀମାନେ ଶାନ୍ତି ଅନ୍ୱେଷଣରେ ନିଜ ପୁରୁଣା ଜୀବନକୁ ପରିତ୍ୟାଗ କରି ବାହାରିଥିଲେ ଓ ଏବେ ଯେବେ ସେମାନଙ୍କୁ ଶାନ୍ତି ଓ ସୁରକ୍ଷା ମିଳିଗଲା । ସେତେ ସେମାନଙ୍କର ଏ ଦାୟିତ୍ୱ ହେଉଛି କି ସେମାନେ ଏ ଦେଶ ଭିତରେ ଶାନ୍ତିପ୍ରିୟ ଜୀବନଯାପନ କରି ରୁହନ୍ତୁ ଓ ଏହି ଦେଶର କାନୁନ୍ ମାନ ଚଳନ୍ତୁ । ସମସ୍ତ ଶରଣାର୍ଥୀମାନଙ୍କର ଏହା ମଧ୍ୟ କର୍ତବ୍ୟ କି ସେମାନେ ଏ ସମାଜର ହିତାକାଂକ୍ଷୀ ହୁଅନ୍ତୁ ଓ ମନେରଖନ୍ତୁ କି ଇସ୍‌ଲାମ୍‌ର ନବୀ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଏ ଶିକ୍ଷା ଦେଇଛନ୍ତି କି ଜଣେ ମୁସଲ୍‌ମାନ୍‌ର ନିଜ ଦେଶ ସହିତ ପ୍ରେମ କରିବା ହେଉଛି ତା ଇମାନ୍‌ର ଧାର୍ଯ୍ୟ ଅଂଶ । ତେଣୁ ଯେଉଁ ଦେଶ ଏହି ମୁହାଜିରିନ୍ ମାନଙ୍କୁ ଗ୍ରହଣ କରିଛି ଏବେ ସେହି ମୁହାଜିରିନ୍ ମାନଙ୍କର ଏ କର୍ତବ୍ୟ କି ସେମାନେ ଏ ଦେଶ ସହିତ ସର୍ବଦା ଭକ୍ତିଭାବ ପୋଷଣ କରନ୍ତୁ ଓ ନିଜର ସମସ୍ତ ସାମର୍ଥ୍ୟକୁ କାର୍ଯ୍ୟରେ ଆଣି ଏହି ଦେଶର ଉନ୍ନତି ଓ ସଫଳତା ପାଇଁ ସାହାଯ୍ୟ କରନ୍ତୁ ।

ହଜୁର୍ ଅନୁୱର ଅ:ବ:ଅ କହିଲେ ଏତଦ୍‌ଭିନ୍ନ ସରକାର କେବଳ ମୁହାଜିର୍ ମାନଙ୍କୁ ବିସ୍ଥାପିତ କରିବା ଦାୟିତ୍ୱରେ ଲାଗି ନରହୁ, ଯାହା ଫଳରେ ସରକାରଙ୍କ ନିଜ ଅଧିବାସୀ ମାନଙ୍କର ଅଧିକାରକୁ ଅଣଦେଖା ହେବ । ପୂର୍ବରୁ ମଧ୍ୟ ଏ ରିପୋର୍ଟ୍ ମିଳିଛି କି ସ୍ଥାନୀୟ ଅଧିବାସୀମାନେ ମିଡ଼ିଆ ସମ୍ମୁଖରେ ଏ ଅଭିଯୋଗ କରିଛନ୍ତି କି ମୁହାଜିରିନ୍ ମାନଙ୍କୁ ତାଙ୍କ ଉପରେ ଅଗ୍ରାଧିକାର ଦିଆଯାଉଛି । ଗୋଟିଏ ରିପୋର୍ଟ ମୁତାବକ ଜଣେ ସ୍ଥାନୀୟ ବୟସ୍କ ମହିଳାଙ୍କ ସଠିକ୍ ଉପଚାର କରାଯାଇନାହିଁ ଓ ଡାକ୍ତରଖାନାରେ ରହିବା ସମୟରେ, ତାଙ୍କୁ ସମ୍ପୂର୍ଣ୍ଣ ଖାନା ମଧ୍ୟ ଦିଆଯାଇନାହିଁ । କିନ୍ତୁ ଅନ୍ୟପଟେ ମୁହାଜିରିନ୍ ମାନଙ୍କର ସଠିକ୍ ରୂପେ ଧ୍ୟାନ ରଖାଯାଉଛି । ଇଶ୍ୱର ଜାଣନ୍ତି କି ଏ ରିପୋର୍ଟ କେତେଦୂରୁ ସତ । କିନ୍ତୁ ଯଦି ସେ ରିପୋର୍ଟ୍‌ସ୍‌ରେ କିଛି ସତ୍ୟତା ଥିବା ତେବେ ତାହା ବହୁତ ବିପଦପୂର୍ଣ୍ଣ ଅଟେ । ଯଦି ମୁହାଜିରିନ୍ ମାନଙ୍କୁ ଆସନ୍ତାକୁ ମଧ୍ୟ ଏହିଭଳି ଅଗ୍ରାଧିକାର ଦିଆ ଚାଲିବ ଏଥିରେ ବହୁତ ବିପଦପୁର୍ଣ୍ଣ ଫଳ ବାହାରିପାରେ । ଏହି ପ୍ରକାରର ଅନ୍ୟାୟ ଯୋଗୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଓ ନିରାଶା ମନୋଭାବ ଜାଗ୍ରତ ହେବ ଯାହା ସହଜରେ ମୁହାଜିର୍‌ଙ୍କ ବିରୋଧରେ ଘୃଣାରେ ପରିବର୍ତନ ହୋଇପାରେ । ସ୍ୱିଡିଶ୍ ଜାତି ବହୁତ ଦିନରୁ ନିଜର ଉଦାର ହୃଦୟତା ଯୋଗୁ ଜଣାଯାଏ । କିନ୍ତୁ ତା ସହିତ ଠିକ୍ ବ୍ୟବହାର ନକରାଗଲେ ସେ ଜାତି ସମ୍ପୂର୍ଣ୍ଣ ରୂପେ ପରିବର୍ତନ ମଧ୍ୟ ହୋଇପାରେ, ଯାହାଦ୍ୱାରା ସମାଜରେ ଶାନ୍ତିକୁ ବିପଦ ଗ୍ରାସ କରିପାରେ ଓ ପୁଣି ଏହି ପରବର୍ତନ ଶରଣ ଓ ଇଂଟିଗ୍ରେସନ୍‌ର ଯୁକ୍ତାତ୍ମକ ପ୍ରଭାବରୁ ଲାଭ ଉଠାଇବା ପରିବର୍ତେ ଘୃଣାଭାବକୁ ଅଧିକ କରିପାରେ ।

ହଜୁର୍ ଅନୁୱର ଅ:ବ:ଅ କହିଲେ ତେଣୁ ମୁଁ ସରକାର ଓ କାନୁନ୍ ସାଜି ଲୋକଙ୍କୁ ଏହି ଉପଦେଶ ଦେବି କି ସେମାନେ ଏକଥା ନିଶ୍ଚିତ କରାନ୍ତୁ କି ସ୍ଥାନୀୟ ଲୋକମାନଙ୍କର ଅଧିକାର କୌଣସି ପ୍ରକାରେ ମଧ୍ୟ ଅଣଦେଖା ନହେଉ ବା ତାଙ୍କ ଉପରେ କୌଣସି ପ୍ରକାରର ଖରାପ ପ୍ରଭାବ ନପଡୁ । ଏହା ଏକ ଭାବନାତ୍ମକ ମାମଲା ଅଟେ । ତେଣୁ ଏହାକୁ ବହୁତ ସାବଧାନର ସହିତ ଦେଖାଯିବା ଉଚିତ୍ କାରଣ ସ୍ଥାନୀୟ ଲୋକଙ୍କ ଭିତରେ ମୁହାଜିର୍‌ଙ୍କ ପାଇଁ ଯେଉଁ ଅସନ୍ତୋଷ ସୃଷ୍ଟି ହୋଇଛି ଏହା ଦ୍ୱାରା ବିପଦପୁର୍ଣ୍ଣ ପ୍ରତିକ୍ରିୟା ଆରମ୍ଭ ହୋଇଯିବ । ସ୍ଥାନୀୟ ଅଧିବାସୀମାନେ ଶରଣାର୍ଥୀମାନଙ୍କ ବିରୋଧୀ ହୋଇଯିବେ, ଯାହାଫଳରେ ବୋଧହୁଏ ମୁହାଜିର୍ ମାନଙ୍କୁ ସମାଜରୁ ଅଲଗା କରିଦିଆଯିବ ଓ ସମ୍ଭବତଃ ଏହି ଏକୁଟିଆ ହୋଇଯିବାର ଭାବନା ଯୋଗୁ କିଛି ମୁହାଜିର୍ କଠୋର ପନ୍ଥୀ ଲୋକମାନଙ୍କ ହାତରେ ପଡ଼ି Radicalisation ର ଶିକାର ହୋଇଯିବେ ଓ ହୋଇପାରେ ଏହିଭଳି ଏକ ସଇତାନି ଚକ୍ର ଆରମ୍ଭ ହୋଇଯିବ ଯାହାଦ୍ୱାରା ଏ ଜାତିର ଶାନ୍ତି ନଷ୍ଟ ହେବ ।

ହଜୁର୍ ଅନୁୱର ଅ:ବ:ଅ କହିଲେ ଇଶ୍ୱର ନକରନ୍ତୁ ଯଦି ଏହିପରି କଠୋରପନ୍ଥୀମାନେ କିଛି ଲୋକଙ୍କୁ Radicalise କରିବାରେ ସଫଳ ହୋଇଯାଆନ୍ତି ତେବେ ତାହା ଏହି ଜାତିର ଖୁସି, ସୁରକ୍ଷା ଓ ଶାନ୍ତି ପାଇଁ ବହୁତ ବଡ଼ ବିପଦ ହୋଇଯିବ । ସୁତରାଂ ଯେପରିକି ମୁଁ କହିଲି କି ସମାନତାକୁ ଧ୍ୟାନରଖି କାର୍ଯ୍ୟ କରିବାକୁ ହେବ ଓ ଅତ୍ୟନ୍ତ ସତର୍କତାର ସହିତ କଠୋରପନ୍ଥୀ ମାନଙ୍କ ଉପରେ ଦୃଷ୍ଟି ରଖିବାକୁ ପଡ଼ିବ । ସରକାର ଯେଉଁଠି ସେହି ମୁହାଜିର୍ ମାନଙ୍କୁ ବିସ୍ଥାପନ କରିବା ପାଇଁ ଚେଷ୍ଟା କରୁଛି ସେଠାରେ ତାଙ୍କ ଉପରେ ଏହା ମଧ୍ୟ ସ୍ୱଷ୍ଟ କରିବାକୁ ହେବ କି ଅର୍ଥାତ୍ ମୁହାଜିର୍‌ଙ୍କ ଠାରୁ ଏ ଆଶା କରାଯାଇପାରିବ କି ସେମାନେ ଯଥାଶିଘ୍ର ନିଜ ଗୋଡରେ ଛିଡ଼ା ହୁଅନ୍ତୁ ଓ ଏହି ସମାଜର ଉନ୍ନତି ପାଇଁ କାର୍ଯ୍ୟ କରନ୍ତୁ । ଅନ୍ୟପଟେ ସ୍ଥାନୀୟ ଅଧିବାସୀମାନଙ୍କୁ ଏହା ମଧ୍ୟ ମନେରଖିବା ଉଚିତ୍ କି ସ୍ୱିଡେନ୍ ମାନବସେବାକୁ ଏକ ଚାରିତ୍ରିକ ଦାୟିତ୍ୱ ରୂପେ ଭାବି ଉକ୍ତ ଶରଣାର୍ଥୀମାନଙ୍କୁ ଗ୍ରହଣ କରିଛି । ସେଇଥିପାଇଁ ସେମାନେ ଉକ୍ତ ସେବା ଓ ପ୍ରେମର ଭାବନା ଦ୍ୱାରା ତାଙ୍କ ଦେଶକୁ ଆସୁଥିବା ଲୋକମାନଙ୍କୁ ସ୍ୱାଗତ କରନ୍ତି । ମୁଁ ପୁଣି କହିବି କି ଏହା ଅତ୍ୟନ୍ତ ଜରୁରୀ ଅଟେ କି ଆପଣମାନେ ସେହି ମୁହାଜିର୍‌ମାନଙ୍କୁ ନିଜ ସମାଜରେ ଇଂଟିଗ୍ରେସନ୍ ଉପରେ ବହୁତ ଅଧିକା ଧ୍ୟାନ ଦିଅନ୍ତୁ ନଚେତ୍ ଅବସ୍ଥା ଅଣ ଆୟତ ହୋଇ ବାହାରକୁ ଚାଲିଯିବ ।

ହଜୁର୍ ଅନୁୱର ଅ:ବ:ଅ କହିଲେ ଯେଉଁଠି ଇସ୍‌ଲାମୀୟ ଶିକ୍ଷାର ସମ୍ବନ୍ଧ ରହିଛି ସେଥିରେ ମୁଁ ଆପଣମାନଙ୍କୁ ଆଉଥରେ ପୁଣି ଏ ବିଶ୍ୱାସ ଜନ୍ମାଉଛି କି ଇସ୍‌ଲାମ୍ ସମସ୍ତଙ୍କ ପାଇଁ ଶାନ୍ତି, ସୌହାର୍ଦ୍ଦ୍ୟ, ପ୍ରେମର ଧର୍ମ ଅଟେ । ଇସ୍‌ଲାମ୍ ମୁସଲ୍‌ମାନଙ୍କ ଠାରୁ ଏ ଆଶା କରୁଛି କି ସେମାନେ ଏ ଦେଶକୁ ପ୍ରେମ କରନ୍ତୁ ଓ ନିଜ ଦେଶ ସହିତ ଭକ୍ତି କରନ୍ତୁ ଓ ଦେଶର କାନୁନ୍‌କୁ ମାନି ଚଳନ୍ତୁ । ଏଠିକାର ମୁସଲ୍‌ମାନ୍ ଇମାମ୍‌ମାନେ ପଶ୍ଚିମ ଦେଶକୁ ଆସୁଥିବା ସମସ୍ତ ମୁହାଜିର୍‌ମାନଙ୍କୁ ଉପରୋକ୍ତ ବାର୍ତା ଦେବା ଉଚିତ୍ । ସେହି ଲୋକମାନଙ୍କୁ ଏହା ବତାଇବା ଉଚିତ୍ ହେବା କି ଏହି ଦେଶର ଓ ଏ ଜାତିର କୃତଜ୍ଞତା ଜ୍ଞାପନ କରିବା ସେମାନଙ୍କ ପାଇଁ ଧାର୍ଯ୍ୟ

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan